


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-101 •TUESDAY •7 OCTOBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୦୧ •ମଙ୍ଗଳବାର •୭ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ସାରା ରାଜ୍ୟକୁ ବ୍ୟାପିଛି ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ବୁଢ଼ିଆଣୀ ଜାଲ

# ଢୋଲ ଭିତରେ ମୂଷା

■ ଭୁବନେଶ୍ୱର,୬ ।୧୦(ସମିସ): ଓଡ଼ିଶାରେ ପୁଲିସ ଚାକିରି ବେପାର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ କରାଯାଇଥିବା ଏହି ଷଡ଼ଯନ୍ତ୍ରର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ କିଛି ତଥ୍ୟ ମଧ୍ୟ ଲାଗିଛି । ମାତ୍ର

### ସେପ୍ଟେମ୍ବର ମାସରେ ପରୀକ୍ଷା ଅଭ୍ୟାସ କରିଛନ୍ତି ଆହୁରି ୩ଶହ ଆଶାୟୀ

### ଶଙ୍କରର ବ୍ୟାଙ୍କ ଆକାଉଣ୍ଟରେ ହୋଇଛି କୋଟି କୋଟି ଟଙ୍କା କାରବାର

ସଂଗଠିତ ଭାବରେ ଚାକିରି ବିକ୍ରିର ଚେର ଯାଏ କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ । ଯେଉଁ ସ୍ଥାନରେ କ୍ରାଇମବ୍ରାଞ୍ଚ ଚଢ଼ଉ କରୁଛି, ସେଠାରେ ସେପରି କିଛି ଶକ୍ତ ସୁରାକ ନ ମିଳିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଚଢ଼ଉ ସୂଚନା ପାଇ ଅଭିଯୁକ୍ତମାନେ ଆଗୁଆ ପ୍ରମାଣ ଗାଏବ କରିବାକୁ ସମର୍ଥ ହେଉଥିବା ଏବେ ସନ୍ଦେହ କରାଯାଉଛି । ଗତକାଲି ରଘୁନାଥପୁରରେ ଲିଙ୍ଗରାଜ ଇନ୍‌ଫୋସେଲ ପରୀକ୍ଷା ସେଣ୍ଟରରେ ଚଢ଼ଉ ସମୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି । ପରୀକ୍ଷାକେନ୍ଦ୍ର ପାଇଁ ମନୋନୀତ ହୋଇଥିବା ଏହି ସ୍ଥାନରୁ ସବୁ ସାମଗ୍ରୀ କୁଆଡ଼େ ଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ତେଣୁ କେଉଁ ସ୍ଥାନରେ ଚଢ଼ଉ ହେବ ସେ ସମ୍ପର୍କରେ ଅଭିଯୁକ୍ତମାନେ ହୁଏତ ଆଗୁଆ ସୂଚନା ସଂଗ୍ରହ କରିବାକୁ ସମର୍ଥ ହେଉଛନ୍ତି ବା ସେମାନଙ୍କୁ କେହି ଆଗୁଆ ସୂଚନା ଦେଉଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଶ୍ରୀକାକୁଲମରୁ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରାୟ ୩୦୦ ଆଶାୟୀଙ୍କୁ ମଧ୍ୟ ପଡ଼ୋଶୀ ରାଜ୍ୟରେ ତାଲିମ ଦିଆଯାଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ପରୀକ୍ଷାର୍ଥୀମାନେ କେଉଁଠି କୋଚିଂ ନେଇଥିଲେ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି । କୌତୂହଳର କଥା ହେଉଛି ପ୍ରତି ପରୀକ୍ଷାର୍ଥୀଙ୍କଠାରୁ ଆଗୁଆ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିବା ତଦନ୍ତକାରୀ ଅଧିକାରୀମାନେ କହୁଥିବାବେଳେ ଏହି ଟଙ୍କା କେଉଁଠି ଓ କାହାପାଖରେ ଅଛି ତାହାର ସନ୍ଧାନ ମିଳିନାହିଁ । ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍‌ରେ ଥିବାବେଳେ ଚାକିରି ଦେବାକୁ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏହି ଟଙ୍କା ଶଙ୍କର ପୃଷ୍ଟି ପାଖରେ ଅଛି ନା ଏଥିରୁ ଆଉ କିଏ ଭାଗ ନେଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି ।

ସେହିପରି ଶଙ୍କରର ମହାରାଷ୍ଟ୍ର ଲିଙ୍କ୍ ଆସିବା ପରେ କ୍ରାଇମ୍‌ବ୍ରାଞ୍ଚ ଏକ ଟିମ୍ ସେଠାକୁ ତଦନ୍ତ ପାଇଁ ଯାଇଥିବା ଜଣାପଡ଼ିଛି । ସେଠାରେ ଥିବା ଶଙ୍କରର ଏକ ଘରେ ଚଢଉ କରାଯାଇଥିଲେ ବି ସେପରି କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କ୍ରାଇମବ୍ରାଞ୍ଚ ପାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ତେଣୁ ଚଢ଼ଉ ସମ୍ପର୍କରେ ଶଙ୍କର ପୃଷ୍ଟିକୁ ଆଗୁଆ ସୂଚନା ମିଳିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି । ଏପଟେ ଶଙ୍କର ସହ ଯୋଗସୂତ୍ରରେ ଥିବା ଅନେକ ବ୍ୟକ୍ତିଙ୍କ ସୂଚୀ କ୍ରାଇମବ୍ରାଞ୍ଚ ପ୍ରସ୍ତୁତ କରିଛି । ତାର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ବିପୁଳ ଅର୍ଥ କାରବାର ହୋଇଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି । ▶ପୃଷ୍ଠା-୭

### ବାଲେଶ୍ୱରରୁ ଆଉ ଜଣେ ଗିରଫ

■ ଭୁବନେଶ୍ୱର,୬ ।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବାଲେଶ୍ୱରର ରଣସାହି ପଞ୍ଚାୟତର ଜଣେ ବ୍ୟକ୍ତି ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଚାକିରି ଆଶାୟୀମାନଙ୍କୁ ପଚରାଉଚରା କରିବା ପରେ ଚନ୍ଦନ ନାମ ପଦାକୁ ଆସିଥିଲା । ଏହାପରେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଛି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇଛି କ୍ରାଇମବ୍ରାଞ୍ଚ । ଚନ୍ଦନଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୧୨୦ରେ ପହଞ୍ଚିଛି । ଚନ୍ଦନ ଚାକିରି ▶ପୃଷ୍ଠା-୭

### କିଏ ଦେବ ଅବୁଝା ପ୍ରଶ୍ନର ଉତ୍ତର

- କିଣିବାବାଲା ଜେଲରେ, ଚାକିରି ବିକିବାବାଲା ଗଲେ କୁଆଡ଼େ ?
- ଚାକିରି ପାଇଁ ଆଦାୟ ବିପୁଳ ଅଗ୍ରୀମ ଟଙ୍କା କାହା ପାଖରେ ?
- କିଏ ଦେଇଥିଲା ନିଯୁକ୍ତି ପରୀକ୍ଷା ପରିଚାଳନା ସବ୍‌ଲେଟ୍ ଅନୁମତି ?
- ସିଲିକନ୍‌ରୁ ପଞ୍ଚସଫ୍ଟ ସବ୍‌ଲେଟ୍ ବେଳେ କାହିଁକି ଚୁପ୍ ଥିଲା ଓପିଆରବି ?
- ଫେରାର ଶଙ୍କର ମୁଣ୍ଡରେ ଦୋଷ ଅଜାଡ଼ି ଫିଟିଯିବେ କି ବଡ଼ବଡ଼ିଆ ?

# ଦୁଇ ପର୍ଯ୍ୟାୟରେ ବିହାର ନିର୍ବାଚନ

## ନଭେମ୍ବର ୬ ଓ ୧୧ରେ ଭୋଟ୍, ୧୪ରେ ଗଣତି

■ ନୂଆଦିଲ୍ଲୀ, ୬।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି । ଏହି ନିର୍ବାଚନ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ । ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ସମାପ୍ତ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ୧୬ ତାରିଖ ସୁଦ୍ଧା ଶେଷ ହେବ । ତାରିଖ ଘୋଷଣା ସହିତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି ।

ଆଜି ଏଠା ।ରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ ଭୋଟଦାନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ସମସ୍ତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯିବ ଏବଂ ଇଭିଏମରେ ପ୍ରଥମ ଥର ଲାଗି ପ୍ରାର୍ଥୀମାନଙ୍କର ରଙ୍ଗିନ ଫଟୋ ▶ପୃଷ୍ଠା-୭

### ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୬।୧୦ (ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ାରେ



- ଆସନ୍ତା ୧୩ ତାରିଖରୁ ନାମାଙ୍କନ ଦାଖଲ
- ମତଦାନ ନିମନ୍ତେ ୩୫୮ କେନ୍ଦ୍ର ପ୍ରସ୍ତୁତ
- ସମସ୍ତ ବୁଥରେ ୱେବ୍ କାଷ୍ଟିଂ ବ୍ୟବସ୍ଥା

ମତଦାନ ହେବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ପ୍ରକାଶ ପାଇବ । ଏଥିପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବା ବେଳେ ଅକ୍ଟୋବର ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ଥଗୋପାଳନ୍ ତାରିଖ ଘୋଷଣା କରିବା ▶ପୃଷ୍ଠା-୭

### ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ



■ ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କୋର୍ଟ ରୁମ୍‌ରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି ଜଣେ ବୟସ୍କ ଓକିଲ । ରାକେଶ କିଶୋର ନାମକ ୭୧ ବର୍ଷୀୟ ଏହି ଓକିଲ ଜଷ୍ଟିସ ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିଥିଲେ । ତେବେ ଏହି ଜୋତା ତାଙ୍କ ବେଞ୍ଚ୍ ପର୍ଯ୍ୟନ୍ତ ପହଞ୍ଚି ନଥିଲା । ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଗର୍ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ




### ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି?

- ଚାକିରି ବିକି ୨୦୦ କୋଟି ରୋଜଗାର
- ଘଟଣାରେ ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି
- ଲାଞ୍ଚ ନେଇଥିବା ଲୋକ ଗଲେ କୁଆଡ଼େ?

■ ଭୁବନେଶ୍ୱର, ୬।୧୦(ସମିସ): ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେ ସୋମବାର ଗର୍ଜିଛି ବିଜୁ ଯୁବ, ଛାତ୍ର ଜନତା ଦଳ । ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜୋରଦାର ପ୍ରତିବାଦ କରାଯାଇଛି । ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ, ଆଗକୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଯୁବ, ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି ।

ସୋମବାର ଯୁବ, ଛାତ୍ର ଜନତା ଦଳର ବହୁ ସଂଖ୍ୟକ କର୍ମୀ ଏହି ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ । ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିବା ସହ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ । ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବା ବେଳେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା । ଦଳର ଏହି ଦୁଇ ଛାମୁଆ ସଂଗଠନର ଅଭିଯୋଗ ଅନୁଯାୟୀ, ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁଁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୁଲିସ ଏସଆଇ ପଦ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ▶ପୃଷ୍ଠା-୭

### ପୁଲିସ ବଳୟରେ କଟକ

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ



■ କଟକ,୬ ।୧୦(ସମିସ): ଶାନ୍ତ ହେଉଛି ଅଶାନ୍ତ କଟକ । ଉତ୍ତେଜନା କ୍ରମଶଃ ହ୍ରାସ ପାଇଥିବା ବେଳେ ପୁଲିସର କଡ଼ା ସୁରକ୍ଷା ବଳୟରେ ରହିଛି ରୌପ୍ୟନଗରୀ । ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଓ ପୁଲିସ ମଧ୍ୟରେ ଗତକାଲି ଖଣ୍ଡଯୁଦ୍ଧ ହୋଇଥିଲା । ଏଥି ଯୋଗୁଁ କଟକ ଅଶାନ୍ତ ହୋଇ ପଡ଼ିଥିବା ବେଳେ ୩୬ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା । ଏହାର ୨୪ଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ ହୋଇଥିବା ବେଳେ ▶ପୃଷ୍ଠା-୭

- ୪ଟି ମାମଲା ରୁଜୁ: ୮ ଜଣ ଗିରଫ
- ୧୩ଟି ଥାନା ଅଞ୍ଚଳରୁ ୩୦୦ ଆଇନ ଉଲ୍ଲଙ୍ଘନକାରୀ ଅଟକ

### ଜନଜୀବନ କଲବଲ

■ କଟକ,୬ ।୧୦(ସମିସ): କର୍ଫ୍ୟୁ ଯୋଗୁଁ ସାରା ସହରରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଦିନ ତମାମ ସହରବାସୀ ହାଇରାଣ ହରକତ ହୋଇଥିବା ନଜରକୁ ଆସିଛି । ମୁଖ୍ୟତଃ ଇଣ୍ଟରନେଟ୍ ସେବା ଅଚଳ ହୋଇଯିବାରୁ ବ୍ୟାଙ୍କ୍, ହସ୍ପିଟାଲ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ

- ବୀମା, ବ୍ୟାଙ୍କ୍ ଓ ସ୍ୱାସ୍ଥ୍ୟ ସେବା ପ୍ରଭାବିତ
- ବସ୍ ଚଳାଚଳ ବ୍ୟାହତ; ଯାତ୍ରୀ ହଟହଟା




ସେବା ବାଧାପ୍ରାପ୍ତ ହୋଇଛି । ଇଣ୍ଟରନେଟ୍ ଅଚଳ ହୋଇଯିବାରୁ ସହରରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ଆୟୁଷ୍ମାନ୍ କାର୍ଡର ସୁଫଳ ରୋଗୀମାନେ ପାଇ ପାରିନଥିଲେ । ଅନେକ ▶ପୃଷ୍ଠା-୭




# ଘଣ୍ଟାଏ ଭିତରେ ଯେକୌଣସି ସ୍ଥାନକୁ ହେବ ଡେଲିଭରି

**ୱାଶିଂଟନ, ୬।୧୦ (ଏଜେନ୍ସି):** ଆମେରିକାରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଆମେରିକାର ଏକ ଏରୋସ୍ପେସ ତଥା ଡିଫେନ୍ସ କମ୍ପାନୀ 'ଇନଭର୍ଜନ' ବିଶ୍ୱର ପ୍ରଥମ ମହାକାଶ ଯାନ ପ୍ରସ୍ତୁତ କରିଛି। ଏହି ଯାନ ମାଧ୍ୟମରେ ପୃଥିବୀର ନିମ୍ନ କକ୍ଷରୁ ଯେକୌଣସି ସ୍ଥାନକୁ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ସାମଗ୍ରୀ ପହଞ୍ଚାଇ ହେବ। ଏହି ଯାନ ୨୨୭ କେଜି ଓଜନ ପର୍ଯ୍ୟନ୍ତ ଭାର ତଥା ଜରୁରୀ ସାମଗ୍ରୀ ନେଇପାରିବ। ଏହି ଯାନର ନାମ 'ଆର୍କ' ରଖାଯାଇଛି। କମ୍ପାନୀ ଏକ କାର୍ଯ୍ୟକ୍ରମରେ ଏହି ଯାନ ଲଞ୍ଚ୍ କରିଛି।



ଇନଭର୍ଜନର ସହ-ପ୍ରତିଷ୍ଠାତା ଜଷ୍ଟିସ ଫିୟାସ୍କେଟି ଏବଂ ଅଷ୍ଟିନ ବ୍ରିଗ୍ସ କହିଛନ୍ତି ଯେ ଏହା ଏକ ନୂଆ ଲଜିଷ୍ଟିକ ପ୍ଲାଟଫର୍ମ। ଏହା ମହାକାଶରେ ଏକ ନେଟୱର୍କ ପ୍ରସ୍ତୁତ କରି ପୃଥିବୀକୁ ପୂର୍ବାପେକ୍ଷା ଅଧିକ ସୁଗମ (ଆକ୍ସେସେବୁଲ) କରିବ। ଏହି ଯାନ ଘଣ୍ଟା ପ୍ରତି ୨୪, ୭୦୦ କିମି ବେଗରେ ଗତି କରିବ। ମହାକାଶ ଯାନ ତୁଳନାରେ ଏହା ବହୁତ କ୍ଷୁଦ୍ର। ଏହି ଯାନର ଉଚ୍ଚତା ୮ ଫୁଟ ଏବଂ ଓସାର ୪ ଫୁଟ। ଏହା ମାଧ୍ୟମରେ ମେଡିକାଲ ଉପକରଣ ଏବଂ ଔଷଧଠାରୁ ନେଇ ଡ୍ରୋନ ପର୍ଯ୍ୟନ୍ତ ସାମଗ୍ରୀ ରପ୍ତାନୀ କରିହେବ।

ମହାକାଶରେ ପୁଣିଥରେ ପହଞ୍ଚିବା ପରେ ଆର୍କ ନିଜକୁ ନିୟନ୍ତ୍ରଣ କରିପାରିବ। ଏହା ପାରାଚୁଟ ମାଧ୍ୟମରେ ବିନା ରନୱେରେ ଅବତରଣ ମଧ୍ୟ କରିବାରେ ସକ୍ଷମ। ସାମଗ୍ରୀ ପହଞ୍ଚାଇବା ପାଇଁ ଡିଜାଇନ କରାଯାଇଥିବାରୁ ଏହା ମନୁଷ୍ୟକୁ ନେଇ ଯାଉଥିବା ଯାନ ତୁଳନାରେ ଶସ୍ତା। ଆର୍କ ପୁନଃବ୍ୟବହାରକ୍ଷମ ଏବଂ ସଠିକ ଭାବେ ଅବତରଣ କରିପାରିବ। ଏବେ ସୁଦ୍ଧା ଏହି ଯାନର ଅନେକ ପରୀକ୍ଷଣ ସଫଳ ହେଲାଣି। ଆର୍କକୁ ପୃଥିବୀ କକ୍ଷରେ ରଖାଯିବ। ଏହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଆବଶ୍ୟକ ପଡ଼ିଲେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘଣ୍ଟାଏ ମଧ୍ୟରେ ସାମଗ୍ରୀ ପହଞ୍ଚାଇବ।

# ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବ ରୁଷ୍

**ନୂଆଦିଲ୍ଲୀ,୬ ।୧୦(ଏଜେନ୍ସି):** ରୁଷିଆ ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବାକୁ ଯାଉଛି। ଏହା ଭାରତକୁ ପରୋକ୍ଷରେ ଫାଇଦା ପହଞ୍ଚାଇବ ବୋଲି ରୁଷିଆର ପ୍ରତିରକ୍ଷା ବିଶେଷଜ୍ଞ ପିଓଟର ଟୋପିଚକାନୋଭ କହିଛନ୍ତି। ଜେଏଫ୍-୧୭ରେ ବ୍ୟବହାର ପାଇଁ ଆରଡି- ୯୩ ଇଞ୍ଜିନ୍ ରୁଷିଆ ପାକିସ୍ତାନକୁ ଦେବ। କିନ୍ତୁ ଏହା ଭାରତକୁ ଦୁଇଟି ତର୍କ ଦେଇଛନ୍ତି। ପ୍ରଥମଟି ହେଲା ଚୀନ୍ ଓ ପ୍ରସ୍ତୁତି କରିପାରିବେ ନାହିଁ। ଏଥିପାଇଁ ପାକିସ୍ତାନ କରୁଛି। ଦ୍ୱିତୀୟଟି ହେଲା ଅପରେସନ ସିନ୍ଦୂର ୧୭ ବିମାନର ବହୁଳ ବ୍ୟବହାର କରିଥିଲା। ଜେଟ୍‌ରେ ଯଦି ରୁଷର ଇଞ୍ଜିନ ବ୍ୟବହାର କରେ,



ଫାଇଦା ପହଞ୍ଚାଇବା ନେଇ ଟୋପିଚକାନୋଭ ପାକିସ୍ତାନ ସାଥି ହୋଇ ରୁଷୀୟ ଇଞ୍ଜିନର ବିକଳ୍ପ ଚୀନ୍‌ର ଲଢୁଆ ବିମାନ ପାଇଁ ରୁଷ ଇଞ୍ଜିନ କ୍ରୟ ଚାଲିଥିବା ବେଳେ ପାକିସ୍ତାନ ଚୀନର ଜେଏଫ୍-ଏପରିସ୍ଥଳେ ଯଦି, ପାକିସ୍ତାନ ତା'ର ଫାଇଟର ତେବେ ଭାରତ ଏହି ବିମାନର କାର୍ଯ୍ୟକଳାପ ଓ ଉଡାଣ ସମ୍ପର୍କରେ ଅତି ସହଜରେ ଅବଗତ ହେବ। ତେଣୁ ପାକିସ୍ତାନ କୌଣସି ବଡ଼ ଧରଣର କାଣ୍ଡ ଘଟାଇବା ପୂର୍ବରୁ ଭାରତ ଆଗୁଆ ଜାଣିବାରେ ସହଜରେ ସକ୍ଷମ ହେବ ବୋଲି ଟୋପିଚକାନୋଭ କହିଛନ୍ତି। ପୁଣି ଆରଡି- ୯୩ ଇଞ୍ଜିନ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟିକ ହେବ ଓ ଏଥିରେ ପାକିସ୍ତାନ ସହ କୌଣସି ବୈଷୟିକ ନେଣଦେଣ ହେବନି ବୋଲି ରୁଷିଆ ଭାରତକୁ ପ୍ରତିଶ୍ରୁତି ଦେଇଛି। ଅନ୍ୟପଟେ ରୁଷିଆ ଭାରତକୁ ଦେଇଥିବା ଆରଡି- ୯୩ ଇଞ୍ଜିନ୍‌ର ବୈଷୟିକ ସ୍ଥାନାନ୍ତରଣ ହୋଇପାରିବ। ଉଲ୍ଲେଖଥାଉ କି, ୨୦୦୦ ପରେ ଚୀନ୍, ପାକିସ୍ତାନ ଓ ରୁଷିଆ ମଧ୍ୟରେ ଏକ ଚୁକ୍ତି ହୋଇଥିଲା।

# ଆମେରିକାରେ ଭାରତୀୟ ମ୍ୟାନେଜରଙ୍କୁ ହତ୍ୟା

**ପେନସିଲଭାନିଆ,୬ ।୧୦(ଏଜେନ୍ସି):** ଆମେରିକାର ଆଉ ଜଣେ ଭାରତୀୟଙ୍କୁ କରାଯାଇଛି। ପିଟ୍‌ସବର୍ଗରେ ଜଣେ ଭାରତୀୟ ବଂଶୋଦ୍ଭବ ମୋଟେଲ ମ୍ୟାନେଜର ୫୧ ବର୍ଷୀୟ ରାକେଶ ଏହାଗାବାନଙ୍କୁ ଅତକି ନିକଟରୁ ଗୁଳିକରି ହତ୍ୟା କରାଯାଇଛି। ସେ ରବିନସନ ଟାଉନସିପ୍‌ର ପିଟସବର୍ଗ ମୋଟେଲ ପରିଚାଳନା କରୁଥିଲେ। ଶୁକ୍ରବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ମୋଟେଲର ପାର୍କିଂ ଏରିଆରେ ଏକ ବିବାଦ ପରେ ହୋହଲ୍ଲା ସୃଷ୍ଟି ହୋଇଥିଲା। ଏହାକୁ ଶୁଣି ରାକେଶ ବାହାରକୁ ଆସିଥିଲେ। ଦୁଇଜଣ ଲୋକ ପରସ୍ପର ମଧ୍ୟରେ ଝଗଡ଼ା କରୁଥିବା ବେଳେ ରାକେଶ ଦୁହିଁଙ୍କୁ ସେଥିରୁ ନିବୃତ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିଲା। ୩୭ ବର୍ଷୀୟ ଷ୍ଟେନଲି ୟୁଗେନ୍ ରାକେଶଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ୟୁଗେନ ମୋଟେଲ ବାହାରେ ଜଣେ ମହିଳାଙ୍କୁ ମଧ୍ୟ ଗୁଳି ମାରିଥିଲେ। ୟୁଗେନ୍‌ଙ୍କୁ ପୁଲିସ ପିଛା କରିଥିଲା। କିନ୍ତୁ ପୁଲିସ ଉପରକୁ ସେ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ୟୁଗେନ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଜୀବନକୁ ବିପଦ ପକାଇବାକୁ ପ୍ରୟାସ କରିବାର ଅଭିଯୋଗ ହୋଇଛି।

# ଆମେରିକାରେ ମୁହାଁମୁହିଁ, ହଜାରେରୁ ଊର୍ଦ୍ଧ୍ୱ ଗିରଫ

**ୱାଶିଂଟନ, ୬।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇଲିନୟ ରାଜ୍ୟର ଚିକାଗୋରେ ଅପରାଧ ବୃଦ୍ଧି ଏବଂ ବିକ୍ଷୋଭକୁ ଦେଖି ୩୦୦ ନ୍ୟାସନାଲ ଗାର୍ଡ୍ସ ମୁତୟନ କରିଛନ୍ତି। ଏହାକୁ ନେଇ ଅନେକ ସ୍ଥାନରେ ନ୍ୟାସନାଲ ଗାର୍ଡ୍ସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହି ମାମଲାରେ ହଜାରେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି। ହୋମଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ (ଡିଏଚଏସ)ର ଅପରେସନ ମିଡୱେ ବ୍ଲିଟଜ୍ ଅଧିନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହା ଅଧିନରେ ଅପରାଧି ଏବଂ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇଛି। ହ୍ୱାଇଟ ହାଉସର ପ୍ରବକ୍ତା ଅବିଗେଲ ଜ୍ୟାକ୍ସନ କହିଛନ୍ତି ଯେ ଟ୍ରମ୍ପ ସହରରେ ଅପରାଧକୁ ରୋକିବାକୁ ଚାହୁଁଥିଲେ। ଏହି ସୈନିକ ଜନତାଙ୍କ ଅଧିକାର ଏବଂ ସାମଗ୍ରୀକୁ ସୁରକ୍ଷା ଦେବେ।

# ୧୪ ବର୍ଷ ପରେ ସିରିଆରେ ନିର୍ବାଚନ

**ଦାମାସକସ୍,୬ ।୧୦(ଏଜେନ୍ସି):** ପାଖାପାଖି ଦୀର୍ଘ ୧୪ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ରାଜଧାନୀ ଦାମାସକସ୍‌ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବସର ଅଲ- ଅସଦଙ୍କ ଏକଛତ୍ରବାଦୀ ଶାସନରେ ଦୀର୍ଘ ୧୩ ବର୍ଷର ଗୃହଯୁଦ୍ଧ ବିଭୀଷିକାରେ ଏହି ସିରିଆ ବିପର୍ଯ୍ୟସ୍ତ ହୋଇପଡିଥିଲା। ଗତ ଡିସେମ୍ବରରେ ଅନ୍ତରୀଣ ରାଷ୍ଟ୍ରପତି ଭାବେ ଅହମ୍ମଦ ଅଲ-ଶରା ଶାସନଭାର ହାତକୁ ନେବା ପରେ ନିର୍ବାଚନ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷ ସେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଫଳରେ ସିରିଆରେ ଗଣତନ୍ତ୍ରର ଏକ ନୂଆଯୁଗ ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଏହି ନିର୍ବାଚନରେ ଅଲ-ସରା ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତେବେ ଜନସାଧାରଣ ଓ ରାଜନୈତିକ ଦଳଗୁଡିକୁ ଦୂରେଇ ରଖାଯିବାରୁ ଏହି ନିର୍ବାଚନକୁ ସମାଲୋଚନା କରାଯାଉଛି। ସିରିଆ ପାର୍ଲର୍ାମେଣ୍ଟରେ ୨୧୦ଟି ସିଟ୍ ରହିଛି। ଏଥିରୁ ୧୪୦ଟି ସିଟ୍ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ବାକି ୭୦ଟି ସିଟ୍‌ରେ ରାଷ୍ଟ୍ରପତି ସିଧାସଳଖ ନିଯୁକ୍ତି ଦେବେ। ଏହି ସିଟ୍‌ଗୁଡିକ ମହିଳା, ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ରାଷ୍ଟ୍ରପତି ମନୋନିତ କରିବେ।


# ଜୟପୁର ହସ୍ପିଟାଲରେ ନିଆଁ

## ଜୀବନ ହରାଇଲେ ୮ ରୋଗୀ

**ଜୟପୁର,୬ ।୧୦(ଏଜେନ୍ସି):** ରାଜସ୍ଥାନର ଜୟପୁରସ୍ଥିତ ସବାଇ ମାନସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲରେ ନିଆଁ ଲାଗି ୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ହସ୍ପିଟାଲର ଟ୍ରମା ସେଣ୍ଟରର ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ) ରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ସାମିଲ ଅଛନ୍ତି। ନିଆଁ ଲାଗିବା ପରେ ହସ୍ପିଟାଲରେ ଆତଙ୍କ ଖେଳିଯାଇଥିଲା। ଦୌଡ଼ାଦୌଡ଼ି ଭିତରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ରାତି ୧୧.୨୦ରେ ଟ୍ରମା ସେଣ୍ଟରର ନ୍ୟୁରୋ ଆଇସିୟୁ ୱାର୍ଡର ଷ୍ଟୋରରେ ନିଆଁ ଲାଗିଥିଲା। ଏଠାରେ କାଗଜ, ଆଇସିୟୁରେ ବ୍ୟବହାର ହେଉଥିବା ଜିନିଷ ଓ ବ୍ଲଡ୍ ସାମ୍ପଲର ଟ୍ୟୁବ ଥିଲା। ସର୍ଟ ସାର୍କିଟ ଯୋଗୁ ନିଆଁ ଲାଗିଛି ବୋଲି ଟ୍ରମା ସେଣ୍ଟରର ବରିଷ୍ଠ ଅଧିକାରୀ ଓ ଡାକ୍ତରମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଘଟଣା ବେଳେ ଆଇସିୟୁରେ ୧୧ ଜଣ ରୋଗୀ ଥିଲେ। ନିକଟରେ ଥିବା ଅନ୍ୟଏକ ଆଇସିୟୁରେ ୧୩ ଜଣ ରୋଗୀ ମଧ୍ୟ ଥିଲେ। ଏହି ଅଗ୍ନିକାଣ୍ଡର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଫରେନସିକ ସାଇନ୍ସ ଲାବୋରାଟୋରୀ (ଏଫ୍‌ଏସ୍‌ଏଲ୍) ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି।



ସୂଚନା ମିଳିବା ମାତ୍ରେ ଦମକଳ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳେ ପୂରା ୱାର୍ଡରେ ଧୂଆଁ ଭରିଯାଇଥିଲା। ଭିତରକୁ ଯିବାର କୌଣସି ରାସ୍ତା ନଥିଲା ଦମକଳ ବିଭାଗର କର୍ମଚାରୀ ଅବଧେଶ ପାଣ୍ଡେ କହିଛନ୍ତି। ଫଳରେ ବିଲ୍ଡିଂର ଅନ୍ୟପଟେରୁ ଝରକା କାଚ କାଢ଼ି ପାଣି ସ୍ପ୍ରେ କରାଯାଇଥିଲା। ଫଳରେ ନିଆଁ ଓ ଧୂଆଁକୁ ଆୟତ କରାଯାଇଥିଲା। କିନ୍ତୁ ଏଥିପାଇଁ ଏକରୁ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ସବୁ ରୋଗୀଙ୍କୁ ଶଯ୍ୟା ସମେତ ବାହାର ସଡ଼କକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ସେ କହିଛନ୍ତି। ନିଆଁ ଲାଗିବାର ୨୦ ମିନିଟ ପୂର୍ବରୁ ଧୂଆଁ ଉଠିଥିଲା। ଏ ନେଇ ହସ୍ପିଟାଲ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ କେହି ଗୁରୁତ୍ୱ ଦେଇ ନଥିଲେ।



# ମେଡିସିନ୍‌ରେ ତିନି ବୈଜ୍ଞାନିକଙ୍କୁ ମିଳିଲା ନୋବେଲ

## ଇମ୍ୟୁନୋ ସେଲ୍‌ର ଆକ୍ରମଣକୁ ପ୍ରତିହତ କରୁଥିବା 'ଟି' କୋଷିକାର ସନ୍ଧାନ କରିଥିଲେ

**ଷ୍ଟକ୍‌ହାମ, ୬।୧୦ (ଏଜେନ୍ସି):** ଚଳିତ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ଆରମ୍ଭ ହୋଇଛି। ନୋବେଲ ସପ୍ତାହର ପ୍ରଥମ ଦିନରେ ସୋମବାର ମେଡିସିନ ତଥା ଫିଜିଓଲୋଜି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ପେରିଫେରିଆଲ ଇମ୍ୟୁନୋ ଟଲେରାନ୍ସ କ୍ଷେତ୍ରରେ କରିଥିବା ଉଦ୍ଭାବନା ପାଇଁ ବୈଜ୍ଞାନିକ ମେରି ଇ ବ୍ରନକୋ, ଫ୍ରେଡ ରାମ୍ସଡେଲ ଏବଂ ସିମନ ସାକାଗୁଚାଙ୍କୁ ଚଳିତ ବର୍ଷ ପାଇଁ ନୋବେଲ ଦିଆଯିବ। ସ୍ୱିଡେନର କାରୋଲିନସ୍କା ଇନଷ୍ଟିଟ୍ୟୁଟ ମେଡିକାଲ ୟୁନିଭର୍ସିଟିର ନୋବେଲ ଆସେମ୍ବ୍ଲି ପକ୍ଷରୁ ଏହି ବିଜେତାଙ୍କୁ ବଛା ଯାଇଛି। ଏହି ବୈଜ୍ଞାନିକଙ୍କୁ ପୁରସ୍କାର ବାବଦକୁ ୧୧ ନିୟୁତ ସ୍ୱେଡିଶ କ୍ରାଉନ ତଥା ୧.୨ ନିୟୁତ ଡଲାର ସହିତ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବ।

ଭୁଲ୍‌ରେ ବି ଅଙ୍ଗପ୍ରତ୍ୟଙ୍ଗ ଉପରେ ଆକ୍ରମଣ ନ କରିବା ପାଇଁ ଶରୀରର ଶକ୍ତିଶାଳୀ ଇମ୍ୟୁନୋ ସିଷ୍ଟମକୁ କେଉଁ ଭଳି ଭାବେ ନିୟନ୍ତ୍ରଣ କରାଯାଏ ତାହାର ସନ୍ଧାନ ଏହି ବୈଜ୍ଞାନିକମାନେ କରିଥିଲେ। ଆମ ଶରୀରର ଇମ୍ୟୁନୋ ସିଷ୍ଟମ ତଥା ରୋଗ ପ୍ରତିରୋଧୀ ବ୍ୟବସ୍ଥା ପ୍ରତି ଦିନ ଲକ୍ଷାଧିକ ସୂକ୍ଷ୍ମଜୀବନଙ୍କଠାରୁ ଶରୀରକୁ ସୁରକ୍ଷା ଦେଇଥାଏ। ଏହି ସବୁ ସୂକ୍ଷ୍ମ ଜୀବନ ଅଲଗା ଅଲଗା ଦେଖାଯାଆନ୍ତି। ଅନେକ ଜୀବନ ନିଜକୁ ମାନବ କୋଷିକା ଭଳି ଦେଖାଇବାର କ୍ଷମତାକୁ ବିକଶିତ କରିନେଇଛନ୍ତି। ଏହା ଦ୍ୱାରା କାହା ଉପରେ ଆକ୍ରମଣ କରାଯିବ ଏବଂ କାହାକୁ ସୁରକ୍ଷା ଦିଆଯିବ ତାହା ଚିହ୍ନଟ କରିବା ଇମ୍ୟୁନୋ ସିଷ୍ଟମ ପାଇଁ କଷ୍ଟସାଧ ହୋଇଯାଇଥାଏ। ଆମେରିକା ସିଟେଲ ସ୍ଥିତ 'ଇନଷ୍ଟିଚ୍ୟୁଟ୍ସ ଫର ସିଷ୍ଟମ ବାୟୋଲୋଜି'ରେ କାର୍ଯ୍ୟରତ ମେରି, ସାନ୍ ଫ୍ରାନ୍‌ସିସିକୋର ସୋନୋମା ବାୟୋଥେରେପ୍ୟୁଟିକ୍ସ ରାମ୍ସଡେଲ ଏବଂ ଜାପାନର ଓସାକା ୟୁନିଭର୍ସିଟିର ସାକାଗୁଚାଙ୍କୁ ଇମ୍ୟୁନୋ ସିଷ୍ଟମର ସୁରକ୍ଷାଗାର୍ଡ ତଥା ରେଗୁଲେଟରି ଟି-ସେଲ୍ସର ଚିହ୍ନଟ କରିଥିଲେ। ଇମ୍ୟୁନୋ ସେଲ୍ ଶରୀର ଉପରେ ଆକ୍ରମଣ ନ କରିବା ପାଇଁ ଏଗୁଡିକ ସୁନିଶ୍ଚିତ କରିଥାନ୍ତି। ଏହି ଅନୁସନ୍ଧାନ ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେଇଛି। କର୍କଟ ଏବଂ ଅଟୋଇମ୍ୟୁନୋ ରୋଗର ଚିକିତ୍ସା ଖୋଜା ଯାଉଛି। ଏହା ଦ୍ୱାରା ଅଙ୍ଗପ୍ରତିରୋପଣରେ ମଧ୍ୟ ସହାୟତା ମିଳୁଛି। ଏହା ବ୍ୟତୀତ ଅନେକ ଚିକିତ୍ସା ଏବେ କ୍ଲିନିକାଲ ଟ୍ରାଏଲ ଦେଇ ଗତି କରୁଛି। ଏହି ତିନି ବୈଜ୍ଞାନିକଙ୍କୁ ଡିସେମ୍ବର ୧୦ରେ ଷ୍ଟକହୋମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୦.୩ କୋଟି ଟଙ୍କା, ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ।



# ୨୭ ଦିନରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

## ୨ ବର୍ଷରେ ୫ ପ୍ରଧାନମନ୍ତ୍ରୀ ଛାଡ଼ିଲେଣି ପଦ

**ପ୍ୟାରିସ,୬ ।୧୦(ଏଜେନ୍ସି):** ମାତ୍ର ୨୭ ଦିନ ମଧ୍ୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ସେପ୍ଟେମ୍ବର ୯ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ଅକ୍ଟୋବର ୬ରେ ପଦ ଛାଡ଼ିଛନ୍ତି। ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି। ରବିବାର ଲେକର୍ଣ୍ଣୁ ନୂଆ ମନ୍ତ୍ରୀମଣ୍ଡଳର ଘୋଷଣା କରିଥିଲେ ମଧ୍ୟ ଏହାର ମାତ୍ର ୧୨ ଘଣ୍ଟା ପରେ ହିଁ ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଫ୍ରାନ୍ସ ଇତିହାସରେ ସେ ପ୍ରଧାନମନ୍ତ୍ରୀ ଭାବେ ସବୁଠାରୁ କମ୍ ସମୟ ଦାୟିତ୍ୱରେ ରହି ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହ ଗତ ଦୁଇବର୍ଷ ମଧ୍ୟରେ ୫ଜଣ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଛନ୍ତି। ଏହାପୂର୍ବରୁ ୩୯ ବର୍ଷୀୟ ଲେକର୍ଣ୍ଣୁ ସର୍ବକନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ୨୦୨୨ରୁ ସେ ଏହି ଦାୟିତ୍ୱରେ ଥିଲେ। କନଜରଭେଟିଭ ପାର୍ଟିରୁ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ମଧ୍ୟ ସେ ମାକ୍ରୋନଙ୍କ ସେଣ୍ଟ୍ରିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ତାଙ୍କୁ ମାକ୍ରୋନଙ୍କ ନିକଟତର ବୋଲି ବିବେଚନା କରାଯାଏ। ରାଜନୈତିକ ଦଳଗୁଡିକ ମଧ୍ୟରେ ସନ୍ତୁଳନ ତଥା ସମନ୍ୱୟ ରହୁ ନଥିବାରୁ ସେ ପଦ ଛାଡିଛନ୍ତି ବୋଲି କହିଛନ୍ତି। ବୁଝାମଣା କରିବାକୁ ରାଜିଥିଲେ ମଧ୍ୟ କିନ୍ତୁ କେହି କାହାକୁ ସହଯୋଗ କରିବାକୁ ରାଜି ନଥିବାରୁ ପଦ ଛାଡିବାକୁ ନିଷ୍ପତ୍ତି ନେଲି ବୋଲି ସେ କହିଛନ୍ତି।

# ୱାଙ୍ଗଚୁକ୍ ମାମଲାରେ କେନ୍ଦ୍ରକୁ ନୋଟିସ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି):** ସୁପ୍ରିମକୋର୍ଟରେ ସୋମବାର ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମ୍ବନ୍ଧିତ ହେବିୟସ କର୍ପସ ତଥା ବନ୍ଦୀ ପ୍ରତ୍ୟକ୍ଷୀକରଣ ମାମଲାର ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ଏହି ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ଆଇନ ତଥା ଏନ୍‌ଏସଏ ଅଧିନରେ ସ୍ୱାମୀଙ୍କ ଗିରଫକୁ ଚ୍ୟାଲେଞ୍ଜ କରାଯାଇଥିଲା। ତାଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଏବେ କୋର୍ଟ ମାମଲାର ଶୁଣାଣିକୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।



ଆଜିର ଶୁଣାଣି ସମୟରେ ୱାଙ୍ଗଚୁକଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ଯେଉଁ କାରଣ ପାଇଁ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି ତାହାର କପି ତଥା ନକଲ ପରିବାରକୁ ଦିଆଯାଇ ନାହିଁ। ତେବେ ହେପାଜତକୁ ନେବାର କାରଣ ୱାଙ୍ଗଚୁକଙ୍କୁ ଜଣାଇ ଦିଆଯାଇଛି। ଏହାର ନକଲ ତାଙ୍କ ପତ୍ନୀଙ୍କୁ ଦେବା ପାଇଁ ବିଚାର କରାଯାଇପାରେ ବୋଲି କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଲଦାଖରେ ହୋଇଥିବା ହିଂସା ମାମଲାରେ ୨୬ରେ ୱାଙ୍ଗଚୁକଙ୍କୁ ଗିରଫା କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ଗତ ୨ ତାରିଖରେ ସୋନମଙ୍କ ପତ୍ନୀ ସୁପ୍ରିମକୋର୍ଟରେ ହେବିୟସ କର୍ପସ ଦାଏର କରିଥିଲେ। ସ୍ୱାମୀଙ୍କ ଗିରଫକୁ ସେ ବେଆଇନ ବୋଲି କହିଥିଲେ।

# ଆକ୍ରମଣରେ ପଶ୍ଚିମବଙ୍ଗ ସାଂସଦଙ୍କ ମୁଣ୍ଡ ଫାଟିଲା


**କୋଲକାତା, ୬ ।୧୦ (ଏଜେନ୍ସି):** ପଶ୍ଚିମବଙ୍ଗର ନାଗ୍ରାକାଟା ଅଞ୍ଚଳରେ ବିଜେପି ସାଂସଦ ଖଗେନ ମୁର୍ମୁ ଓ ସ୍ଥାନୀୟ ଶଙ୍କର ଘୋଷଙ୍କ ଉପରେ ଆକ୍ରମଣ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ବେଳେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହି କାଣ୍ଡ ଘଟାଇଥିଲେ। ଫଳରେ ଖଗେନଙ୍କ ମୁଣ୍ଡ ଫାଟିଛି ଓ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖଗେନ ମାଲଦାର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ବନ୍ୟା ପ୍ରଭାବିତ ଅଞ୍ଚଳରେ



ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇଥିଲେ। ଏହାପରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ଫେରିଯାଇ ବୋଲି ସ୍ଲୋଗାନ ଦେଇଥିଲେ। ଆକ୍ରମଣ ପରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ସେ ଗାଡ଼ିରେ ବସିଥିବାର ଦେଖାଯାଇଛି। ସାଂସଦଙ୍କ ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗୁଣ୍ଡାମାନେ ଆକ୍ରମଣ କରିଛନ୍ତି ବୋଲି ବିଜେପି ତରଫରୁ ଅଭିଯୋଗ କରାଯାଇଛି। ଜଣେ ସମ୍ମାନୀତ ଆଦିବାସୀ ନେତା ଓ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ଖଗେନଙ୍କୁ ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ପୁଲିସର ଉପସ୍ଥିତିରେ ଏହି ଆକ୍ରମଣ ହୋଇଥିବାରୁ ବିରୋଧୀ ଦଳ ନେତା ତଥା ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସିକୁ ଏଥିପାଇଁ ଦାୟୀ କରିଛନ୍ତି।

# ନେତନ୍ୟାହୁଙ୍କ ଉପରେ ଟ୍ରମ୍ପ କ୍ଷୁବ୍ଧ

**ୱାଶିଂଟନ, ୬।୧୦ (ଏଜେନ୍ସି):** ଗାଜା ଯୁଦ୍ଧ ସମାପ୍ତ କରିବା ପାଇଁ ପ୍ରୟାସ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଟ୍ରମ୍ପ ରାଗି ଯାଇ ଫୋନ୍‌ରେ ଗାଳି ମଧ୍ୟ ଦେଇଛନ୍ତି। ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ବୋଲି ସେ ନେତନ୍ୟାହୁଙ୍କୁ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ ଗାଜାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଟ୍ରମ୍ପ ଗତ ୨୯ ତାରିଖରେ ୨୦ ସୂତ୍ରୀ ଯୋଜନା ଆଣିଛନ୍ତି। ଏହି ଯୋଜନାକୁ ଇସ୍ରାଏଲ ସ୍ୱୀକାର କରିଛି। ମାତ୍ର ହମାସ ଆଂଶିକ ଭାବେ ପାଳନ କରିବାକୁ ରାଜି ହୋଇଛି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛି। ଏହାର ସୂଚନା ଦେବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପ ଫୋନ୍ କରିଥିଲେ। ଟ୍ରମ୍ପ ଏହାକୁ ସକାରାତ୍ମକ



ସର୍ବଦା ନକାରାତ୍ମକ ରହୁଛ କାହିଁକି

ସୂଚନା କହିଥିଲେ। ମାତ୍ର ଏହା କୌଣସି ବଡ଼ କଥା ନୁହେଁ ବୋଲି ନେତନ୍ୟାହୁ ଉଲ୍ଲେଖ କରିଥିଲେ। ଏହା ଶୁଣିବା ମାତ୍ରେ ଆମେରିକା ରାଷ୍ଟ୍ରପତି କ୍ଷୁବ୍ଧ ହୋଇ ଯାଇଥିଲେ। ସେ କ୍ରୋଧରେ ନେତନ୍ୟାହୁଙ୍କୁ ଗାଳି ଦେଇଥିଲେ। ଟ୍ରମ୍ପ କହିଥିଲେ ଯେ ତୁମେ ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ମତେ ଜଣା ନାହିଁ। ଏହାକୁ ବିଜୟ ଭାବେ ଦେଖି ସ୍ୱୀକାର କର। ଏହା ଏକ ଭଲ ଖବର।

ଅନ୍ୟପଟେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ ଯେ ସପ୍ତାହନ୍ତରେ ହମାସ ଏବଂ ବିଶ୍ୱର ଅନ୍ୟ ଦେଶ ସହ ବହୁତ ଭଲ ଆଲୋଚନା ହୋଇଛି। ଗାଜା ଯୁଦ୍ଧ ବନ୍ଦ, ପଣବନ୍ଦୀଙ୍କ ମୁକ୍ତି ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ। ଅତି ଉତ୍ତମ ଭାବେ ଏ ନେଇ ଆଲୋଚନା ହେଉଛି। ଏହି ପୁରୁଣା ଝଗଡ଼ା ଉପରେ ମୁଁ ନଜର ରଖିବି। ସମୟ ଅତି ମୂଲ୍ୟବାନ, ନଚେତ ବେଶୀ କ୍ଷତି ହେବ। ଏପରି ହେଉ ବୋଲି କେହି ଚାହୁଁନାହାନ୍ତି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବକୁ ହମାସ ସ୍ୱୀକାର କରି ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କ ବଦଳରେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ହମାସ ରାଜି ହୋଇଥିଲା। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଟ୍ରମ୍ପ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାତାରରେ ଥିବା ହମାସର ରାଜନୈତିକ ଅଫିସ ପକ୍ଷରୁ କୁହାଯାଇଥିଲା ଯେ ଉପଯୁକ୍ତ ସର୍ତ୍ତ ବଳରେ ଏହି ଚୁକ୍ତିକୁ ଗୋଷ୍ଠୀ ସ୍ୱୀକାର କରୁଛି। ଜୀବିତ ଏବଂ ମୃତଥିବା ପ୍ରତ୍ୟେକ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହି ଯୋଜନା ଅଧିନରେ ହମାସ ତିନି ଦିନ ମଧ୍ୟରେ ପ୍ରାୟ ୪୮ ପଣବନ୍ଦୀଙ୍କୁ ମୁକ୍ତି କରିବ। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବା ଆଶା କରାଯାଉଛି। ଏହି ଗୋଷ୍ଠୀ କ୍ଷମତା ଏବଂ ଅସ୍ତ୍ରବିରତି ପାଇଁ ମଧ୍ୟ ରାଜି ହୋଇଛି। ଟ୍ରମ୍ପ ଏବଂ ଅନ୍ୟ ବିଶ୍ୱନେତା ଏହାକୁ ସ୍ୱାଗତ କରିଥିବାବେଳେ ଯୁଦ୍ଧ ସମାପ୍ତ କରିବା ପାଇଁ କିଛି କହିନାହାନ୍ତି।

# ଦିଲ୍ଲୀରେ ମାସେ ଧରି ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ

**ନୂଆଦିଲ୍ଲୀ,୬ ।୧୦(ଏଜେନ୍ସି):** ଦିଲ୍ଲୀରେ ଏକମାସ ଧରି ଜଣେ ୧୮ ବର୍ଷୀୟା ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯିବାର ଘଟଣା ସମ୍ନାକୁ ଆସିଛି। ପୀଡିତା ଏ ନେଇ ଶୁକ୍ରବାର ମାମଲା ଦାଏର କରିଛନ୍ତି। ଫଳରେ ଏହି ଘଟଣା ଏବେ ସାମ୍ନାକୁ ଆସିଛି। ସ୍ଥାନୀୟ ଆଦର୍ଶ ନଗରସ୍ଥିତ ଏକ ହୋଟେଲକୁ ୨୦ ବର୍ଷର ଯୁବକ ଅମନପ୍ରୀତ ପୀଡିତାଙ୍କୁ ପାର୍ଟିରେ ଯୋଗ ଦେବା ପାଇଁ ଡକାଇଥିଲେ। ସେଠାରେ ଯୁବକଙ୍କର ଦୁଇଜଣ ବନ୍ଧୁ ପୂର୍ବରୁ ଥିଲେ। ୩ ଜଣ ମିସି ପାନୀୟରେ ନିଶା ଦେଇଥିଲେ। ଫଳରେ ଯୁବତୀ ଜଣକ ବେହୋଶ ହୋଇଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ ଓ ବାକି ଦୁଇଜଣ ସାଙ୍ଗ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଦୁଇଜଣ ବନ୍ଧୁ ମଧ୍ୟ ତାଙ୍କର ଯୌନ ଉତ୍ପୀଡ଼ନ କରିଥିଲେ। ଏହାପରେ ଅଭିଯୁକ୍ତ ଏହି ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ୍‌ମେଲ କରିବା ସହ ସେପ୍ଟେମ୍ବର ମାସ ସାରା ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅଭିଯୁକ୍ତ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାକୁ ଧମକ ଦେଇଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ପୀଡିତା ଜଣକ ହରିୟାଣାର ଓ ସେ ଡଃ ବିଆର ଆମ୍ବେଦକର ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି। ସେ ରୋହିଣୀରେ ଏକ ହଷ୍ଟେଲରେ ରହୁଛନ୍ତି। ପୁଲିସ ଏହି ମାମଲାର ଯାଞ୍ଚ କରୁଛି ଓ ଅମନପ୍ରୀତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

**ଆଜିଠୁ କାର୍ତ୍ତିକ ବ୍ରତ**

## ରହଣି କେନ୍ଦ୍ରରେ ରହିଲେ ହବିଷ୍ୟାଳି

ପୁରୀ, ୬।୧୦ (ସମିସ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେଉଛି। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଚଳିତ ବର୍ଷର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ହେବ। ଏଥିପାଇଁ ବୃନ୍ଦାବତୀ ନିବାସ ପରିସରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ବ୍ୟତୀତ ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳିଙ୍କୁ ରଖାଯାଇଛି। ଆଜି ସଂଧ୍ୟା ସୁଦ୍ଧା ୧୯୫୦ ହବିଷ୍ୟାଳି ପୁରୀରେ ପହଞ୍ଚିଥିବା ଜଣାଯାଇଛି।

ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୪ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ) ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୬୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତ ମହିଳାମାନେ ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ ମାଧ୍ୟମରେ କରିଥିଲେ।

**ଆଜି ଧରିବେ ବ୍ରତ**

ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି, ବୁଝିବା ସହ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି।

ହବିଷ୍ୟାଳିମାନେ ଆସନ୍ତାକାଲି ଭୋର୍‌ରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରାମୂଳେ ରାଇଦାମୋଦରଙ୍କୁ ପୂଜା କରି ମାସଟା ଯାକ ଆଧାତ୍ମିକ ଭାବେ ବାନ୍ଧି ହୋଇ ରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଟାଣିବେ। ପୁଣି ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏଥର ମହାପ୍ରସାଦ ସେବନ କରିବେ।

## ୫ ବର୍ଷର ଶିଶୁକୁ ପଥରରେ ଛେଚି ହତ୍ୟା

ଲାଞ୍ଜିଗଡ଼, ୬।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍, ଲାଞ୍ଜି ପଞ୍ଚାୟତ ଯେବା ଗାଁରେ ଜଣେ ୫ ବର୍ଷର ଶିଶୁକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ସୁଦର ମାଝୀଙ୍କ ପୁଅ ଚନ୍ଦନ ମାଝୀ (୫)। ଏହି ଘଟଣାରେ ବିଶ୍ୱନାଥପୁର ପୁଲିସ ସେହି ଗାଁର ବିଙ୍ଗରି ମାଝୀ (୩୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କେଉଁ କାରଣରୁ ବିଙ୍ଗରି ଜଣେ ନିଷ୍ପାପ ଶିଶୁକୁ ହତ୍ୟା କଲା, ସେନେଇ ପୁଲିସ ତଦନ୍ତ କରୁଛି।

ସୂଚନାନୁସାରେ, ସୁଦର ଓ ତାଙ୍କ ପତ୍ନୀ ସନୁ ମାଝୀ ପଡ଼ୋଶୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିବା ବେଳେ ବିଙ୍ଗରି ଘରେ ଥିଲା। ଏହି ସମୟରେ ବିସ୍କୁଟ୍ ଦେବାର ଲୋଭ ଦେଖାଇ ବିଙ୍ଗରି ତାକୁ ଦୋକାନକୁ ଡାକି ନେଇଥିଲା। ତେବେ ଫେରିବା ବେଳେ ସେ ଚନ୍ଦନର ମୁଣ୍ଡକୁ ପ୍ରଥମେ ଛୋଟ ଟେକା ମାରିଥିଲା। ଏଥିରେ ଚନ୍ଦନର ମୁଣ୍ଡ ଫାଟିଯିବା ସହ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲା। ତେବେ କାଳେ ଚନ୍ଦନ ଏ ସଂପର୍କରେ ତା'ର ପରିବାରକୁ ସବୁ କଥା ଜଣାଇଦେବ ବୋଲି ଭାବି ପୁଣି ତାକୁ କାଠଫାଳିଆରେ ଆକ୍ରମଣ କରିଥିଲା ଏବଂ ପରେ ମୁଣ୍ଡରେ ପଥର ଛେଚି ଦେଇଥିଲା। ଖବର ପାଇ ପରିବାରଲୋକ ରକ୍ତ ଜୁଡ଼ୁବୁଡ଼ୁ ଚନ୍ଦନକୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ଏନେଇ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନଂ ୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତ ବିଙ୍ଗରିକୁ କୋର୍ଟଚାଲାଣ କରାଯାଇଥିବା ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର ସୂଚନା ଦେଇଛନ୍ତି।

## ଗାଁ ଦାଣ୍ଡରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ତିର୍ତ୍ତୋଲ/କୁଜଙ୍ଗ, ୬।୧୦(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତ ପଞ୍ଚାୟତର ସରିକି ଗ୍ରାମରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ମନୋଜ ସ୍ୱାଇଁ (୪୫)। ଗତ ରାତିରେ ମନୋଜ ତାଙ୍କର କିଛି ସାଙ୍ଗଙ୍କ ସହ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିବା ବେଳେ ସେହି ଗାଁର ପରେଶ ସ୍ୱାଇଁ ତାଙ୍କୁ ଏକ ଖଣ୍ଡାରେ ହାଣି ହତ୍ୟା କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ସହ ଅଭିଯୁକ୍ତ ପରେଶକୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୦ଟାରେ ମନୋଜ ଓ ଅନ୍ୟ ଯୁବକମାନେ ବୋଧେଇକୁ ଡ୍ରାମା ଦେଖିବାକୁ ଯିବା ପାଇଁ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିଲେ। ସେହି ସମୟରେ ପରେଶ ସେଠାରେ ପହଞ୍ଚିଥିଲା। କେହି କିଛି ବୁଝିବା ପୂର୍ବରୁ ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିରେ ମନୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ଆହତ ହୋଇଥିଲେ। ମନୋଜଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପେଟ, ବେକ ଓ ହାତରେ ଗଭୀର କ୍ଷତ ହୋଇଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ନେଇ ଆଲୋଚନା ହେଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

**ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ**

## ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଭେଟି

ନୂଆପଡ଼ା, ୬।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ନୂଆପଡ଼ା ଗସ୍ତରେ ଆସି ସୋମବାର ଦିନ ୧୧୦୧ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୬୪ କୋଟି ୨ଲକ୍ଷ ଟଙ୍କା ମୂଲ୍ୟର ୧୦୯ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାସହ ୭୫କୋଟି ୩୭ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ଘୋଷଣା କରିଛନ୍ତି। ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨କୋଟି ୯ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ସେହିପରି ଖରିଆରରୋଡ୍ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା, କୋମନା ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଏବଂ ସିନାପାଲି ପଞ୍ଚାୟତ ଓ ଗୋଡାଲ ପଞ୍ଚାୟତକୁ ମିଶାଇ ସିନାପାଲି ଏନ୍‌ଏସିର ମାନ୍ୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ପହଞ୍ଚିଥିଲେ। ପରେ ଦିନ ପ୍ରାୟ ସାଢ଼େ ୧୧ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକଳ୍ପ ଘୋଷଣା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଳାହାଣ୍ଡି ସାଂସଦ ମାଳବିକା

- **ଖରିଆର ରୋଡ୍‌କୁ ମ୍ୟୁନିସିପାଲିଟି, କୋମନା ଏବଂ ସିନାପାଲିକୁ ନୂତନ ଏନ୍‌ଏସି ମାନ୍ୟତା ଘୋଷଣା**
- **ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଲୋକଙ୍କୁ ଭୂତାଉଛନ୍ତି: ବିଜେଡି**

ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଘେରିଛି ବିଜୁ ଜନତା ଦଳ। ଉପନିର୍ବାଚନର ତାରିଖ ଘୋଷଣା ହେବାର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସରକାରଙ୍କ ନିର୍ବାଚନୀ ଭେଟି ବୋଲି ଦଳ କହିଛି। ଏପରି କରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭୂତଉଛନ୍ତି। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ କହିଛନ୍ତି ଯେ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଠିକ ପରେପରେ ନୂଆପଡ଼ାକୁ ଆସି ଅପରାହ୍ଣ ୨ଟା ବେଳେ ଏଭଳି ପ୍ୟାକେଜ ଘୋଷଣା କରିବା ଏବଂ ଏହାର ୨ଘଣ୍ଟା ପରେ (ଅପରାହ୍ଣ ୪ଟାରେ) ନିର୍ବାଚନ କମିଶନ ଦିଲ୍ଲୀରୁ ନିର୍ବାଚନ ତାରିଖ ଘୋଷଣା କରିବା, ନୂଆପଡ଼ାବାସୀ ଠିକ୍ ବୁଝୁଛନ୍ତି। ଏହା କେବଳ ଏକ ନିର୍ବାଚନ ଏଜେଣ୍ଡା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଜିଲ୍ଲାରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ଓ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କ୍ଷମତାକୁ ଆସିବା ପରେ ପାଖାପାଖି ବିଜେପି ସରକାର ନୂଆପଡ଼ା ପାଇଁ କ'ଣ କରିଥିଲା, ତାହା ଜିଲ୍ଲାବାସୀ ଭଲ ଭାବେ ଜାଣିଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ ଦେଖି ଏଭଳି ଘୋଷଣା କରିଛନ୍ତି। ନୂଆପଡ଼ାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଦୀର୍ଘଦିନ ହେବ ଆମେ ଦାବି କରିଆସୁଛୁ। କିନ୍ତୁ ସରକାର ଶୁଣୁନାହାନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି।

## ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ

**ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଦୁର୍ଭାଗ୍ୟଜନକ: ବିଜେଡି**



ଭୁବନେଶ୍ୱର,୬।୧୦(ସମିସ): ଏକାଧିକ ପ୍ରସଙ୍ଗରେ ଏବେ ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ ଥିବାବେଳେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନୀ ପ୍ରଚାର କରିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। କଟକରେ ପୂଜା ଭସାଣି ବେଳର ଗୋଷ୍ଠୀ ସଂଘର୍ଷକୁ ନେଇ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍‌ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି,

- **ନୂଆପଡ଼ାରେ ଇଟା ଖଣ୍ଡେ ପକାଇ ନାହାନ୍ତି ଡବଲ ଇଞ୍ଜିନ ସରକାର**
- **ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ୧୧୦୦ କୋଟିର ନିର୍ବାଚନୀ ଥୋପ**
- **ନୂଆ ରଙ୍ଗ ମାରି ନବୀନ ସରକାରଙ୍କ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି**

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ଦଳ କଡ଼ା ନିନ୍ଦା କରିଛି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ଆଜି ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗରିମା ଆଜି ଭୁଲୋଟିତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନ ନେବା ଚିନ୍ତାଜନକ। ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପରେ ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି। ସିନାପାଳିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍‌ଏସି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ବିଜେପି ସରକାର ଘୋଷଣା କରିଥିବା ତାଲିକାରୁ ସିନାପାଳିର ନାଁକୁ କାଟି ଏବେ ଯୋଡ଼ିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ ରେ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡ଼ା ବିଜୁ ଜନତା ଦଳର ଫୋକସ୍‌ରେ ରହିଆସିଛି। ଗତ ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡି ନ ଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡ଼ାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ।

ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନ ନେବା ଦୁଃଖଦାୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଏମ୍‌କେସିଜିରେ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍

ବ୍ରହ୍ମପୁର,୬।୧୦(ସମିସ): ଏମ୍‌କେସିଜିକୁ ଜାତୀୟସ୍ତରୀୟ ହସ୍ପିଟାଲରେ ପରିଣତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ସମସ୍ତ ପ୍ରକାର ସେବା

- **ହନ୍ତସନ୍ତ ଶିଶୁ ବିଭାଗର କୋମଳମତି ଶିଶୁ**
- **ଏକ୍ସ-ରେ ପାଇଁ ଦେବାକୁ ପଡୁଛି ୮ ଶହ ଟଙ୍କା**

ଯୋଗାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ, ଶିଶୁ ବିଭାଗର ପରିଚାଳନା ତ୍ରୁଟି କାରଣରୁ ବହୁ କୋମଳମତି ଶିଶୁ ଉତ୍ତମ ଚିକିତ୍ସା ନିମନ୍ତେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ଶିଶୁଙ୍କ ନିମନ୍ତେ ରହିଥିବା ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମାସାଧିକ ସମୟ ହେବ ଅଚଳାବସ୍ଥାରେ ପଡ଼ି ରହିଛି। ଏଭଳି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବାରୁ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ରୋଗୀ ଏକ୍ସ-ରେ' ସେବାରୁ ବଞ୍ଚିତ ହେଉଛନ୍ତି।




ଏମ୍‌କେସିଜି ମେଡିକାଲ ଶିଶୁ ବିଭାଗର ଅଧୀନରେ ପିକୁ, ନିକୁ ଓ ଏସ୍‌ଏନ୍‌ସିୟୁ ଭଳି ବିଭିନ୍ନ ବିଭାଗ ରହିଛି। ବିଭାଗରେ ନବଜାତଠାରୁ ଆରମ୍ଭ କରି ୧୬ ବର୍ଷ ପର୍ଯ୍ୟନ୍ତ ସଂକଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟରେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥା'ନ୍ତି। ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତାସ୍ଥଳେ ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ଏକ୍ସ-ରେ' କରିବାକୁ ପରାମର୍ଶ ଦେଇଥାନ୍ତି। ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ' କରିବାରେ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ ପୋର୍ଟେବଲ୍ ଏକ୍ସ-ରେ' ମେସିନର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଉକ୍ତ ମେସିନ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର୍ ଉପରେ ନିର୍ଭର କରୁଛନ୍ତି। ରୋଗୀ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଡାଏଗ୍ନୋଷ୍ଟିକ ସେଣ୍ଟର୍‌ର କର୍ମଚାରୀମାନେ ମେଡିକାଲ ଶିଶୁ ବିଭାଗକୁ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ଆଣି ସଙ୍କଟାପନ୍ନ ଶିଶୁଙ୍କ ଏକ୍ସ-ରେ' କରୁଥିବା ଦେଖିବାକୁ ମିଳିଛି। ଏଥି ନିମନ୍ତେ ରୋଗୀଙ୍କୁ ୮ ଶହ ଟଙ୍କା ଦେବାକୁ ପଡୁଛି।

ବିଭାଗରେ ମାସାଧିକ କାଳ ହେବ ଏହି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବା ବେଳେ ଏହାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା ବିଭାଗ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଉନି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମରାମତି ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍‌ର ଆଡପ୍ଟର ଖରାପ ରହିଥିବା ବେଳେ ତାହା ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।

**ଅଶାନ୍ତ ହେଉଛି ଶାନ୍ତିପ୍ରିୟ ଓଡ଼ିଶା**

## ଦେଢ଼ ବର୍ଷର ସରକାରରେ ୩ ଟି କର୍ଫ୍ୟୁ

ଭୁବନେଶ୍ୱର,୬।୧୦(ସମିସ): ଦେଶକୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ଓଡ଼ିଶାର ଅନେକ ସହରରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ମିଶି ପୂଜା ପାର୍ବଣ ଆୟୋଜନ କରୁଥିବାର ନଜିର ରହିଛି। ହେଲେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୱେଷ ଓ ଅବିଶ୍ୱାସ ମାଡ଼ି ଚାଲିଛି। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମ୍ପ୍ରଦାୟିକ ସଦ୍‌ଭାବନା ବିଗିଡ଼ିଥିବା ବେଳେ ୩ଟି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି।



ବିଭିନ୍ନ ସ୍ଥାନରେ ସାମାଜିକ ବିଶୃଙ୍ଖଳା ବଢ଼ିଚାଲିଥିବା ବେଳେ ସରକାର ଏଭଳି ଘଟଣାକୁ ଦମନ କରିବାରେ କାହିଁକି କିଛି ଠୋସ୍ ପଦକ୍ଷେପ ନେଇପାରୁ ନାହାନ୍ତି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ହଜାର ବର୍ଷର ଭାଇଚାରାକୁ ନେଇ କଟକ ସହର ଯେଉଁ ଗର୍ବ କରୁଥିଲା, ତାହା ମଧ୍ୟ ଏବେ ଧୂଳିସାତ୍ ହୋଇଯାଇଛି। କଟକରେ ମା' ଦୁର୍ଗାଙ୍କ ଭାସାଣି ସମୟରେ ହୋଇଥିବା ହିଂସା ଓ ଏହା ପରର ସ୍ଥିତି ଏତେ ଆଗକୁ ବଢ଼ିଯାଇଛି ଯେ ୨ ଦିନ ହେବ ସେଠାରେ କର୍ଫ୍ୟୁ ବଳବତ୍ତର ରହିଛି। କେବେ ଏଠାରେ ସ୍ଥିତି ସ୍ୱାଭାବିକ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେବଳ କଟକ ନୁହେଁ; ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦପ୍ରସାଦରେ ଅଗଷ୍ଟ ୨୦୨୪ରେ ମଧ୍ୟ କର୍ଫ୍ୟୁ ଲାଗିବା ସହ ଜୁନ୍ ମାସରେ ବାଲେଶ୍ୱରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ ହେବା ଓ କର୍ଫ୍ୟୁ ଲାଗିଥିଲା। ୨୦୨୪ ସେପ୍ଟେମ୍ବର ଶେଷ ଆଡ଼କୁ ଭଦ୍ରକରେ ମଧ୍ୟ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଅଳ୍ପ

- **ବିଗିଡ଼ିଗଲାଣି ରାଜ୍ୟର ସାମ୍ପ୍ରଦାୟିକ ସଦ୍‌ଭାବନା**
- **ହିଂସା ଉଦ୍ରେକକାରୀଙ୍କୁ ଦମନ କରିପାରୁନି ପୁଲିସ**

କେଇ ଦିନ ମଧ୍ୟରେ ବାଲେଶ୍ୱରରେ ସାମ୍ପ୍ରଦାୟିକ ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉଗ୍ର ହେବା ଓ ପୁଲିସ ଉପରେ ଆକ୍ରମଣ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଠାରେ ସ୍ଥିତି ସ୍ୱାଭାବିକ ଆଣିବାରେ ସରକାର ବିଫଳ ହେବା ସହ ପ୍ରାୟ ୧୭ ଦିନ କାଳ ୧୪୪ ଓ କର୍ଫ୍ୟୁ ଲାଗି ରହିଥିଲା। ଏଠାରେ ସ୍ଥାନୀୟ ଏସ୍‌ପିଙ୍କ ଉପରେ ଆକ୍ରମଣ ହେବା ସହ ସେ ଆହତ ହୋଇଥିଲେ। ଏବେ ବି ବାଲେଶ୍ୱର ପରିସ୍ଥିତି ସୁଧୁରି ନାହିଁ। ଗତକାଲି ମଧ୍ୟ ସହରରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ଖୋର୍ଦ୍ଧରେ ଭିନ୍ନ ଭିନ୍ନ ଭାବେ ଦୁଇଟି ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବନା ଭଙ୍ଗ ହେବା ସହ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାର ମୁକୁନ୍ଦ ପ୍ରସାଦରେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏଠାରେ ମାସେ କାଳ ଆଇଏନ୍‌ଏସ୍‌ର ୧୬୩ ଧାରା ଜାରି ରହିଥିଲା। ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ଛଣଗିରିରେ ମଧ୍ୟ ସ୍ଥିତି ବେକାବୁ ହେବା ସହ ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ପ୍ରଶାସନକୁ ପ୍ରାୟ ୧୫ ଦିନ ଧରି ୧୬୩ ବଳବତ୍ତର ରଖିବାକୁ ପଡ଼ିଥିଲା।

ଲଗାତାର ଭାବେ ଏହିଭଳି ଘଟଣା ବଢ଼ି ଚାଲିଥିବାରୁ ସାରା ଦେଶରେ ଓଡ଼ିଶାର ଛବି ମଳିନ ହେବାରେ ଲାଗିଛି। ସଂପ୍ରତି ଜାତୀୟ ଗଣମାଧ୍ୟମଗୁଡ଼ିକରେ ଓଡ଼ିଶାର ହିଂସା ଖବର ପ୍ରମୁଖ ସ୍ଥାନ ନେଉଛି। ରାଜ୍ୟ ଏବେ ବିହାର ଓ ଉତ୍ତର ପ୍ରଦେଶ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି। ବଡ଼ କଥା ହେଉଛି ଯେ ଏଭଳି ଘଟଣାକୁ ଦମନ କରିବାରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଅନେକ ଦିଗକୁ ପ୍ରଶ୍ନ ଉଠାଉଛି। କଟକରେ ପ୍ରଥମେ ହିଂସା ହେବା ଓ ପରେ ଏତେ ବଡ଼ ବାଇକ ରାଲିକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଏହା ବ୍ୟତୀତ ଗୁଇନ୍ଦା ବ୍ୟବସ୍ଥା ଏଠାରେ କିପରି କାମ କରୁଥିଲା ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ସରକାର ପରିବର୍ତ୍ତନର କିଛି ଦିନ ମଧ୍ୟରେ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦ ବଢ଼ିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଗତ ବର୍ଷ ଅଗଷ୍ଟ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରି ରାଜ୍ୟର ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଦେଖା ଦେଇଥିବା ବିଭେଦ ଆଗାମୀ ଦିନରେ ରାଜ୍ୟର ଗରିମା କ୍ଷୁଣ୍ଣ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ଏଥିସହ ସବୁ ବର୍ଗର ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଏବଂ ସମସ୍ତ ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସହ ନବୀନ ସମସ୍ତ ସମ୍ପ୍ରଦାୟକୁ ଓଡ଼ିଶାର ଭାବମୂର୍ତ୍ତି ତଥା ଗରିମା ରକ୍ଷା କରିବା ପାଇଁ ନିବେଦନ କରି ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ କାମ କରିବାକୁ ନିବେଦନ କରିଥିଲେ। ମାତ୍ର ସରକାର ଏ ଦିଗରେ ସେପରି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଓ ରାଜ୍ୟରେ ନୂଆ କରି ମୁଣ୍ଡ ଟେକୁଥିବା ସାମ୍ପ୍ରଦାୟିକ ବିଭେଦକୁ ଦୂର କରିବା ନେଇ କୌଣସି ଅପିଲ୍ ନ କରିବା ପୁଣି ଥରେ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ କୁଠାରଘାତ କରିବା ଭଳି ସ୍ଥିତି ସୃଷ୍ଟି କରିଛି।

## ମହିଳାଙ୍କୁ ଟାଣିନେଲା କୁମ୍ଭୀର



ବିଞ୍ଝାରପୁର/ବରୀ, ୬।୧୦ (ସମିସ): ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ କନ୍ତିଆ ଗାଁ ଦେଇ ଯାଇଥିବା ଖରସ୍ରୋତା ନଦୀରେ ଧୋଇ ହେଉଥିବା ବେଳେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଛି। ଆଜି ଅପରାହ୍ଣ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଶୁକଦେବ ମହଲାଙ୍କ ପତ୍ନୀ ସୌଦାମିନୀ ମହଲା। ସୂଚନା ମୁତାବକ, ସୌଦାମିନୀ ଆଜି ଦ୍ୱିପ୍ରହରେ ଖାଇ ସାରିବା ପରେ ବାସନ ମାଜିବାକୁ ନଦୀକୁ ଯାଇଥିଲେ। ବାସନ ମାଜି ସାରି ହାତଗୋଡ଼ ଧୋଇ ହେଉଥିବା ବେଳେ ଗୋଟିଏ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସୌଦାମିନୀର ହାତକୁ ଧରି କୁମ୍ଭୀର ନଦୀରେ ଟାଣିଟାଣି ନେଉଥିବା ଦୃଶ୍ୟ ଗ୍ରାମବାସୀ ଦେଖିଥିଲେ ହେଁ କୁମ୍ଭୀର ଆକ୍ରମଣ ଭୟ ଓ ନଦୀରେ ଅଧିକ ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ସୌଦାମିନୀଙ୍କ ମୃତଦେହ ଉଦ୍ଧାର କରିଥିଲା।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ନଦୀରେ କୁମ୍ଭୀର ବୁଲାବୁଲି କରୁଥିବା ଦୃଶ୍ୟ ମଧ୍ୟ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କୁମ୍ଭୀରକୁ ନିଜ ଆୟତ୍ତକୁ ନେଇ ପାରି ନଥିବାରୁ ଆଜି ଏପରି ଏକ ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ମିଳିବ ବୋଲି ସୂଚନା ଦେଇଛନ୍ତି।

# ଖଇରାକୁ ଏନ୍‌ଏସି ଦାବିରେ ୨୨ ଦିନରେ ଧାରଣା

ଖଇରା, ୬ ।୧୦ (ସମିସ)




ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପ୍ରମୁଖ ସହର ଖଇରା ଏନ୍‌ଏସି ତାଲିକାରୁ ବାଦ ପଡିବାକୁ ନେଇ ୧ମାସରୁ ଉର୍ଦ୍ଧ ସମୟ ଧରି ପ୍ରତିବାଦ ଜାରି ରହିଛି । ପ୍ରଥମେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓ ପରେ ବିଜେଡି ପକ୍ଷରୁ ଖଇରା ବନ୍ଦ ପରେ ଏବେ ଗତ ସେପ୍ଟେମ୍ବର ୧୫ ତାରିଖଠାରୁ ଖଇରା ବ୍ଲକ ସମ୍ମୁଖରେ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଗଣଧାରଣା ଅଦ୍ୟାବଧି ଜାରି ରହିଛି । ପ୍ରତ୍ୟେକ ଦିନ ଏହି ଗଣଧାରଣା ସମ୍ପର୍କରେ ବିଡିଓଙ୍କ ଜରିଆରେ ବ୍ଲକ, ଜିଲା ପ୍ରଶାସନ ତଥା ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅବଗତ କରାଯାଉଛି । ତେବେ ବ୍ଲକ ଓ ଜିଲା ପ୍ରଶାସନର ସ୍ଥାଣୁତାକୁ ନେଇ ମଞ୍ଚର ସଦସ୍ୟ ମାନେ ପ୍ରଶ୍ନ ଉଠାଇଛନ୍ତି । ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଦରମା ନେଉଥିବା ଏହି ସରକାରୀ ବାବୁମାନେ ୨୨ଦିନ ମଧ୍ୟରେ ଘଣ୍ଟାଏ କି ଓଳିଏ ଧାରଣାସ୍ଥଳକୁ ନ ଯିବା ବା ଆଲୋଚନା ନ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଲୋକ ମାନେ ଯେଉଁ ଆଶା ଭରସା ନେଇ ଏହି ସରକାରକୁ ଜିତାଇ ଥିଲେ ସେ ଆଶା ଧୂଳିସାତ ହୋଇ ଯାଇଛି ବୋଲି ସୋମବାର ଧାରଣାରେ ଯୋଗ ଦେଇଥିବା ମଞ୍ଚର ସଦସ୍ୟ ମାନେ ସରକାରଙ୍କୁ ସମାଲୋଚନା କରିବା ଅବସରରେ ପ୍ରକାଶ କରିଛନ୍ତି । ସେହିଭଳି ବିଧାୟକଙ୍କୁ କୁପରାମର୍ଶ ଦେଉଥିବା କିଛି ସ୍ଥାନୀୟ ନେତାଙ୍କୁ ପରବର୍ତ୍ତୀ ପିଢି କେବେ କ୍ଷମା ଦେବେ ନାହିଁ ବୋଲି ଅନ୍ୟ କିଛି ସଦସ୍ୟ କହିଥିଲେ । ସୋମବାରର ଗଣଧାରଣାରେ ମାନସ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ଖଇରାକୁ ଏନଏସି ଘୋଷଣା ନ ହେବା ଯାଏ ଗଣଧାରଣା ଚାଲୁ ରହିବ ବୋଲି ଶ୍ରୀ ମହାପାତ୍ର ପ୍ରକାଶ କରିଥିଲେ । ରାଜ୍ୟ ସରକାର ୩ ପର୍ଯ୍ୟାୟରେ ୩୦ଟି ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରିଥିବା ବେଳେ ସବୁ ପ୍ରକାର ଭିତ୍ତିଭୂମି ଥାଇ ଖଇରା ବାଦ ପଡିବାକୁ ନେଇ ଖଇରାର ସମସ୍ତ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ସ୍ୱାଭିମାନ ମଞ୍ଚ ବ୍ୟାନରରେ ଗଣଧାରଣାରେ ବସି ତୁରନ୍ତ ଏନ୍‌ଏସି ଘୋଷଣା କରିବାକୁ ଦାବି କରାଯାଇଛି ।

**ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନବାଚୀ**

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ



ନୀଳଗିରି, ୬।୧୦ (ସମିସ): ଔପଦା ବ୍ଲକ ଅର୍ନ୍ତଗତ ସନ୍ତରାଗଡିଆ ଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମାରୋହରେ ଔପଦା ବ୍ଲକ ୧୦୦ ଜଣ ସ୍ୱୟଂସେବକ କାନପୁର, ନୟାପାଟଣା, କୁଳିଗଡି ଓ ସନ୍ତରାଗଡିଆ ଗ୍ରାମ୍ୟରେ ପଥ ସଞ୍ଚାଳନ କରିଥିଲେ । ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ୭୦୦ ଶହ ସଂଘ ଶାଖା ବିସ୍ତାର ହେବ ବୋଲି ବାଲେଶ୍ୱର ଜିଲ୍ଲାର ବିଭାଗ ପ୍ରଚାରକ ସ୍ୱୟଂସେବକ ପ୍ରକାଶ କରିଛନ୍ତି । ଔପଦା ବ୍ଲକର ପ୍ରମୁଖ ତପନ କୁମାର ସେଠୀ ସଂଯୋଜନା ସହିତ ସୁରେନ୍ଦ୍ର କୁମାର ରାଉଳ ଓ ମଣିଭଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ନିରାଶ୍ରୟା ଯୁବତୀ ଚୁଲି ନିଆଁରେ ପଡି ଗୁରୁତର ଘଟଣା**

## ସହଯୋଗର ହାତ ବଢ଼ାଇଲେ ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀ



ନୀଳଗିରି, ୬।୧୦ (ସମିସ): ନୀଳଗିରି ଥାନା ମିତ୍ରପୁର ନିକଟସ୍ଥ କାଠଗୋଛି ଗାଁରେ ଗତ ରବିବାର ମଧ୍ୟାହ୍ନରେ ଜଣେ ନିରାଶ୍ରୟା ଯୁବତୀ ନିଆଁ ଚୁଲିରେ ପଡି ଗୁରୁତର ହୋଇ ଡାକ୍ତରଖାନା ଶଯ୍ୟାରେ ଏକାକୀ ସଂଗ୍ରାମ କରୁଥିବାର ଘଟଣା ଅଞ୍ଚଳରେ ଉଦବେଗ ପ୍ରକାଶ ପାଇଛି । ଗ୍ରାମର ଭାସ୍କର ମହାଳିକଙ୍କ ଝିଅ ତିଳୋତ୍ତମା(୨୨) ପିଲା ବେଳୁ ମା'କୁ ହରାଇଥିଲା । ବାପା ଭାସ୍କର ମହାଳିକ ଦ୍ୱିତୀୟ ବିବାହ କରିବାରୁ ସାବତ ମା'ର ନିର୍ଯାତନା ସହି ନ ପାରି ଜେଜେଙ୍କ ସହ ଏକ କୁଡ଼ିଆ କରି ରହୁଥିଲା ଯୁବତୀ ତିଳୋତ୍ତମା । ଗତ ୩ ମାସ ତଳେ ଜେଜେ ଆର ପାରିକୁ ଚାଲିଯାଇଥିଲେ । ନିରାଶ୍ରୟ ଯୁବତୀ ଜଣକ ଗତ ରବିବାର ରୋଷେଇ କରୁଥିବା ସମୟରେ କୌଣସି କାରଣରୁ ନିଆଁ ଲାଗିଥିବା ଚୁଲି ଭିତରେ ଗଳି ପଡ଼ି ମୁହଁର ୬୦ ଭାଗ ପୋଡ଼ି ଯାଇଥିଲେ । ଗାଁ ଲୋକଙ୍କ ସହଯୋଗରେ ନୀଳଗିରି ଡାକ୍ତରଖାନାରେ ଏହି ଯୁବତୀ ଜଣକଙ୍କୁ ଭର୍ତ୍ତି କରାଯାଇଥିଲା । ଏହି ନିରାଶ୍ରୟା ଯୁବତୀଙ୍କ ପାଖରେ କେହି ନଥିବା ଯୋଗୁଁ ସେ ଏକାକୀ ଡାକ୍ତରଖାନା ଶଯ୍ୟାରେ ଜୀବନ ସହ ସଂଗ୍ରାମ କରୁଥିବାର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଖବର ପାଇବା ପରେ ଏସ୍‌ଡିଏମଓ ସରୋଜିନୀ ପ୍ରଧାନଙ୍କ ସହ କଥା ହୋଇ ଚିକିତ୍ସା ପାଇଁ ଯାହା ଆବଶ୍ୟକ ପଦକ୍ଷେପ ନେବାକୁ ଓ ଅନ୍ୟ କୌଣସି ହସ୍ପିଟାଲକୁ ଯଦି ସ୍ଥାନାନ୍ତର କରାଯିବ ତେବେ ଡାକ୍ତରଖାନା ପକ୍ଷରୁ ଜଣେ ଆଟେଣ୍ଡାଣ୍ଟକୁ ପଠାଅ ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହ ନୀଳଗିରି ଗୋପିନାଥପୁର ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ କର୍ମକର୍ତ୍ତା ମେଡିକାଲରେ ପହଞ୍ଚି ପାଖରେ ରହି ସେବା ଯୋଗାଇଥିଲେ । ସୋମବାର ସକାଳେ ନୀଳଗିରି ଟ୍ରକ ଆସୋସିଏସନ ପକ୍ଷରୁ ଶିଶିର କୁମାର ରାଉତ, ମାନସ ବାରିକ ମେଡିକାଲରେ ପହଞ୍ଚି ତିଳୋତ୍ତମାର ଅବସ୍ଥା ବିଷୟରେ ପଚାରି ବୁଝିଥିଲେ ଆବଶ୍ୟକ ସ୍ଥଳେ ଡାକ୍ତର ଯଦି ପ୍ଲାଷ୍ଟିକ ସର୍ଜରି ପାଇଁ ପରାମର୍ଶ ଦିଅନ୍ତି ତାହେଲେ ଆସୋସିଏସନ ପକ୍ଷରୁ ପ୍ଲାଷ୍ଟିକ ସର୍ଜରୀର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଘୋଷଣା କରିଥିଲେ । ପରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମେଡିକାଲରେ ପହଞ୍ଚି ତିଳୋତ୍ତମାର ଅବସ୍ଥା ବିଷୟରେ ପଚାରି ବୁଝିଥିଲେ ।

## ଶୁଭମ ୧୧ଷ୍ଟାର ଚନ୍ଦନେଶ୍ୱର ଚାମ୍ପିଅନ

ଚନ୍ଦନେଶ୍ୱର, ୬।୧୦ (ସମିସ) : ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତ ସରବଣୀ ଦୁର୍ଗାପୂଜା କମିଟି ଦ୍ୱାରା ସଟପିଚ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଶିକ୍ଷାବିତ ଶମ୍ଭୁନାଥ ଜେନା ଉଦଘାଟନ କରିଥିଲେ । ନିର୍ଣ୍ଣାୟକ ମ୍ୟାଚରେ ଶୁଭମ ୧୧ଷ୍ଟାର ଚନ୍ଦନେଶ୍ୱର ବିଜୟଲାଭ କରି ଚାମ୍ପିଅନ ହୋଇଥିବା ବେଳେ ହିନ୍ଦ କ୍ଲବ ନଇଛନପୁର ରନର୍ସଅପ ହୋଇଥିଲା । ମୁଖ୍ୟଅତିଥି ସରପଞ୍ଚ ପ୍ରତ୍ୟାଶା ପାତ୍ର, ସମାଜସେବୀ ଚନ୍ଦନ ପାତ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ ମହାନ୍ତି, ପୂଜାକମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ପ୍ରଧାନ, କମିଟି ତରଫରୁ ଜଗନ୍ନାଥ ପ୍ରଧାନ, ସମ୍ପାଦକ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ ।

## ସାରସ୍ୱତ ସମାବେଶ ଓ ପୁସ୍ତକ ଉନ୍ମୋଚନ ସଭା




କାଳିପଦା, ୬।୧୦ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମତକୁଲାର ବିଶିଷ୍ଟ ଶିକ୍ଷାବିତ ତଥା ଆଧ୍ୟାତ୍ମିକବାଦୀ ପୁରୁଷୋତ୍ତମ ପାତ୍ରଙ୍କ ବାସଭବନରେ ଏକ ସାରସ୍ୱତ ସମାବେଶ ଓ ପୁସ୍ତକ ଉନ୍ମୋଚନ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ସୁବାସ ଚନ୍ଦ୍ର ଚୌଧୁରୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡକ୍ଟର ରତ୍ନାକର ସିଂହ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସୁକାନ୍ତ ଗିରି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଆଧ୍ୟାତ୍ମିକ ଲେଖକ ପୁରୁଷୋତ୍ତମ ପାତ୍ର, ଶିଶୁ ସାହିତ୍ୟିକ କାଳିକିଙ୍କର ଦାସ, ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତ ଯୋଗ ଦେଇ ଆଧ୍ୟାତ୍ମିକତା ଜୀବନର ମୂଳମନ୍ତ୍ର ବୋଲି ଅଭିହିତ କରିଥିଲେ । ପୁରୁଷୋତ୍ତମ ପାତ୍ରଙ୍କ ଲିଖିତ ପୁସ୍ତକ ଶ୍ରୀମଦ ଭଗବତ ଗୀତା( ଶରୀର ତତ୍ତ୍ୱ ସମ୍ବଳିତ) ପୁସ୍ତକ, ନଳିନୀ କାନ୍ତ ପାଢ଼ୀଙ୍କର ସମ୍ପାଦିତ ଶିଶୁ ପତ୍ରିକା "ପତଙ୍ଗ" ପଣ୍ଡିତ ଅନାଦି କୁମାର ପଣ୍ଡାଙ୍କର ଦୁଇଟି ପୁସ୍ତକ ଋତୁ ବିଚିତ୍ରା ଓ ମହାମୁଦଗର ପୁସ୍ତକ ଉନ୍ମୋଚିତ ହୋଇଥିଲା । କୃଷିକ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୃଷ୍ଟିଧର ପରିଡା, ଶ୍ରୀହରି ଜେନା, ସାହିତ୍ୟରେ ବିଶେଷ ଅବଦାନ ପାଇଁ ପୁରୁଷୋତ୍ତମ ପାତ୍ର, ଡ. ରତ୍ନାକର ସିଂହ ଓ ନବ ଦାସ, ସଂଗୀତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଶଙ୍କର୍ଷଣ ପରିଡାଙ୍କୁ ପତଙ୍ଗଶିଶୁ ସାହିତ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଶିଷ୍ଟ ସଂଗୀତଜ୍ଞ ଶଙ୍କର୍ଷଣ ପରିଡା ଓ ସାଥୀମାନେ ସଂଗୀତ ପରିବେଷଣ କରିଥିଲେ । ରବୀନ୍ଦ୍ର ଦତ୍ତ, ମନ୍ମଥ ସାହୁ, ରାଧାକୃଷ୍ଣ ଦାସ, ମାହେଶ୍ୱରୀ ଗିରି, ବିଷ୍ଣୁପ୍ରିୟା ମହାପାତ୍ର, ବିଜୟ କୁମାର ପାତ୍ର, ବୀରମାଧବ ଦାସ, ଶ୍ରୀହରି ମଣ୍ଡଳ, ହରେକୃଷ୍ଣ ରାଉତ, ମନ୍ମଥ ସାହୁ, ବିଜୟ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା



ନୀଳଗିରି, ୬।୧୦ (ସମିସ) : ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛସେବୀ ଡିଭାଇନ୍ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ ଟ୍ୟୁଟୋରିଆଲ୍ ପ୍ରାଙ୍ଗଣରେ ବିଶ୍ୱ ଗୁରୁଦିବସ ଉପଲକ୍ଷେ ପୂଜ୍ୟପୂଜା ଓ ଆତ୍ମ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ସ୍ୱାଗତ ଅଭିଭାଷଣ ଟ୍ରଷ୍ଟର ପ୍ରତିଷ୍ଠାତା ଓ ଡିଭାଇନ ଶିକ୍ଷାଅନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର । ସମ୍ମାନିତ ଅତିଥି ଭାବେ ଡ଼. କୁମାର ଚନ୍ଦ୍ର ମିଶ୍ର, ସ୍ୱାମୀ ରୁଦ୍ର ବେଶାନ୍ଦ ଗିରି, ସୁବାସିନି ଜୀ, କାର୍ତ୍ତିକ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ମହାପାତ୍ର, କୌଶିକ କୁମାର ଦାସ, ସୋମନାଥ ନାୟକ, ଜୟନ୍ତ ପ୍ରଧାନ, ବାମନଚନ୍ଦ୍ର ମହାନ୍ତି, ଡ. ପ୍ରଦୀପ୍ତ ମିଶ୍ର, ଡ. ଶରତ କୁମାର ମିଶ୍ର, ଜ୍ୟୋତିର୍ମୟୀ ନାୟକ ପ୍ରମୁଖ ମତ ପ୍ରଦାନ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କବି ଭରତ ଚନ୍ଦ୍ର ଦାଶଙ୍କୁ ଗୁରୁ ଗୌରବ ସମ୍ମାନ

ଖଇରା, ୬।୧୦ (ସମିସ): ଦୀର୍ଘ ୩ ଦଶନ୍ଧି ଧରି ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଓଡିଆ ଭାଷା ସାହିତ୍ୟ ଶିକ୍ଷଣ ସଂସ୍ଥାନ, ଓଡିଆ ଶ୍ରୀର ପ୍ରତିଷ୍ଠାତା ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଡ. ଭରତ ଚନ୍ଦ୍ର ଦାଶଙ୍କୁ କାଲି ବିଶ୍ୱ ଶିକ୍ଷକ ଦିବସରେ ଖଇରାର ମୋ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି । ଶିକ୍ଷକ ଭବନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୋ ଅନୁଷ୍ଠାନର ଉପଦେଷ୍ଟା ମୁକ୍ତିକାନ୍ତ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ବରେଣ୍ୟ ଅତିଥିଭାବେ ୪ ନଂ ଜୋନର ଜିଲ୍ଲାପରିଷଦ ସଦସ୍ୟା ରଶ୍ମିତା ମହାପାତ୍ର, କବି ସୁଦାମ ଚରଣ ରାଉତ, ଶିକ୍ଷକ ଗଦାଧର ଜେନା, ମୋ ଅନୁଷ୍ଠାନର ସଭାପତି କୁଞ୍ଜଲତା ମହନ୍ତ, ସଂପାଦକ ନରେନ୍ଦ୍ର ବେହେରା ଉପସ୍ଥିତ ଥିଲେ । ଡ. ଦାଶଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନ କରାଯାଇଥିଲା । ଜଣେ ପ୍ରେମ ପ୍ରଣୟର କବିଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଭରତ ଚନ୍ଦ୍ର ଦାଶଙ୍କର ୨୭ଟି ରୋମାଣ୍ଟିକ୍ କବିତା ସଂକଳନ ପ୍ରକାଶ ପାଇଛି । ପ୍ରକୃତିବନ୍ଧୁ ପୁରସ୍କାର, କବିବର କବିତା ସମ୍ମାନ, ଆମ ମାଟିର ଗୀତିକବି ସମ୍ମାନ, କବି ମଞ୍ଜୁଳ ଉପାଧି , ଓଡିଶା ସେବାରତ୍ନ ସମ୍ମାନ ଆଦି ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି ।

## ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ ପାଳନ ସମାରୋହ

କାଳିପଦା, ୬।୧୦ (ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାଲିଆପାଳ ଖଣ୍ଡ ପକ୍ଷରୁ ଶତାବ୍ଦୀବର୍ଷପୂର୍ତ୍ତି ସମାରୋହ ଓ ପଥସଂଚାଳନ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ଏହି ସମାରୋହରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ପ୍ରୀତମ କୁମାର ସାହୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ସଂଘର ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ଶହେ ବର୍ଷର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ । ସହ ଜିଲ୍ଲା ବୌଦ୍ଧିକ ପ୍ରମୁଖ ଅଧ୍ୟାପକ ନିରଞ୍ଜନ ବେହେରା, ଖଣ୍ଡ ସେବା ପ୍ରମୁଖ ବରୁଣ ହାଇଟି, ଖଣ୍ଡ ବୌଦ୍ଧିକ ପ୍ରମୁଖ ମହେଶ୍ୱର ମିଶ୍ର, ଖଣ୍ଡ କାର୍ଯ୍ୟବାହ ହେମନ୍ତ ମୁଖି, ଖଣ୍ଡ ଶାରୀରିକ ପ୍ରମୁଖ ଗୋପାଳ ଚନ୍ଦ, ପ୍ରଚାର ପ୍ରମୁଖ ଅଜିତ କର, ଜିଲ୍ଲା ଘୋଷ ପ୍ରମୁଖ ଆଙ୍କୁଶ ପଣ୍ଡା, ବାଲିଆପାଳ କେନ୍ଦ୍ର ସଂଯୋଜକ ଅଧ୍ୟାପକ ଡ. ସୁକାନ୍ତ ଗିରି, ସହ ସଂଯୋଜକ ଅଦ୍ୱୈତ ବାଗ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ । ସଞ୍ଜୟ ପରିଡା, ମନୋଜ ବାରିକ, ଅର୍ଦ୍ଧେନ୍ଦୁ ବାରିକ, ରବୀନ୍ଦ୍ର ନାଥ ଅଣ୍ଡିଆ, ହେମନ୍ତ ଦାସ, ଅରବିନ୍ଦ ବେହେରା, କ୍ଷୀତିଶ ଜେନା, ସୁଦାମ ଦାସ ପ୍ରମୁଖ ସହଯୋଗ କରିଥିଲେ । ସମାରୋହ ପରେ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରୁ ପଥ ସଂଚାଳନ ବାହାରି ଜାମକୁଣ୍ଡା ଛକ, ପାରୁଳିଆ ଛକ, ବ୍ଲକ ଛକ, ସିମୁଳିଆ ଛକ, ସିମୁଳିଆ ମାର୍କେଟ, ରାଜା ରାଣୀ ଛକ ଅତିକ୍ରମ କରିଥିଲା ।

## ସମ୍ବିଧାନ ମୁଖପତ୍ରରେ ଅହିଂସାକୁ ସାମିଲ ଦାବି

ଖଇରା,୬ ।୧୦ (ସମିସ): ବାଲେଶ୍ୱର ଜିଲା ଅଧୀନ ଖଇରାସ୍ଥିତ ଦୁର୍ଗାମଣ୍ଡପ ପରିସରରେ ଖଇରା-ସିମୁଳିଆ ବିଜେଡି ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ, ଅହିଂସା ସଂକଳ୍ପ ପତ୍ର ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ତଥା ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଜେଡି ନେତୃବୃନ୍ଦଙ୍କ ଦ୍ୱାରା ଗାନ୍ଧୀ, ଗୋପବନ୍ଧୁ ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ଅହିଂସାକୁ ଭାରତର ସମ୍ବିଧାନର ମୁଖବନ୍ଧରେ ସାମିଲ କରିବା ସମ୍ପର୍କିତ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରେରିତ ସଙ୍କଳ୍ପ ପତ୍ର ପାଠ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସ, ସୁଣ୍ଟିରା ଗଣ୍ଡିବେଡ ସମିତି ସଭ୍ୟ ନଳିନୀ ସାହୁ, ନନ୍ଦୁର ସରପଞ୍ଚ ଜୟନ୍ତୀ ପତି ଓ ସମିତି ସଭ୍ୟା ଦମୟନ୍ତି ସିଂ, ଖଇରାର ପୂର୍ବତନ ସରପଞ୍ଚ ସୁଦର୍ଶନ ସେଠୀ, ସାରୁଗାଁ ସମିତିସଭ୍ୟା ପ୍ରତିନିଧି ଜିତେନ୍ଦ୍ର ବେହେରା, ବିଜୟ ବାରିକଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଆସନ୍ତା ୨୨ତାରିଖରେ ଗରସଙ୍ଗ ଠାରେ ବିଶାଳ ପଦଯାତ୍ରା ଆୟୋଜନ ସମ୍ପର୍କରେ ପ୍ରାକ୍ତନ ବିଧାୟକ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଥିଲେ ।

## ଡାକ୍ତରଖାନା ପରିସରରୁ ବାଇକ୍ ଚୋରି

ସୋର,୬।୧୦(ସମିସ) : ସୋର ଡାକ୍ତରଖାନା ପରିସରରୁ ଏକ ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ସୋର ଥାନା ବାଳଙ୍ଗ ପଞ୍ଚାୟତ ଜହ୍ନିଆ ଗ୍ରାମର ଜୟନ୍ତ ଦାସ ସୋର ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି । ଆଜି ମଧ୍ୟାହ୍ନରେ ତାଙ୍କର ଓଆର ୦୧ ଏନ ୫୪୭୧ ନମ୍ବର ବିଶିଷ୍ଟ ବାଇକଟିକୁ ରଖି ଡାକ୍ତରଖାନା ଭିତରକୁ ଯାଇଥିଲେ । ଘଣ୍ଟାଏ ପରେ ଡାକ୍ତରଖାନାରୁ ଫେରି ରଖିଥିବା ସ୍ଥାନରେ ବାଇକଟିକୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ବାଇକ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କ ସ୍ମୃତିସଭା

ନୀଳଗିରି, ୬।୧୦ (ସମିସ): ଈଶ୍ୱରପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପାଢ଼ୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି । ଗୌରାଙ୍ଗ ଚରଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଭରତ ଚନ୍ଦ୍ର ବେହେରା ଯୋଗଦାନ କରିଥିଲେ । ଅଶ୍ୱିନୀ ମଉଗଜ, ଭାଗିରଥୀ ବେହେରା, ଲକ୍ଷ୍ମୀକାନ୍ତ ମହାଳିକ, ଅଜିତ୍ ମହାପାତ୍ର, ସିଦ୍ଧେଶ୍ୱର ବିନ୍ଧାଣୀ, କମଳାକାନ୍ତ ମଉଗଜ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

## ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବସ୍ତା ବ୍ଲକ, ୬।୧୦ (ସମିସ): ଦକ୍ଷିଣ ପୂର୍ବ ରେଳବାଇର ବସ୍ତା ଷ୍ଟେସନଠାରୁ ଦକ୍ଷିଣ କ୍ୟାବିନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଟ୍ରେନ ଧକ୍କାରେ ଜନୈକ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ସୋମବାର ସକାଳେ କୌଣସି ଏକ ଟ୍ରେନ ଧକ୍କାରେ ଏହି ଅଘଟଣ ଘଟିଥିଲା । ମୃତଶରୀର ଖଣ୍ଡ ଖଣ୍ଡ ହୋଇ ଥିବାରୁ ପ୍ରଥମେ ତାଙ୍କ ପରିଚୟ ମିଳି ପାରି ନ ଥିଲା । ପରେ ତାଙ୍କ ପାଖରୁ ମିଳିଥିବା ପରିବାର ଲୋକଙ୍କ ଆଧାର କାର୍ଡ କୁ ନେଇ ଯୋଗାଯୋଗ କରିବାରୁ ବସ୍ତା ଥାନା କୁଡିଆ ଗ୍ରାମର ଭୀମ ଦାସ (୬୫) ବୋଲି ଜଣା ପଡିଥିଲା । ସେ ବସ୍ତା ବ୍ଲକକୁ କୌଣସି କାର୍ଯ୍ୟରେ ଆସି ରେଳ ଧାରଣା ପାରି ହେଉଥିବା ବେଳେ ଅପ୍ ଓ ଡାଉନ୍‌ରେ ଏକ ସଙ୍ଗେ ଟ୍ରେନ ଯାଉଥିବାରୁ ଜାଣି ନ ପାରି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ବୋଲି କୁହା ଯାଉଛି । ଖବର ପାଇ ରେଳବାଇ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ

ଖଇରା, ୬ ।୧୦ (ସମିସ): ଖଇରାସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇ ଯାଇଛି । ଉପସଭାପତି ଅନ୍ତର୍ଯ୍ୟାମୀ ପାତ୍ର ଏଥିରେ ପୌରହିତ୍ୟ କରିଥିଲେ । ଏଥିରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଯୋଗ ଦେଇ ବ୍ୟାଙ୍କ, ବ୍ଲକ ଭଳି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ମାସିକ ୩ହଜାର ଟଙ୍କା ପେନସନ, ଖଇରାରେ ସବ-ଟ୍ରେଜେରୀ, କୋର୍ଟ ପ୍ରତିଷ୍ଠା ପାଇଁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥି, ବସନ୍ତ କୁମାର ଖିଲାର, ଅଜୟ କୁମାର ନାୟକ, ବୁଦ୍ଧିରାମ ପାଣିଗ୍ରାହୀ, ଲୋକାନାଥ ପଣ୍ଡା, ଚିନ୍ତାମଣି ସାହାଣି, ଜଗତାନନ୍ଦ ମହାପାତ୍ର, ବସନ୍ତ କୁମାର ଦାସ, ବିନୋଦ ମହାପାତ୍ର, ରତ୍ନାକର ସେଣ୍ଠ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍କୁଲ ଯିବାକୁ ନାହିଁ ରାସ୍ତା; ଅସୁରକ୍ଷିତ ଘରେ ପାଠପଢ଼ା

ରୂପସା, ୬।୧୦ (ସମିସ)







ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଏବଂ ଭିତ୍ତିଭୂମିର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି । ମାତ୍ର ତାହା କେବଳ କଥା ଏବଂ କାଗଜ କଲମରେ ସୀମିତ । ଗ୍ରାଉଣ୍ଡ ଜିରୋରେ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ କୋଠପଦାସ୍ଥିତ ଶମ୍ଭୁନାଥ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ । ଛାତ୍ରଛାତ୍ରୀଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ପାଇଁ ସରକାର ମଡେଲ ସ୍କୁଲ ଏବଂ ସ୍ମାର୍ଟ କ୍ଲାସରୁମ ବ୍ୟବସ୍ଥା କରୁଛନ୍ତି । ଏହାର ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ଏମିତି କିଛି ସ୍କୁଲ ରହିଛି ଯାହାର ବିକାଶ ଦିଗରେ ଟିକିଏ ବି ଆନ୍ତରିକତା ଦେଖାଉ ନାହାନ୍ତି ସରକାର କିମ୍ବା ଶିକ୍ଷା ବିଭାଗ । ଯାହା ପାଇଁ ଏହି ପରି ସ୍କୁଲ ଉପରୁ ମୁହଁ ଫେରାଉଛନ୍ତି ଛାତ୍ରଛାତ୍ରୀ । ଏମିତି ଏକ ସରକାରୀ ବିଦ୍ୟାଳୟ ହେଉଛି ଏହି ଶମ୍ଭୁନାଥ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ବିଦ୍ୟାଳୟର ନାହିଁ ଛାତ ଘର କିମ୍ବା ସ୍କୁଲ୍ ଯିବା ପାଇଁ ରାସ୍ତା । ଯାହା ଫଳରେ ବିଲ ହିଡରେ ଭୟଭୀତ ଅବସ୍ଥାରେ ଆସୁଛନ୍ତି ପିଲା ଏବଂ ଛାତ ଘର ନଥିବାରୁ ଭଙ୍ଗ ଦଦରା ଆଜବେଷ୍ଟସ ଘରେ ବିପଦସଙ୍କୁଳ ଅବସ୍ଥାରେ ପାଠ ପଢୁଛନ୍ତି । ଏହି ବିଦ୍ୟାଳୟରେ କୁଣ୍ଡେଇ, କୋଠପଦା, ଦେଉଳପଡା ଏବଂ ପଳାଶିଆ ଗ୍ରାମର ପିଲା ମାନେ ପାଠ ପଢନ୍ତି । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୩୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିଲେ ମଧ୍ୟ ଛାତ ଘର ଖଣ୍ଡିଏ ନାହିଁ । ଆଜବେଷ୍ଟସ ଫାଟି ପାଣି ଗଳୁଥିବା ବେଳେ କାନ୍ଥଫାଟି ଆଁ କଲାଣି । ବିଦ୍ୟାଳୟ ଚତୁଃପାଶ୍ୱର୍ରେ ଚାଷଜମି ରହିଥିବାରୁ ସାପ ବେଙ୍ଗ ଏହି ଫଟା କାନ୍ଥରେ ରହୁଛନ୍ତି । ଯାହା ଫଳରେ ଛାତ୍ରଛାତ୍ରୀ ଭୟଭୀତ ଅବସ୍ଥାରେ ପାଠ ପଢୁଛନ୍ତି । ବର୍ଷା, ପବନ, ବିଜୁଳି ଘଡଘଡି ସମୟରେ ନିଜର ସୁରକ୍ଷା ପାଇଁ ଛାତ ଘରକୁ ଯିବା ପାଇଁ ସରକାର ଏବଂ ସ୍ୱତନ୍ତ୍ର ରିଲିଫ୍ କମିସନର ନିର୍ଦ୍ଦେଶ ଦେଇଥିବା ବେଳେ ଏହି ସ୍କୁଲରେ ଛାତ ଘର ନ ଥିବାରୁ ଭଗବାନଙ୍କ ଭରସାରେ ରହୁନ୍ତି ଛାତ୍ରଛାତ୍ରୀ । ସ୍କୁଲକୁ ସ୍ଥାୟୀ ରାସ୍ତା ନଥିବାରୁ ବିଲ ହିଡହିଁ ପିଲା ମାନଙ୍କ ସ୍କୁଲ ଯିବା ଆସିବା ରାସ୍ତା । ଆଖପାଖ ୫ କିଲୋମିଟର ପରିଧି ଭିତରେ କୈାଣସି ସ୍କୁଲ ନଥିବାରୁ ୧୯୫୬ ମସିହାରେ କୋଠପଦା ଗ୍ରାମର ସମ୍ଭୁନାଥ ଭକ୍ତାଙ୍କ ଦାନରେ ଏବଂ ପୂର୍ଣ୍ଣଚନ୍ଦ୍ର ବାରିକ୍ ଓ ଗ୍ରାମବାସୀ ସହୋଯୋରେ ନିର୍ମିତ ହୋଇଥିଲା ଏହି ବିଦ୍ୟାଳୟ । ଏହା ବହୁ ପୁରାତନ ବିଦ୍ୟାଳୟ ହୋଇଥିଲେ ମଧ୍ୟ ଏହାର ବିକାଶ ଦିଗରେ ସରକାର କିମ୍ବା ଶିକ୍ଷା ବିଭାଗ ଆଦୌ ଆନ୍ତରିକତା ଦେଖାଉ ନଥିବା ଅଭିଯୋଗ ହୋଇଛି । ଯଦି ସରକାର ଏହି ସ୍କୁଲକୁ ସହାୟତା ନକରନ୍ତି ତାହାହେଲେ

**୬୦ ବର୍ଷର ବିଦ୍ୟାଳୟ ପ୍ରତି ସରକାରଙ୍କ ଦୃଷ୍ଟି ପଡୁ**

ଏହି ଛାତ୍ରଛାତ୍ରୀଙ୍କ ଉପରେ କେତେବେଳେ କ'ଣ ଘଟିଯିବ ତାହା ଭାବି ଭୟଭୀତ ହୋଇ ପଡିଛନ୍ତି ଅଭିଭାବକ । ସରକାରୀ ଅବହେଳା ପାଇଁ ୬୦ ବର୍ଷଧରି ଏହି ବିଦ୍ୟାଳୟର ଭାଗ୍ୟ ବଦଳୁନାହିଁ ବୋଲି ଶମ୍ଭୁନାଥ ବାରିକ୍, ଲକ୍ଷ୍ମୀପ୍ରିୟା ବାରିକ୍, ଶ୍ରାବଣ ଶଙ୍କର ଯତି, ରମେଶ ପରିଡା, ମଦନ ସାହୁ, ସରସ୍ୱତୀ ଷଣ୍ଢ, ପୂର୍ଣ୍ଣଚନ୍ଦ୍ର ଷଣ୍ଢ ଓ ସମାଜସେବୀ ନିୟତି ରାଣୀ ବାରିକଙ୍କ ସମେତ ଗ୍ରାମବାସୀ କହିଛନ୍ତି । ତେଣୁ ସରକାର ଏହି ବିଦ୍ୟାଳୟକୁ ରାସ୍ତା ସହିତ ଛାତଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାରୀ ସାହୁ
ଆବିର୍ଭାବ: ୧୫.୦୩.୧୯୪୮
ତିରୋଧାନ: ୨୭.୦୯.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

## ଏଫଏମ୍‌ସି ଆଲୁମନି ୧୯୭୮ ବ୍ୟାଚ୍‌ର ବନ୍ଧୁ ସମାବେଶ



ବାଲେଶ୍ୱର, ୬।୧୦ (ସମିସ): ସ୍ଥାନୀୟ ହୋଟେଲ ହରିପ୍ଲାଜା ସମ୍ମିଳନୀ କକ୍ଷରେ ଏଫଏମ୍‌ସି ଆଲୁମନି ୧୯୭୮ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠାନର ଆବାହକ ଡମ୍ବରୁଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମସିହାରେ ଫକୀରମୋହନ କଲେଜକୁ ପ୍ରବେଶ କରିଥିବା ତତ୍କାଳୀନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରାରମ୍ଭରେ ସଂଗଠନର ସଦସ୍ୟ ଇଂ. ଗୋପୀନାଥ ରଣା ଏବଂ କମଳଲୋଚନ ପଢିଆରୀଙ୍କ ଅକାଳ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗ୍ରହଣ କରାଯାଇ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ମହାପାତ୍ର, ଚିତ୍ତରଂଜନ ସାମନ୍ତ, ବିଶ୍ୱରଂଜନ ଦାସ, ଦୀପକ କୁମାର ଦାଶ, ବ୍ରଜମୋହନ ଦାଶ, ରବି ପଟ୍ଟନାୟକ, ସନତ ବାରିକ, ସୁଧାମୟ ଦାସ, ଶୁଭେନ୍ଦୁ ଚାନ୍ଦ, କୁମୁଦ ରଂଜନ ପତି, ସୁବ୍ରତ ନାୟକ, ସୁବୋଧ କର, ମନୋଜ କୁମାର ଦାସ, ବୀରେନ୍ଦ୍ର ବେହେରା, ଅରୂପ କୁମାର ଦାସ, ଅଜୟ ମହାନ୍ତି, ପ୍ରଦୀପ ପଣ୍ଡା, ଗଗନ ବିହାରୀ ମହାନ୍ତି, ସତ୍ୟବ୍ରତ ରାୟ ଏବଂ ରଂଜନ ବାଗ ପ୍ରମୁଖ ପୁରାତନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।


# ସାଇବର ଅପରାଧୀଙ୍କ ନୂତନ ଅସ୍ତ୍ର 'ଏପିକେ' ଫାଇଲ

## ଡାଉନଲୋଡ୍ କଲେ ଚୋରି ହେଉଛି ତଥ୍ୟ

## ବ୍ୟାଙ୍କ ଆକାଉଣ୍ଟରୁ ଗାଏବ ହେଉଛି ଟଙ୍କା

ବାଲେଶ୍ୱର, ୬।୧୦ (ସମିସ)

ସାଇବର ଠକଙ୍କ ଟାର୍ଗେଟରେ ଏବେ ସରକାରୀ ବିଭାଗ। ଯେମିତିକି କିଛି ଦିନ ହେବ ଆରଟିଓ ଚାଲାଣର ଏପିକେ ଫାଇଲ୍ ବିଭିନ୍ନ ଲୋକଙ୍କ ହ୍ୱାଟସ୍ ଆପ୍‌କୁ ଆସୁଛି। ଯେଉଁମାନେ ଏହି ଏପିକେ ଫାଇଲ୍ ଡାଉନଲୋଡ୍ କରୁଛନ୍ତି ସେମାନଙ୍କର ତଥ୍ୟ ଚୋରି ହେଉଛି ନଚେତ ଆକାଉଣ୍ଟରୁ ଟଙ୍କା ଗାଏବ୍ ହୋଇଯାଉଛି। ଚୋରି ତଥ୍ୟକୁ ବ୍ୟବହାର କରି ସେହି ଏପିକେ ଫାଇଲ୍ ପଠାଇ ଲୋକଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ନିକଟରେ ବାଲେଶ୍ୱରର ପରିବେଶବିତ୍ ଅବନୀ ଜେନା ମଧ୍ୟ ଏହି ସାଇବର ଠକଙ୍କ ଶିକାର ହୋଇ ହଇରାଣ ହୋଇଛନ୍ତି। ଏ ବାବଦରେ ଅବନୀ ଜେନା କହିଛନ୍ତି, କିଛି ଦିନ ତଳେ ମୋ ପାଖକୁ ହ୍ୱାଟସ୍ ଆପ୍‌ରେ ଏପିକେ ଫାଇଲର ଏକ ଆରଟିଓ ଚାଲାଣ ଆସିଲା। ଫଳରେ ଏହା ଆରଟିଓ ଅଫିସରୁ ଆସିଥିବା ଭାବି ସଙ୍ଗେ ସଙ୍ଗେ ସେହି ସେହି




ଫାଇଲ୍ ଡାଉନଲୋଡ୍ କରିଦେଲି। ଏହା ଡାଉନଲୋଡ୍ କରିବା ମାତ୍ରେ ମୋର ଦୁଇଟି ହ୍ୱାଟସ୍ ଆପ୍ ଦିନ ୧୦ରୁ ରାତି ୧୦ ପର୍ଯ୍ୟନ୍ତ ହ୍ୟାକ୍ କରିନେଲେ। ମୋ ଫୋନର୍ ସଦସ୍ତ ତଥ୍ୟ ତଥା ଯୋଗାଯୋଗ ନମ୍ବର୍ ନେଇଗଲେ। ଯାହା ଫଳରେ ମୋଠୁ ପାଇଥିବା ସମସ୍ତ ଯୋଗାଯୋଗ ନମ୍ବରକୁ ବର୍ତ୍ତମାନ ସେମାନେ ଏପିକେ ଆରଟିଓ ଚାଲାଣ ପଠାଇ ଠକିବାକୁ ଚେଷ୍ଟା କରୁଛନ୍ତି। ମୋ ନମ୍ବର ଓ ଫଟୋ ବ୍ୟବହାର କରି ସମସ୍ତଙ୍କୁ ଉକ୍ତ ଚାଲାଣ ପଠାଇଛନ୍ତି। ଏହି ଚାଲାଣ ଫେକ୍ ବୋଲି ମୁଁ ଜାଣିପାରିଲିନି। ମୋ ପରି ଅନେକ ଲୋକ ଏବାବଦରେ ନଜାଣି ଡାଉନଲୋଡ କରିଦେଉଛନ୍ତି। ଫଳରେ ସେମାନଙ୍କ ମୋବାଇଲରୁ ତଥ୍ୟ ଚୋରି ହେଉଛି ନହେଲେ ଆକାଉଣ୍ଟରୁ ଟଙ୍କା ଲୁଟି ନେଉଛନ୍ତି'। ବର୍ତ୍ତମାନ ବିଭିନ୍ନ ଉପାୟରେ ସାଇବର ଠକ ଲୋକଙ୍କୁ ଲୁଟିବାର ପ୍ରୟାସ କରୁଛନ୍ତି। କେତେବେଳେ ଫେକ୍ ଆକାଉଣ୍ଟ ତ କେତେବେଳେ ଫେକ୍ ମେସେଜ ଦେଇ ଟଙ୍କା ଲୁଟୁଛନ୍ତି। ଯାହା ଫଳରେ ଅନେକ ଲୋକ ହଇରାଣ ହେଉଛନ୍ତି। ନିକଟରେ ବାଲେଶ୍ୱର ସହରର ବିଭିନ୍ନ ଲୋକଙ୍କ ପାଖକୁ ଆରଟିଓ ଚାଲାଣର ଏକ ଏପିକେ ଆସୁଛି। ଯାହାକୁ ସାଧାରଣ ଲୋକ ଆରଟିଓ ଅଫିସରୁ ଆସିଥିବା ଚାଲାଣ ଭାବି ଡାଉନଲୋଡ କରିଦେଉଛନ୍ତି। ଫଳରେ କାହାର ତଥ୍ୟ ଚୋରି ହେଉଛି ତ କାହାର ଟଙ୍କା। ଏ ନେଇ ସଚେତନତା ଅଭାବରୁ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଅଜଣା ହ୍ୱାଟ୍‌ସଆପ୍‌ରେ ଆସିଥିବା କୌଣସି "ଏପିକେ' ଫାଇଲ୍‌କୁ ନ ଖୋଲିବାକୁ ସହ ବିଶ୍ୱସ୍ତ ସୂତ୍ରରୁ ପ୍ଲେ ଷ୍ଟୋର ଏବଂ ଆଇଫୋନ୍ ଷ୍ଟୋରରୁ କେବଳ ଆପ୍ ଗୁଡ଼ିକ ଇନ୍‌ଷ୍ଟଲ୍ କରନ୍ତୁ। ଯଦି ଆପଣ କୌଣସି ପ୍ରକାର ସାଇବର ଅପରାଧର ଶିକାର ହୋଇଛନ୍ତି ତେବେ ନିକଟସ୍ଥ ସାଇବର ଥାନାରେ ନିଜର ଅଭିଯୋଗ କରନ୍ତୁ କିମ୍ବା ସାଇବର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବୋଲି ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି। ଏ ବାବଦରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି, ଆମ ଅଫିସରୁ ଏପିକେ ଫାଇଲ୍‌ରେ କିଛି ଯାଏ ନାହିଁ। ତାହା ପୁଣି ହ୍ୱାଟସ୍ ଆପ୍‌ରେ। ଚାଲାଣ ବାବଦରେ ହେଉ ଅବା ଅଫିସରୁ କିଛି ସର୍ଭିସ୍ ନେଉଥିଲେ ଓଟିପି ଯିବ। ଯଦି ପ୍ରଦୂଷଣ ସାର୍ଟିଫିକେଟ ପାଇଁ ମୋବାଇଲକୁ ଟେକ୍ସ ମେସେଜ ଯାଏ। ଆମର ହ୍ୱାଟସ୍ ଆପ୍‌କୁ କୌଣସି ମେସେଜ ଯାଏ ନାହିଁ।

## ଭୂମିହୀନଙ୍କୁ ଥଇଥାନ ପାଇଁ ଜିଲ୍ଲାପାଳଙ୍କୁ ଦାବି

ବାଲେଶ୍ୱର, ୬।୧୦(ସମିସ): ସଦର ତହସିଲ ଅର୍ନ୍ତଗତ ରସାଲପୁର ଅଞ୍ଚଳର କାର୍ତ୍ତିକଚନ୍ଦ୍ର ସିଂ ଜଣେ ଭୂମିହୀନ ଲୋକ। ସେ ଦୀର୍ଘ ୩୦ବର୍ଷ ଧରି ତାଙ୍କ ପରିବାର ସହ ଏକ ସରକାରୀ ସ୍ଥାନରେ ରହି



ଆସୁଛନ୍ତି। ହେଲେ ତାଙ୍କୁ ସେହି ସ୍ଥାନରୁ ବାରମ୍ବାର ଘର ଛାଡିବା ପାଇଁ ସଦର ତହସିଲଦାରଙ୍କ ଠାରୁ ନୋଟିସ ଆସୁଛି। ଏ ନେଇ ସେ ଆଜି ଜିଲ୍ଲାପାଳଙ୍କଠାରେ ତାଙ୍କୁ ଏକ ସ୍ଥାନ ଯୋଗାଇଦେବା ପାଇଁ ଦାବି କରିଛନ୍ତି। ତାଙ୍କ ଦାବି ଅନୁସାରେ, କାର୍ତ୍ତିକ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଆଜକୁ ୩୦ବର୍ଷ ଧରି ରସାଲପୁରସ୍ଥିତ ସରକାରୀ ଖାତା ନମ୍ବର ୮୯୭ ଓ ପ୍ଲଟ ନମ୍ବର୧୬୫୩ କିସମ ଗୋଚରରେ ଏକ ବାଉଛଡା କାନ୍ଥ ଆଜବେଷ୍ଟସ ଘର କରି ରହୁଛନ୍ତି। ତେବେ ଗତ ଏପ୍ରିଲ ମାସ୨୯ ତାରିଖରେ ସଦର ତହସିଲ ପକ୍ଷରୁ ଘର ଛାଡିବା ପାଇଁ ତାଙ୍କୁ ଏକ ନୋଟିସ ହୋଇଥିଲା। ସେମାନେ ତହସିଲଦାରଙ୍କୁ ଦେଖାକରିବାକୁ ଯାଇଥିଲେ ହେଲେ ତାଙ୍କ ସହ ସାକ୍ଷାତ ହୋଇପାରି ନଥିଲା। ପୁନର୍ବାର ମେ ମାସ ୧୫ତାରିଖରେ ଆଉ ଏକ ନୋଟିସ ଆସିଥିଲା। ଯାହାକି ସେମାନେ ଲିଖିତ ଅଭିଯୋଗ ଜଣାଇଥିଲେ। ହେଲେ ଗତମାସ ୬ତାରିଖରେ ଆଉ ଏକ ନୋଟିସ ଆସିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଜଣାଇଥିଲେ। ହେଲେ ପୁଣିଥରେ ଉକ୍ତ ମାସ ୧୫ତାରିଖରେ ସେମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ଆସିଥିଲା। ଏବେ ପୁଣି ଚଳିତ ମାସ ୧୦ତାରିଖରେ ସେମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ଆସିଛି ବୋଲି ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏଣୁ ସରକାରଙ୍କ ନିୟମ ଅନୁସାରେ ଭୂମିହୀନମାନଙ୍କୁ ୪ ଡେସିମଲ ଜମି ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି।

## ବାଲେଶ୍ୱରରେ ବିଏସ୍‌ଏନ୍‌ଏଲ୍‌ର ୨୫ବର୍ଷ ପୂର୍ତ୍ତି ଉତ୍ସବ



ବାଲେଶ୍ୱର, ୬।୧୦(ସମିସ): ଭାରତ ସଂଚାର ନିଗମ ଲିମିଟେଡ (ବିଏସଏନଏଲ)ର ୨୫ବର୍ଷ ପୂର୍ତ୍ତି ଉତ୍ସବ ସମଗ୍ର ଦେଶରେ ପାଳିତ ହେଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏସଏନଏଲର ସ୍ଥାନୀୟ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୫ବର୍ଷ ଧରି ବିଏସଏନଏଲର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଭାରତୀୟ ଡାକସେବା ଅଧିନ ବାଲେଶ୍ୱର ଅଧୀକ୍ଷକ ତାପସ କୁମାର ଦାସ ଓ ଟିପିଏନଓଡିଏଲର ବ୍ୟବସାୟିକ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ବିଷୋୟୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଏସଏନଏଲର ମହାପ୍ରବନ୍ଧକ ପିକେ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହିତ କମ୍ପାନୀର ନିରବିଚ୍ଛିନ୍ନ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉପ ମହାପ୍ରବନ୍ଧକ କହ୍ନେଇ ସିଂ ଏଥିରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସଡିଇ ପ୍ରକାଶ ଚନ୍ଦ୍ର ବେହେରା ୨୫ବର୍ଷ ପୂର୍ତ୍ତି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଶରତ କୁମାର ଗିରି, ସତ୍ୟନାରାୟଣ ଦାଶ, ବିଜୟ ତରାଇ, କୈଳାସ ଚନ୍ଦ୍ର ବେହେରା, ସୁଧାଂଶୁ ଶେଖର କର, ହେମନ୍ତ ସାହୁ, ପଦ୍ମଲୋଚନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଆଇନଶୃଙ୍ଖଳାକୁ ନେଇ ଜିଲ୍ଲା ପ୍ରଶାସନର କଡ଼ା ପଦକ୍ଷେପ

## ୨୧ତାରିଖ ପର୍ଯ୍ୟନ୍ତ ରାତି ୧୦ରୁ ସକାଳ ୬ ବଜାର ବନ୍ଦ ନିର୍ଦ୍ଦେଶ

ବାଲେଶ୍ୱର, ୬।୧୦(ସମିସ): ବାଲେଶ୍ୱର ସହରରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନିୟମ ଜାରି କରାଯାଇଛି। ଆସନ୍ତା ୨୧ତାରିଖରେ ଦୀପାବଳି ପଡୁଥିବାରୁ ବିଳମ୍ବିତ ରାତି ୧ଟା ପର୍ଯ୍ୟନ୍ତ ସହରରେ ଦୋକାନ ବଜାର ଖୋଲା ରହୁଛି। ଯାହାଫଳରେ ଅଧିକ ଲୋକ ରହୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହୁଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ରାତି ୧୦ଟାରୁ ସକାଳ




୬ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ବଜାର ବନ୍ଦ ରହିବା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶ ଜାରି କରିବା ସହ କଡ଼ାକଡି ଭାବେ ସହରରେ ପାଟ୍ରୋଲିଂ କରିବା ପାଇଁ ପୁଲିସକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିୟମ ଆସନ୍ତା ୨୧ ତାରିଖ ଯାଏ ବଳବତ୍ତର ରହିବା ନେଇ ପୁଲିସ ମାଇକ ଦ୍ୱାରା ପ୍ରଚାର କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦୋକାନୀ ଓ ବ୍ୟବସାୟୀଙ୍କୁ ଏହି ନିୟମର ଅନୁପାଳନ ପାଇଁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ଆଜି ରାତିରେ ପୁଲିସ ପକ୍ଷରୁ ପ୍ରଚାର ଗାଡ଼ି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ପାଇଁ ସୂଚନା ପ୍ରଦାନ କରାଯାଇଛି।

## କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ

ବାଲେଶ୍ୱର, ୬।୧୦(ସମିସ): 'କୁଆଁର ପୁନେଇଁ ଜହ୍ନ ଗୋ..ଫୁଲ ବଉଳ ବେଣୀ'।କୁଆଁର ପୁନେଇଁ ପାଇଁ ସମସ୍ତ କୁଆଁରୀ କୁମାର ପୂର୍ଣ୍ଣିମା ପାଳନ କରି ସୋସିଆଲ ମିଡିଆରେ ଫଟୋ ସହ କୁଆଁର ପୁନେଇଁ ଗୀତ ସହ ପୋଷ୍ଟ କରୁଛନ୍ତି। ସୋସିଆଲ ମିଡ଼ିଆ ଯୁଗରେ କୁଆଁର ପୁନେଇଁ ଗୀତ ଏବଂ ପୁଚି ଖେଳ ସିନା ଦେଖିବାକୁ ମିଳୁନି ହେଲେ ଏବେ ଏହି ଗୀତ ସୋସିଆଲ ମିଡିଆରେ ଅଧିକ ଶୁଣିବାକୁ ମିଳୁଛି। ପାର୍ବଣ ସମୟରେ ଦଶହରା ପରେ ଗଜଲକ୍ଷ୍ମୀଙ୍କ ପୂଜା ଓ କୁମାର ପୂର୍ଣ୍ଣିମା ଆସିଛି। କୁମାର ପୂର୍ଣ୍ଣିମା ପାଇଁ କେବଳ ଗାଁରେ ନୁହେଁ ବରଂ ସହରରେ ମଧ୍ୟ କୁମାରୀମାନେ ଉତ୍ସାହର ସହ କୁମାର ପୂର୍ଣ୍ଣିମା ପାଳନ କରିଛନ୍ତି। ଉମାପୁତ୍ର ପ୍ରଭୁ ଶ୍ରୀ କାର୍ତ୍ତିକେୟଙ୍କ ଜନ୍ମଦିନ ଥିବାରୁ ଏହି ପୂଜା କଲେ ତାଙ୍କ ଭଳି ସୌମ୍ୟ, ସୁନ୍ଦର ଓ ବୀର ବର ମିଳେ ବୋଲି ବିଶ୍ୱାସ ରହିଛି। ବିଶେଷକରି କୁଆଁରୀମାନେ କାର୍ତ୍ତିକେୟଙ୍କ ପରି ବର ପାଇବା ପାଇଁ ଏହି



ଓଷା ପାଳନ କରନ୍ତି। ସେହିପରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ କୁନି କୁନି ଝିଅମାନଙ୍କଠୁ ଆରମ୍ଭ କରି କୁମାରୀମାନେ କୁମାର ପୂର୍ଣ୍ଣିମା ପାଳନ କରିଛନ୍ତି। ସୋମବାର ସକାଳୁ ନୂଆ ପୋଷାକ ପରିଧାନ କରି ସୂର୍ଯ୍ୟଙ୍କୁ ଖଇ ଆଞ୍ଜୁଳି ଦେବା ପରେ ସନ୍ଧ୍ୟାରେ ତଉରାରେ ପୂଜା କରି ଚାନ୍ଦକୁ ଆଞ୍ଜୁଳି ଦେଇଛନ୍ତି। ଖଇ, ଗୁଆ, କଦଳୀ, ନଡ଼ିଆ, କାକୁଡ଼ି, ଜହ୍ନି, ଆଖୁ ଭଳି ଫଳ ଭୋଗ ଲାଗେ। ସନ୍ଧ୍ୟାରେ ଦାଉ ଦାଉ ଦୃଶ୍ୟମାନ ଜହ୍ନକୁ ଦେଖି ଆଞ୍ଜୁଳି ଟେକିଛନ୍ତି। ଅନେକ ଝିଅ ଏକାଠି ହୋଇ ଏହି ପୂଜା କରିଛନ୍ତି।

## ସୋନମ ୱାଙ୍ଗଚୁକଙ୍କୁ ମୁକ୍ତ ପାଇଁ ଦାବିପତ୍ର

ବାଲେଶ୍ୱର, ୬।୧୦(ସମିସ): ଲାଦାଖର ବାସିନ୍ଦା, ବିଶିଷ୍ଟ ପରିବେଶବିତ, ଶିକ୍ଷାବିତ, ସମାଜ ସଂସ୍କାରକ, ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ବହୁ ପୁରସ୍କାରପ୍ରାପ୍ତ, ଉଦଭାବକ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ଗତମାସ ୨୬ ତାରିଖ ଦିନ ବିଭିନ୍ନ ମିଥ୍ୟା ଅଭିଯୋଗକୁ ଭିତ୍ତିକରି ଜାତୀୟ ନିରାପତ୍ତା ଆଇନ ଆଇନରେ ପ୍ରଶାସନ ଗିରଫ କରି ଯୋଧପୁର ଜେଲରେ ରଖିଛନ୍ତି। ଏ ନେଇ ଆଜି ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଦେଶପ୍ରେମୀମାନେ 'ନାଗରିକ ଅଧିକାର ସୁରକ୍ଷା ଅଭିଯାନ' ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରି ଏହି ଘଟଣାରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଦେଶର ପ୍ରଚଳିତ ସମ୍ବିଧାନ ଓ ଆଇନ ବ୍ୟବସ୍ଥାକୁ ବିଚାରକୁ ନେଇ ଏବଂ ନାଗରିକର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାରର ସୁରକ୍ଷା ନିମିତ ବିନା ସର୍ତରେ ୱାଙ୍ଗଚୁକଙ୍କୁ ମୁକ୍ତ କରିବାକୁ ନିବେଦନ କରାଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ର ପ୍ରଦାନ ଓ ସାକ୍ଷାତକାରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନାଙ୍କ ସମେତ ଭାଗବତ ପ୍ରତିହାରୀ, ଶିଶିର ହୁଇ, ମନୋଜ ନାୟକ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ତୁଷାରକାନ୍ତି ମହାପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ପ୍ରେମରଞ୍ଜନ ପାତ୍ର, ବିଧାନଚନ୍ଦ୍ର ରାୟ, ନିର୍ମଳ ନାୟକ, ଦେବାଶିଷ ସିଂହ, ଅଜଗର ଅଲ୍ଲୀ, କମଳାକାନ୍ତ ନାୟକ, ଯତୀନ ପାତ୍ର ଓ କର୍ଣ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ସମାରୋହ




ବାଲେଶ୍ୱର, ୬।୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାର ଶତାବ୍ଦୀ ବର୍ଷରେ ପଦାର୍ପଣ କରିଛି। ସଂଘ ଶତାବ୍ଦୀ ବର୍ଷର ଉଦ୍‌ଘାଟନ ସମାରୋହ ଜିଲ୍ଲାର ୫୩ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱର ନଗରରେ ସୋମବାର ଭବ୍ୟ ପଥ ସଞ୍ଚଳନ ସହ ଶରତ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ମନ୍ତ୍ରୀ ଗୌରୀପ୍ରସାଦ ରଥ କୁମାର ପୂର୍ଣ୍ଣିମା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନଗରର ଶତାଧିକ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଉପସ୍ଥିତ ରହି ଘୋଷ ବାଦ୍ୟ ସହ ନଗର ପରିକ୍ରମା କରିଥିଲେ। ପଥ ସଞ୍ଚଳନ ମାନସିଂବଜାର ରାଧାକୃଷ୍ଣ ମନ୍ଦିରରୁ ବାହାରି ହେମକାପାଦ ଛକ, ଗଡ଼ଗଡିଆ, ଆର୍ତ୍ତକବିରାଜ ରୋଡ୍, ମୋତିଗଞ୍ଜରୁ ସିନେମା ଛକ, ହସ୍ପିଟାଲ ରୋଡ୍ ଦେଇ ମିଶନ ପଡିଆରେ ଶେଷ ହୋଇଥିଲା। ପୂର୍ବରୁ ବାଲେଶ୍ୱର ନଗରର ରାମେଶ୍ୱର, ଝାଡ଼େଶ୍ୱର, ଈଶାନେଶ୍ୱର ଓ ବାଣେଶ୍ୱର ଉପନଗର ଭଳି ୮ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମକୁ ନଗର ସଙ୍ଘଚାଳକ ଗୋପାଳ ନାୟକ ଭାରତମାତା ପୂଜନ କରିଥିଲେ। ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ସହ ନଗର କାର୍ଯ୍ୟବାହ ରମାକାନ୍ତ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ଚୋରା ମଦ କାରବାର ବନ୍ଦ ଦାବି



ବାଲେଶ୍ୱର, ୬।୧୦(ସମିସ): ସଦର ବ୍ଲକର ସାର୍ଥା ଗ୍ରାମପଂଚାୟତ ଅର୍ନ୍ତଗତ ବୁଧିଆମାରି ଗ୍ରାମର ସମସ୍ତ ଗ୍ରାମବାସୀ ଏବଂ ଏସଏସଜି ମହିଳାମାନେ ଗାଁରେ ଅବାଧରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କଠାରେ ଦାବି କରାଯାଇଛି। ଅଂଚଳରେ ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି ହେଉଛି। ଚୋରା ମଦ କାରବାର ହେଉଥିବା ସ୍ଥାନରେ ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ଦୁଇଟି ସରକାରୀ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀ, ମନ୍ଦିର, ସାପ୍ତାହିକ ହାଟ ଏବଂ ରାସନ ଡିଲର ମଧ୍ୟ ରହିଛି। ଫଳରେ ସାଧାରଣ ଲୋକେ ସେଠାରେ ସମସ୍ୟା ଭୋଗୁଛନ୍ତି। ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନି। ଏଣୁ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉର୍ମିଳା ସେଠୀ, ରାଧାମଣୀ ମାଇତି, କଳ୍ପନା ଭୂୟାଁ, ସୁମିତ୍ରା ମାନ୍ନା, ମମତା ମଣ୍ଡଳ, ସନ୍ଧ୍ୟା ମଣ୍ଡଳ, ଲକ୍ଷ୍ମୀପ୍ରିୟା ଗିରି, ମୀନତି ମଣ୍ଡଳ, ମାଳତୀ ଓଝା ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

## ଔଷଧ ଦୋକାନରେ ଚଢ଼ଉ

## ବିଭିନ୍ନ କମ୍ପାନୀର କଫ୍ ସିରପ୍ କିଣାବିକା ସମ୍ବନ୍ଧରେ ଯାଞ୍ଚ



ବାଲେଶ୍ୱର, ୬।୧୦(ସମିସ): ମଧ୍ୟ ପ୍ରଦେଶର କଫ ସିରାପ ଖାଇ ଦୁଇ ବର୍ଷର ପିଲା ମୃତ୍ୟୁବରଣ କରିଥିବା ଜାଣିବା ପରେ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତତ୍ପରତା ଦେଖାଇଛି। ଓଡ଼ିଶା ଭେଷଜ ନିୟନ୍ତ୍ରକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭେଷଜ ନିରୀକ୍ଷକ ଆଜି ବାଲେଶ୍ୱର ସହରର ବିଭିନ୍ନ ଔଷଧ ଦୋକାନରେ ଚଢଉ କରି ବିଭିନ୍ନ କମ୍ପାନୀର କଫ ସିରପ କିଣା ଏବଂ ବିକ୍ରି ସମ୍ବନ୍ଧରେ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ସମୟରେ ଡ୍ରଗସ୍ ଇନ୍ସପେକ୍ଟର ମୋନାଲିସା ମଲ୍ଲିକ, ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର ନିହାରିକା ଦାଶ, ସଦର ଡ୍ରଗ ଇନ୍ସପେକ୍ଟର ଜୟଶ୍ରୀ ପାତ୍ର, ଅଫିସ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି, ପିଅନ୍ ମନୋଜ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପାଞ୍ଚଳ ଓ ଟାଉନ୍ ଥାନା ଅଧୀନ ଅଞ୍ଚଳରେ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଛି। ବିଭିନ୍ନ ମେଡିକାଲ ଷ୍ଟୋର୍ ତଥା ପେଡିଆଟ୍ରିକ ସ୍ପେଶାଲିଷ୍ଟଙ୍କ ଦୋକାନରେ ଯାଞ୍ଚ କରାଯାଇଛି। ଦୁଇ ବର୍ଷରୁ କମ୍ ପିଲାଙ୍କୁ କଫ ସିରପ ଦିଆଯିବା ନେଇ ନିଷେଧ କରିବା ସହ ଡାକ୍ତର ମଧ୍ୟ ଏହା ପ୍ରେସକ୍ରାଇବ୍ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟ ପ୍ରଦେଶର କଫ ସିରପ ବରଗଡକୁ ଆସିଛି ହେଲେ ବାଲେଶ୍ୱରକୁ ଆସିନଥିବା ଏହି ଯାଞ୍ଚରୁ ଜଣାପଡିଛି। ବର୍ତ୍ତମାନ ଯେଉଁ କଫ ସିରପ ଅଛି ତାହା ଦୁଇ ବର୍ଷ ବୟସରୁ କମ ପିଲାଙ୍କ ପାଇଁ ବିକ୍ରି ମନା କରିବା ସହ ସେମାନଙ୍କୁ ଔଷଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି। ଡାକ୍ତର ସେମାନଙ୍କୁ ଔଷଧ ନ ହେଲେ ଅଲଗା ଡ୍ରପ ଦେଇପାରିବେ।

## ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି

# ୧୬୨ ଅଭିଯୋଗରୁ ୧୮ ଟିର ତତ୍କାଳ ଫଇସଲା

ବାଲେଶ୍ୱର, ୬।୧୦ (ସମିସ)

ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୧୬୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୧ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୨ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୯ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିଲା। ଏହାବ୍ୟତିତ ୧୮ଟି ମାମଲାକୁ




ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ ବେହେରା, ଉପଜିଲ୍ଲାପାଳ ଶିବ ମାଲବୀୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

**ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ ଦାବି:** ବସ୍ତା ବ୍ଲକ ଅଞ୍ଚଳର ସବିତା ଜେନା ଜଣେ ଦିବ୍ୟାଙ୍ଗ ମହିଳା ଅଟନ୍ତି। ଜନ୍ମରୁ ସେ ସ୍ୱଳ୍ପ ଦୃଷ୍ଟିବାଧିତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନଠାରେ ଗୁହାରି କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ତାଙ୍କ ସ୍ୱାମୀ ଶିବଶଙ୍କର ମଧ୍ୟ ଜଣେ ରୋଗୀ ଅଟନ୍ତି। ଏଣୁ ତାଙ୍କ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ହେଉଥିବା ବେଳେ ତାଙ୍କୁ ଭତ୍ତା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି।

**ଅନ୍ତ୍ୟୋଦୟ ଯୋଜନାରେ ସାମିଲ ଦାବି:** ସାହାଦା ଅଂଚଳର ବିନତୀ ମଡୁଆଳ ଜଣେ ଗରିବ ଶ୍ରେଣୀର । ପରିବାର କହିଲେ ସେ ଏବଂ ତାଙ୍କ ସ୍ୱାମୀ। ହେଲେ ତାଙ୍କ ପରିବାର ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ସାରଗାଁ ଅଂଚଳର ପିତାମ୍ବର ବେହେରା ତାଙ୍କୁ ମଧ୍ୟ ସେହି ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ପାଇଁ ସେ ଦାବି କରିଛନ୍ତି।

# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁଶ୍ ଲି

ସକାଳ
THE SAKALA

## ବ୍ୟବସ୍ଥିତ ଅବ୍ୟବସ୍ଥା

ଭାଇଚାରାର ସହର କଟକ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଶ୍ରଦ୍ଧା, ସମ୍ମାନ ଓ ସହନଶୀଳତାକୁ ଆଧାର କରି ଗଢ଼ି ଉଠିଥିବା ଏହି ସହର ନିଜ ନିଜ ସ୍ୱାତନ୍ତ୍ର୍ୟକୁ ଆଧାର କରି ପାଳିତ ହେଉଥିବା ମେଳା ଓ ଉତ୍ସବ ମିଳିତ ଭାବେ ମନେଇଥାନ୍ତି। ତେଣୁ ବର୍ଷ ତମାମ ଉତ୍ସବମୁଖର ଏହି ସହର ସର୍ବ ପୁରାତନ ସହରବାସୀଙ୍କ ଏହି ନିଆରା ସଦ୍‌ଭାବ ଓ ସଂପ୍ରୀତି ସମଗ୍ର ରାଜ୍ୟକୁ ପ୍ରଭାବିତ କରିଆସିଛି। ତେଣୁ ତ ସମଗ୍ର ଦେଶରେ ଆମ ରାଜ୍ୟର ଶାନ୍ତ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏସବୁ ସତ୍ତ୍ୱେ ବେଳେ ବେଳେ ଗୋଷ୍ଠୀ ସଂଘର୍ଷ ଓ ହିଂସାକାଣ୍ଡ ଯେ ନ ଉପୁଜେ ଏକଥା ନୁହେଁ। ତେବେ ତାହାକୁ ଆପୋଷ ବୁଝାମଣା ଏବଂ ଭାଇଚାରା ସମ୍ପର୍କର ପରିସରରେ ତୁଟାଇ ଦିଆଯାଇଥାଏ। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ କିଛିଟା ଶୃଙ୍ଖଳାକୁ ଆଦରି ନେଇଥାଉ।

ନିକଟରେ ଦଶହରା ଭସାଣି ବେଳେ ସହରର ଦରଘାବଜାର ଅଞ୍ଚଳରେ ଉପୁଜିଥିବା ହିଂସା ଓ ଗୋଷ୍ଠୀ ସଂଘର୍ଷ କିଛି ପୁରୁଖା ଓ ମୁରବୀଙ୍କୁ ବ୍ୟଥିତ କରିଛି। ଭାଇଚାରା ସମ୍ପର୍କରେ ଏଭଳି ତିକ୍ତତାର ସ୍ଥାନ ନାହିଁ। ଏକଥା ସହରବାସୀ ଅଳ୍ପ ବହୁତେ ସମସ୍ତେ ହୃଦଙ୍ଗମ କରନ୍ତି। ସମୟ ବଦଳୁଛି, ନୂଆପିଢ଼ି ଦଶହରା ଓ ଦୁର୍ଗାପୂଜାର ମଙ୍ଗ ଧରିଛନ୍ତି। କଟକ ସହର ପୂଜା କମିଟି ଓ ଶାନ୍ତି କମିଟିରେ କିଛି ପୁରୁଖା ଏବେ ମଧ୍ୟ ଦାୟିତ୍ୱରେ ଅଛନ୍ତି। କ୍ଷମତାରେ ଥିବା ପ୍ରଶାସନ ଆସିବେ ଓ ଯିବେ। ସେମାନଙ୍କୁ ମାର୍ଗଦର୍ଶନ କରାଇବାର ଦାୟିତ୍ୱ ଏହି କମିଟିର ପୁରୁଖାଙ୍କର।

୧୯୯୯ରେ ସେହି ଭସାଣି ବେଳେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷକୁ ନିୟନ୍ତ୍ରଣ କରିଥିବା ଅଧିକାରୀ ନ ଥାଇ ପାରନ୍ତି, କିନ୍ତୁ ମୁରବୀ ତ ଅଛନ୍ତି। ସେବେଠାରୁ ଏ ପର୍ଯ୍ୟନ୍ତ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ଭସାଣ ଉତ୍ସବ ସମାପିତ ହୋଇ ଆସିଥିବା ବେଳେ ପୁଣି ହିଂସା ମୁଣ୍ଡ ଟେକିଲା କାହିଁକି? ଆମ ଜାଣିବାରେ, ସହରରେ ଭାଇଚାରା ସମ୍ପର୍କ ଅତୁଟ ରଖିବା ପାଇଁ କିଛି ଅଲିଖିତ ନିୟମ ଓ ଶୃଙ୍ଖଳା ସବୁପକ୍ଷ ଏପର୍ଯ୍ୟନ୍ତ ମାନି ଆସୁଥିଲେ। ତାହାର ଉଲ୍ଲଙ୍ଘନ ହେବାକୁ ଦେଲା କିଏ? ମୁରବୀ ନା ପ୍ରଶାସନ? କଣ ହେଲା କାହିଁକି ହେଲା ତାହା ଏଠାରେ ଆମେ ଉପସ୍ଥାପନ କରିବାକୁ ଚାହୁଁନା। କିଛି ତ ହୋଇଛି ଯାହା ହେବାର ନଥିଲା। ଆମକୁ ଏଠାରେ ସ୍ୱୀକାର କରିବାକୁ ହେବ ଯେ ଏଥି ସକାଶେ ପ୍ରାକ୍ ପ୍ରସ୍ତୁତି ମଧ୍ୟ ହେଉଥିଲା। ସହର ଶୃଙ୍ଖଳା ଦାୟିତ୍ୱରେ ଥିବା ପ୍ରଶାସନ ଓ ପୁଲିସର ଅନଭିଜ୍ଞତା ଓ ଅପରିପକ୍ୱତା ସ୍ପଷ୍ଟ ବାରି ହୋଇପଡୁଛି। ସଂଘର୍ଷ ଓ ହିଂସାକାଣ୍ଡରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଡ୍ରୋନ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଥଚ ଏହି ସମ୍ବେଦନଶୀଳ ଅଞ୍ଚଳର ସ୍ଥିତି ଭସାଣୀ ପୂର୍ବରୁ ଯାଞ୍ଚ ବା ପରଖିବାରେ ଅସୁବିଧା କେଉଁଠି ଥିଲା ? ଅନ୍ୟପକ୍ଷରେ ଭସାଣୀବେଳେ ଉତ୍ତେଜନାର କାରଣ ମନେ ହେଉଥିବା କିଛି ନକାରାତ୍ମକ କାର୍ଯ୍ୟକୁ ମଧ୍ୟ ରୋକାଯାଇ ପାରିଥାନ୍ତା। କିନ୍ତୁ ସେଥିପ୍ରତି ପ୍ରଶାସନ ଆଦୌ ସଚେତନ ଥିଲା ଭଳି ମନେ ହେଉନି।

ସ୍ୱାଭାବିକ ଭାବେ ଦୁଇପକ୍ଷ ନିଜନିଜର ଏତଲା ଦେବେ ଓ ପ୍ରଶାସନ ମଧ୍ୟ ନିଜଆଡୁ ମାମଲା ରୁଜୁ କରିବ। ସଂଘର୍ଷରେ ୨ ଜଣ ଗୁରୁତର ଆହତ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥାନେଇ ସମସ୍ତେ ଚିନ୍ତିତ ଓ ଉଦ୍‌ବିଗ୍ନ। ଡିସିପିଙ୍କ ସମେତ ଅନ୍ୟ ଯେଉଁମାନେ ଆହତ ହୋଇଛନ୍ତି ତାହାକୁ ଘଟଣା ପ୍ରବାହର ଆରମ୍ଭ ବିଶେଷ ରୁପେ ଗ୍ରହଣ କରାଯାଇପାରେ। ସୋମବାର ବନ୍ଦ ପାଳନ ପାଇଁ ଦିଆଯାଇଥିବା ଆହ୍ୱାନ ଓ ପୂର୍ବଦିନ ସଂଧ୍ୟାରେ ଘଟଣାର ପ୍ରତିବାଦ ସ୍ୱରୂପ ବାହାରିଥିବା ଶୋଭାଯାତ୍ରାରୁ ଆଗକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାର ସୂଚନା ମିଳିଥିଲା। ତେଣୁ ତୁରନ୍ତ ସାଂଧ୍ୟଆଇନ ଜାରି କରାଯିବାରୁ ଉତ୍ତେଜନା ପ୍ରଶମିତ ହେଉଥିବାର ଲକ୍ଷ୍ୟ କରାଯାଇଛି। ସର୍ବୋପରି ସହରରେ ଭାଇଚାରା ସଂପର୍କ ଯେପରି ଅତୁଟ ରହେ ତାହାକୁ ଦୃଷ୍ଟିରେ ରଖି ଦୁଇପକ୍ଷ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ଜରୁରୀ।

# ଶିକ୍ଷା, ଶିକ୍ଷକ ଓ ଏଆଇ

ସୁପ୍ରିୟା ମିଶ୍ର

ନିକଟରେ ଆମେରିକାର ଗୋଟିଏ ପ୍ରସିଦ୍ଧ ଏଆଇ ସେବା ଯୋଗାଇ ଦେଉଥିବା କମ୍ପାନୀର ଜଣେ ବରିଷ୍ଠ ଇଞ୍ଜିନିୟର କହିଲେ ଯେ ତାଙ୍କ କମ୍ପାନୀର ଏଆଇ ଟୁଲ୍‌ର ବୁଦ୍ଧି ଲବ୍ଧାଂଶ ବା ଆଇକ୍ୟୁ ଜଣେ ପିଏଚଡି ଧାରୀଙ୍କ ଠାରୁ ମଧ୍ୟ ଅଧିକ। କିଛି ଏଆଇ କମ୍ପାନୀମାନେ ଗୁରୁ ଦିବସ ଅବସରରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ରିହାତି ମୂଲ୍ୟରେ ସେବା ଯୋଗାଇ ଦେବା ପାଇଁ ଇଣ୍ଟରନେଟରେ ବିଜ୍ଞାପନ ମଧ୍ୟ ପ୍ରକାଶିତ କରିଥିଲେ। ପ୍ରଶ୍ନ ଉଠୁଛି ଯେ କୃତ୍ରିମ ବୁଦ୍ଧିମତ୍ତା କ'ଣ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ରୂପେ ବିକଳ୍ପ ହୋଇପାରିବ? ୟୁରୋପ, ଆମେରିକା ଓ ଚୀନରେ ପାରମ୍ପରିକ ଶ୍ରେଣୀ ଗୃହରେ ଏଆଇ ଦ୍ୱାରା ସଂଚାଳିତ ରୋବଟ ମାଧ୍ୟମରେ ଶିକ୍ଷା ପ୍ରଦାନର ପରୀକ୍ଷଣ ଚାଲିଛି। ଭାରତରେ ମଧ୍ୟ ଏହାକୁ ପରୀକ୍ଷା କରାଯାଉଛି। ଗତବର୍ଷ କେରଳର କିଛି ମାଧ୍ୟମିକ ବିଦ୍ୟାଳୟରେ ରୋବଟ ଶିକ୍ଷକଙ୍କୁ ପରୀକ୍ଷା କରାଯାଇଥିଲା।

କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ଅନେକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନ କରୁଛି, ଯେଉଁଠି ଏକ ଛାତ୍ରର ନିର୍ଦ୍ଦିଷ୍ଟ ଆବଶ୍ୟକତା, ଶିକ୍ଷଣ ଶୈଳୀ ଓ ବୁଦ୍ଧି ଲବ୍ଧାଂଶ ଅନୁଯାୟୀ ପାଠ୍ୟକ୍ରମ ଡିଜାଇନ କରାଯାଉଛି। ଏହା ବିଦ୍ୟାର୍ଥୀମାନଙ୍କୁ ନିଜ ଗତି ଓ ସାମର୍ଥ୍ୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଉଛି। ଏଆଇ ଛାତ୍ରମାନଙ୍କର ଦୁର୍ବଳତା ଚିହ୍ନଟ କରି ସେମାନଙ୍କୁ ଅଧିକ ଅଭ୍ୟାସ କିମ୍ବା ବିଶେଷ ସମ୍ବଳ ପ୍ରଦାନ କରିପାରେ। ଏହାସହିତ ଏଆଇ-ଚାଳିତ ଚାଟ୍‌ବଟ୍ ଓ ଭର୍ଚୁଆଲ ସହାୟକ ଛାତ୍ରମାନଙ୍କୁ ଯେକୌଣସି ସମୟରେ ସମର୍ଥନ ଯୋଗାଇ ଦେଉଛି, ଯାହା ଶିକ୍ଷକଙ୍କ ପାଇଁ ସବୁବେଳେ ସମ୍ଭବ ନୁହେଁ। ତଥାପି, ଏହି ସବୁ ସୁବିଧା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ଏଆଇ ଶିକ୍ଷକଙ୍କର ମୌଳିକ ଭୂମିକାର ଏକ ବିକଳ୍ପ କଦାପି ହୋଇ ପାରିବ ନାହିଁ।

ଶିକ୍ଷା କେବଳ ତଥ୍ୟ ଓ ଜ୍ଞାନ ପ୍ରଦାନ କରିବା ନୁହେଁ; ଏହା ଏକ ମାନବୀୟ ପ୍ରକ୍ରିୟା, ଯେଉଁଠି ଭାବନା, ଆତ୍ମବିଶ୍ୱାସ, ନୈତିକ ବୋଧ, ସହାନୁଭୂତି, ପ୍ରେରଣା ଓ ସାମାଜିକ ମୂଲ୍ୟବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଂରେଜ ସରକାରଙ୍କ ଶାସନ ସମୟରେ ଭାରତରେ ପାଶ୍ଚାତ୍ୟ ପଦ୍ଧତିରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ ଭାରତରେ ଶିକ୍ଷା ବ୍ୟବସ୍ଥାରେ ସର୍ବଦା ମାନବୀୟ ଗୁଣକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଏ। ଯେତେବେଳେ ଜଣେ ବିଦ୍ୟାର୍ଥୀ କୌଣସି କାରଣରୁ ନିରାଶ ହୁଏ କିମ୍ବା କୌଣସି ବିଷୟରେ ଅସୁବିଧାର ସମ୍ମୁଖୀନ ହୁଏ, ଶିକ୍ଷକ ତାଙ୍କୁ ପ୍ରେରଣା ଦେଇପାରନ୍ତି ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିପାରନ୍ତି। ଏଆଇ ଏହି ସହାନୁଭୂତି ଏବଂ ଭାବନାତ୍ମକ ସଂଯୋଗ ପ୍ରଦାନ କରିପାରେ ନାହିଁ। ଏଆଇ ଏକ ଯନ୍ତ୍ର ହିସାବରେ କେବଳ ଡାଟା ଓ ଅଲଗରିଦମ୍ ଉପରେ ନିର୍ଭର କରେ, ଯାହା ମାନବୀୟ ଭାବନାକୁ ବୁଝିବାରେ ଅକ୍ଷମ।

ଏହାସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମୂଲ୍ୟବୋଧ, ନୈତିକତା ଓ ସହଯୋଗ ଶିଖାଇଥା'ନ୍ତି। ଏକ ଶ୍ରେଣୀଗୃହରେ ଶିକ୍ଷକ ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା, ଦଳଗତ କାର୍ଯ୍ୟ ଓ ସହଯୋଗୀ ଶିକ୍ଷଣକୁ ପ୍ରୋତ୍ସାହିତ କରନ୍ତି। ଏହି ପ୍ରକ୍ରିୟା ଛାତ୍ରମାନଙ୍କୁ ସାମାଜିକ ଦକ୍ଷତା, ନେତୃତ୍ୱ ଓ ପରସ୍ପର ସମ୍ମାନ ଶିଖାଇଥାଏ। ଏଆଇ ଏକ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିପାରେ, କିନ୍ତୁ ଏହା ଏକ ଶ୍ରେଣୀଗୃହର ସାମାଜିକ ଗତିଶୀଳତାକୁ ଅନୁକରଣ କରିପାରେ ନାହିଁ। ଗୋଟିଏ ଏଆଇ ଟୁଲ ସମ୍ମୁଖରେ ସବୁ ଛାତ୍ରଛାତ୍ରୀ ସମାନ ଓ ସେମାନଙ୍କ ଜିଜ୍ଞାସା ମଧ୍ୟ ସମାନ। କିନ୍ତୁ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କ ପାଖରେ ପ୍ରଶ୍ନର ଉତ୍ତର ସମାନ ଥିଲେ ମଧ୍ୟ ପ୍ରଶ୍ନ କର୍ତ୍ତା କିନ୍ତୁ ସମାନ ନୁହନ୍ତି। କାରଣ କିପରି ଭାବରେ ଉତ୍ତର ପ୍ରଦାନ କରାଗଲେ ତାହା ବିଦ୍ୟାର୍ଥୀମାନେ ସହଜରେ ଗ୍ରହଣ କରି ପାରିବେ ତାହା କେବଳ ଜଣେ ମାନବର ପ୍ରାକୃତିକ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ।

ଏଆଇ ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଆଧୁନିକ ହେଲେ ମଧ୍ୟ ସେଥିରେ ଅନେକ ସୀମାବଦ୍ଧତା ରହିଛି। ପ୍ରଥମତଃ, ଏଆଇ କେବଳ ପୂର୍ବରୁ ପ୍ରୋଗ୍ରାମ କରାଯାଇଥିବା ଡାଟା ଓ ଅଲଗରିଦମ ଉପରେ କାର୍ଯ୍ୟ କରେ। ଏହା ଅଣପ୍ରତ୍ୟାଶିତ ପରିସ୍ଥିତିରେ ନିଷ୍ପତ୍ତି ନେବାରେ ଅକ୍ଷମ। ଉଦାହରଣ ସ୍ୱରୂପ, ଯଦି ଜଣେ ଛାତ୍ର ଏକ ଅସାଧାରଣ ପ୍ରଶ୍ନ ପଚାରେ ଯାହା ଏଆଇର ଡାଟାବେସରେ ନାହିଁ, ତେବେ ଏଆଇ ସେହି ପ୍ରଶ୍ନର ଉତ୍ତର ଦେବାରେ ଅସଫଳ ହୋଇପାରେ। ଅନ୍ୟପକ୍ଷରେ, ଶିକ୍ଷକମାନେ ନିଜର ଅଭିଜ୍ଞତା ଓ ସୃଜନଶୀଳତା ବ୍ୟବହାର କରି ଏଭଳି ପରିସ୍ଥିତିରେ ସମାଧାନ ଯୋଗାଇପାରନ୍ତି। କାନପୁରଠାରେ ଅବସ୍ଥିତ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ତଥା ପ୍ରସିଦ୍ଧ ପ୍ରଯୁକ୍ତି ବିଜ୍ଞାନର ପୁସ୍ତକ ଲେଖକ ଡ ହରିଶ ଚନ୍ଦ୍ର ବର୍ମା କୁହନ୍ତି ପ୍ରତିଦିନ ମାନବ ସଭ୍ୟତାରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟାକୁ ସମାଧାନ କରିବା ପାଇଁ ଜଣେ କିପରି ନିଜର ସୃଜନଶୀଳତାକୁ ବ୍ୟବହାର କରି ପାରିବ ତାହା କେବଳ ଜଣେ ଶିକ୍ଷକ ହିଁ ଛାତ୍ରଛାତ୍ରୀଙ୍କୁ ଶିଖାଇ ପାରିବେ। ଏଆଇ ଏହା କରି ପାରିବ ନାହିଁ; କାରଣ ଆଇଟି ଇଞ୍ଜିନିୟରମାନଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ନିଜର ସୀମା ବାହାରକୁ ଯାଇ ଏଆଇ କିଛି ଚିନ୍ତା କରିବା ପାଇଁ ସକ୍ଷମ ନୁହେଁ।

ଦ୍ୱିତୀୟତଃ, ଏଆଇ ସାଂସ୍କୃତିକ ଏବଂ ସାମାଜିକ ପ୍ରେକ୍ଷାପଟକୁ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ। ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ଯେଉଁଠି ବିଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି, ଶିକ୍ଷକମାନେ ଛାତ୍ରମାନଙ୍କୁ ସେମାନଙ୍କର ସାଂସ୍କୃତିକ ପ୍ରେକ୍ଷାପଟ ଅନୁଯାୟୀ ଶିକ୍ଷା ଦେଇପାରନ୍ତି। ଏଆଇ ଏହି ସାଂସ୍କୃତିକ ସମ୍ବେଦନଶୀଳତାକୁ ଅନୁକରଣ କରିବାରେ ଅକ୍ଷମ। ତୃତୀୟତଃ, ଏଆଇ ଶିକ୍ଷାରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମିଳାମିଶାରୁ ଦୂରେଇ ଦେଇପାରେ। ଶିକ୍ଷା କେବଳ ବୌଦ୍ଧିକ ବିକାଶ ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ବିକାଶର ଏକ ଅଂଶ। ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଏକ ସମ୍ପ୍ରଦାୟ ଭାବେ କାମ କରିବାକୁ, ପରସ୍ପର ସହଯୋଗ କରିବାକୁ ଏବଂ ସମାଜରେ ନିଜର ଦାୟିତ୍ୱ ବୁଝିବାକୁ ଶିଖାଇଥା'ନ୍ତି।

ଉତ୍କଳମଣି ଗୋପବନ୍ଧୁ ରଥଯାତ୍ରା ସମୟରେ ଏବଂ ନଦୀରେ ବଢ଼ି ଆସିଲେ ଜନ ସେବା ଯୋଗାଇ ଦେବାକୁ ଯିବା ସମୟରେ ପାଇଁ ବନ ବିଦ୍ୟାଳୟର ଛାତ୍ରମାନଙ୍କୁ ନିଜ ସହିତ ନେଇ ଯାଉଥିଲେ। ଏହାଦ୍ୱାରା ସେମାନଙ୍କ ମନରେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଦେବାର ମନୋବୃତ୍ତି ଜାଗ୍ରତ ହେଉଥିଲା। ବର୍ତ୍ତମାନ ମଧ୍ୟ ଜାତୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ସେବାରେ ନିଯୋଜିତ କରାଯାଇ ରାଷ୍ଟ୍ର ପ୍ରତି ସମର୍ପିତ ରହିବା ପାଇଁ ଉତ୍ସାହିତ କରାଯାଏ। ଏଆଇ ଏହି ସାମାଜିକ ଶିକ୍ଷଣକୁ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ। ଏଠାରେ ଗୋଟିଏ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଉଲ୍ଲେଖନୀୟ। ଗତ ବର୍ଷ ନଭେମ୍ବର ମାସରେ ଆମେରିକାର ଜଣେ ସ୍ନାତକ ଛାତ୍ର ଗୋଟିଏ ପ୍ରସିଦ୍ଧ ଏଆଇ ଟୁଲ ମାଧ୍ୟମରେ ଏକ ପ୍ରବନ୍ଧ ରଚନା କରୁଥିଲେ। ବରିଷ୍ଠ ନାଗରିକମାନଙ୍କର କିପରି ଯତ୍ନ ନେବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାରର ସାମାଜିକ ଦୁର୍ବ୍ୟବହାରରୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେହି ବିଷୟରେ ବାର୍ତ୍ତାଳାପ ମାଧ୍ୟମରେ ଚାଟ୍‌ବଟ୍‌ଠାରୁ ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରୁଥିଲେ। ହଠାତ୍ ଚାଟ୍ ବଟ୍ ଗାଳି ଗୁଲଜ କରିବାକୁ ଆରମ୍ଭ କରିଲା। ମନୁଷ୍ୟମାନେ ଏହି ଧରା ଉପରେ ଏକ ବୋଝ ଭାବରେ ଚିତ୍ରିତ କଲା। ଶେଷରେ ଛାତ୍ରଙ୍କୁ ଏହି ବ୍ରହ୍ମାଣ୍ଡରେ ରହିବାର କୌଣସି ଅଧିକାର ନାହିଁ ବୋଲି ଜଣାଇ ଯଥାଶୀଘ୍ର ଆତ୍ମହତ୍ୟା କରିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରିବାକୁ ଲାଗିଲା।

ଏଆଇର ଅନେକଗୁଡ଼ିଏ ଦୁର୍ବଳତା ରହିଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ସ୍ୱାଗତଯୋଗ୍ୟ। ଏଆଇ ଶିକ୍ଷକଙ୍କ ବିକଳ୍ପ ହେବା ପରିବର୍ତ୍ତେ ସେମାନଙ୍କ ସହ ସହଯୋଗ କରି ଶିକ୍ଷା ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିପାରେ। ଏଆଇ ଶିକ୍ଷକମାନଙ୍କୁ ସେମାନଙ୍କର ପାଠ୍ୟକ୍ରମ ପରିଚାଳନା, ଛାତ୍ରଛାତ୍ରୀମାନଙ୍କର ପ୍ରଗତି ମୂଲ୍ୟାଙ୍କନ ଏବଂ ଅଧିକ ସମୟ ମାନବୀୟ ସଂଯୋଗ ପାଇଁ ବ୍ୟବହାର କରିବାରେ ସାହାଯ୍ୟ କରିପାରେ। ଶିକ୍ଷକମାନେ ଶିକ୍ଷାରେ ମାନବୀୟ ସଂଯୋଗ, ସହାନୁଭୂତି ଓ ସାମାଜିକ ମୂଲ୍ୟବୋଧର ଏକ ଅନନ୍ୟ ଅବଦାନ ରଖନ୍ତି, ଯାହା ଏଆଇ ପ୍ରଦାନ କରିପାରେ ନାହିଁ। କରୋନା ମହାମାରୀ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ମାଧ୍ୟମରେ ଯୋଗାଯୋଗ ଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥା କିପରି ଭୁଶୁଡ଼ି ପଡ଼ିଲା ତାହାକୁ ପ୍ରତ୍ୟେକ ଅଭିଭାବକ ହୃଦୟଙ୍ଗମ କରିଥିଲେ। ତେଣୁ ଏଆଇ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଉତ୍ତମ ସହଯୋଗୀ ପନ୍ଥା ହିଁ ଭବିଷ୍ୟତରେ ଶିକ୍ଷାକୁ ଅଧିକ ସଫଳ କରିବ।

(ବିଭାଗୀୟ ମୁଖ୍ୟ, ମହର୍ଷି ମହିଳା ମହାବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୮୨୭୬୮୩୪

# ଚାପମୁକ୍ତ ଜୀବନ ସମ୍ଭବ କି?

ସଲିଳା ତ୍ରିପାଠୀ

ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନୁଷ୍ୟର ଚାହିଦାର ବୃଦ୍ଧି ଘଟିଥାଏ। ଯେଉଁ ସମୟରେ ଯାହା ଖୋଜାଯାଏ ନ ପାଇଲେ ମନ ମଧ୍ୟରେ ଏକ ଅଭାବବୋଧର ସୃଷ୍ଟି ହୁଏ, ଯାହାକୁ ପ୍ରକାରାନ୍ତରେ ଆମେ ଚାପ କହିପାରୁ। ଅନେକ ସମୟରେ ବାପ ମା' ପିଲାମାନଙ୍କର ଇଚ୍ଛାକୁ ଗୁରୁତ୍ୱ ନଦେଇ ହତୋତ୍ସାହିତ କରିବା ବାଲ୍ୟଜୀବନରେ ଗଭୀର ଚାପ ସୃଷ୍ଟି କରିଥାଏ। ଆମ ସମାଜରେ ପୁଅ ରୋଜଗାର ନ କରିପାରିଲେ ଏବଂ ଝିଅର ବାହାଘର ଉଚିତ୍ ସମୟରେ ନ ହୋଇପାରିଲେ ବଞ୍ଚିବା କଷ୍ଟକର ହୋଇପଡ଼େ। ପୁଅଟି ଖାଲି ରୋଜଗାରକ୍ଷମ ନୁହେଁ ବରଂ ସମାଜରେ ପାଞ୍ଚ ଜଣଙ୍କ ସାଥିରେ ତାଳ ମିଶେଇ ଚାଲିବାର ଇଚ୍ଛା ଆଉ ଝିଅର ବିବାହ ମଧ୍ୟ ସେହିଭଳି ଉପଯୁକ୍ତ ପାତ୍ରରେ ଦାନ ହୋଇପାରିଲେ ଯାଇ ପୁଅଝିଅଙ୍କର ମାନସିକ ଚାପର ସାମାନ୍ୟ ଶେଷ ହୋଇଥାଏ।

ତଥାକଥିତ ସମାଜରେ ପୁଅ ରୋଜଗାରକ୍ଷମ ହେଲେ ପୁଣି ସର୍ବଗୁଣସମ୍ପନ୍ନ ବୋହୂଟିଏ ଦରକାର ଯାହାର କୌଣସି ଗୁଣରେ ଖୁଣ ନଥିବ। ଯଥାଶୀଘ୍ର ନାତିଟିଏ ଦରକାର ପଛରେ ନାତୁଣୀଟିଏ ହେଲେ ଭଲ। ବାପ ମା' ବଞ୍ଚିଥିବା ପର୍ଯ୍ୟନ୍ତ ପୁଅର କୌଣସି ରୋଗ ବଇରାଗ ହେବା ବାଞ୍ଛନୀୟ ନୁହେଁ। ନାତି ନାତୁଣୀ ସମସ୍ତେ ନାଁ କଲା ପରି ବିଦ୍ୟାର୍ଜନ କରି ବଂଶ ମର୍ଯ୍ୟାଦା ରଖିବା ନିତାନ୍ତ ଆବଶ୍ୟକ। ସେପଟେ ଝିଅଟି ମଧ୍ୟ ପରଘରେ ଯାଇ ସୁଖଶାନ୍ତିରେ ରହିବା ଜରୁରୀ। ଏତେ ପ୍ରକାରର ମାନସିକ ଦୁଃଶ୍ଚିନ୍ତାରେ ମନୁଷ୍ୟ ଜୀବନ ଧାରଣ କରିଥାଏ କେବଳ ମୃତ୍ୟୁକୁ ସାମ୍ନା କରିପାରେନା। ସେତିକିବେଳେ ପ୍ରାରବ୍ଧ, କର୍ମଫଳ କଥାଟି ମନେପଡ଼େ। ତାକୁ ମଧ୍ୟ ସିଏ ଶ୍ମଶାନ ବୈରାଗ୍ୟ ପରି ଭୁଲିଯାଏ।

ତେବେ କାଳକାଳରୁ ଉପରୋକ୍ତ ଚାପଗୁଡ଼ିକୁ ସହିବାରେ ଅଭ୍ୟସ୍ତ ମନୁଷ୍ୟ ଆଧୁନିକ ଜୀବନଶୈଳୀ ପାଇଁ ଆହୁରି ଅନେକ ଚାପର ସମ୍ମୁଖୀନ ହେଉଛି। କର୍ମକ୍ଷେତ୍ରରେ ଓ ବିଦ୍ୟାଳୟରେ ପ୍ରତିଯୋଗିତା ପାଇଁ ଏବଂ ନାରୀ ସ୍ୱାଧୀନତା ପାଇଁ ସମଗ୍ର ସମାଜରେ ଚାପଟି ସର୍ବାଧିକ ହେଉଛି ବୋଲି ଜଣାଯାଉଛି। ଯେହେତୁ ଧନ ଓ ସମ୍ମାନର ସଂରକ୍ଷଣର ଭାବନା ମନୁଷ୍ୟକୁ ସର୍ବଦା ଦ୍ୱିଧାଗ୍ରସ୍ତ କରିଦିଏ ଏବଂ ନାରୀମାନେ ସ୍ୱାଧୀନତା ପାଇଗଲେ ସମାଜରେ ବିଶୃଙ୍ଖଳା ହୁଏ ବୋଲି ଆଜି ମଧ୍ୟ ଅନେକ ଲୋକଙ୍କର ବିଶ୍ୱାସ।

ବର୍ତ୍ତମାନର ରୋଜଗାରର ପନ୍ଥାଟି ମୁଖ୍ୟତଃ ବେସରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟବେସିତ ହେବା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବା ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଭୟ ଓ ଲକ୍ଷ୍ୟ ପୂରଣ ନ ହେବାର ଆଶଙ୍କା ଦ୍ୱାରା ବହୁ ଯୁବପିଢ଼ି ଗ୍ଳାନି ମଧ୍ୟରେ ଜୀବନ କାଟୁଛନ୍ତି। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଉପସ୍ଥିତି ଫଳରେ ପ୍ରତ୍ୟେକ ପିତାମାତା ନିଜ ପୁତ୍ରକନ୍ୟାଙ୍କର ଭବିଷ୍ୟତ ଚିନ୍ତା ପାଇଁ ନିଜେ ଚାପରେ ରହିବା ସହିତ ପିଲାମାନଙ୍କୁ ମଧ୍ୟ ଚାପରେ ରଖୁଛନ୍ତି। ନାରୀ ସ୍ୱତନ୍ତ୍ରତା ଫଳରେ ପୁରୁଷମାନେ ଘରଠାରୁ ବାହାର ପର୍ଯ୍ୟନ୍ତ ଅନେକ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି, ଯାହା ଅବ୍ୟକ୍ତ ହୋଇଥିଲେ ହେଁ ବାସ୍ତବିକ ସତ୍ୟ ଅଟେ।

ସମୟ ଅନୁସାରେ ମଣିଷର ଚିନ୍ତାଧାରା, ପରିସ୍ଥିତି, ପରିବେଶ ଯେତିକି ମାତ୍ରାରେ ପରିବର୍ତ୍ତନ ହେବା ଆବଶ୍ୟକ ନ ହୋଇ ପାରିଲେ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ, ଯାହା ମାନସିକ ଚାପ ବା ଅବସାଦର ମୂଳଦୁଆକୁ ସଂଗଠିତ କରିଥାଏ। ଫଳସ୍ୱରୂପ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗ ଭଳି ବେମାରୀମାନେ ନିମନ୍ତ୍ରଣ ହୋଇ ଆସିଥା'ନ୍ତି। ଠିକ୍ ସେହିଭଳି ମନର କଥାକୁ ପରିପ୍ରକାଶ କରିବାକୁ ସୁଯୋଗ ନଥିଲେ ଏହି ଚାପର ପରିମାଣ ବୃଦ୍ଧି ହୋଇ ବେଳେବେଳେ ଅଚାନକ ଭାବେ ପ୍ରାଣଘାତକ ସାଜିଥାଏ। ମଣିଷ ମନରେ ଥିବା ଭୟ ହିଁ ତାକୁ ମୃତ୍ୟୁ ଆଡ଼କୁ ବାଟ କଢ଼ାଇନିଏ। ଆମ ସମାଜରେ କ'ଣ ଏସବୁ ପାଇଁ କୌଣସି ବ୍ୟବସ୍ଥା ଅଛି? ଜନ୍ମରୁ ଆମକୁ ଲଜ୍ଜା, ସଂକୋଚ, ଭୟ, ନିନ୍ଦା, ଅପବାଦ, ଅସମ୍ମାନରୁ ବଞ୍ଚିବା ପାଇଁ ଶିକ୍ଷା ଦିଆଯାଇଥାଏ। କିନ୍ତୁ ଏଥିରୁ ମୁକ୍ତି ପାଇବାର ସଠିକ୍ ଉପାୟ ବତାଯାଇ ନଥାଏ। ଯାହା ମଣିଷକୁ ଭୟାର୍ତ୍ତ କରି ରଖିଥାଏ। ସବୁଠାରୁ ବଡ଼କଥା ମଣିଷ ଯେଉଁଠୁ ସୃଷ୍ଟି ହୁଏ, ତା'କୁ ହିଁ ସର୍ବାଧିକ ଭୟ କରେ। ସେମାନଙ୍କର ନାମ ଉଚ୍ଚ କରିବା ନିମିତ୍ତ ସେ ଶିକ୍ଷା, ସାମାଜିକ, ବୈବାହିକ, ଧନାର୍ଜନ ଇତ୍ୟାଦି କ୍ଷେତ୍ରରେ ଚାପଗ୍ରସ୍ତ ହୋଇପଡ଼େ।

ମାତ୍ର ବାସ୍ତବରେ ପିତାମାତା କ'ଣ ତାଙ୍କ ସନ୍ତାନଙ୍କୁ ଚାପ ଦେବାରେ ଆନନ୍ଦ ପାଇଥା'ନ୍ତି? ହୁଏତ ଏହା ପରସ୍ପର ମଧ୍ୟରେ ଥିବା ଦୂରତା ଓ ସଠିକ୍ ବୁଝାମଣାର ଅଭାବରୁ ହୋଇଥାଏ। ଦୁନିଆର ଯେ କେହି ଯେତେ ଦୁଃଖ ଦିଅନ୍ତୁ ବା କୌଣସି ପରିସ୍ଥିତି ଆସୁ ଯଦି ପିତାମାତା ସନ୍ତାନ ସାଥିରେ ରହି ତାକୁ ଭରସା ଦିଅନ୍ତି ତେବେ ସଂସାରର ସମସ୍ତ ଦୁଃଖ ଓ ଚାପ ଲାଘବ ହୋଇଯାଏ ବୋଲି କୁହାଯାଏ। କାରଣ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ସମୟରେ ପିତାମାତା ମୋହବଶତଃ କେବଳ ନିଜର ଅହଂକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜ ପିଲାର ଭୁଲ୍‌କୁ ଅଣଦେଖା କରିଥା'ନ୍ତି। ତା'ସହିତ ସମୟ ଓ ପରିସ୍ଥିତି ଅନୁଯାୟୀ ପିଲାର ମାନସିକତାକୁ ବୁଝି ନପାରି ତା' ଉପରେ ନିଜର ଉଚ୍ଚକାଂକ୍ଷାକୁ ଲଦି ଦେଇଥାନ୍ତି। କିଛି ପିଲା ମନକଥା ଖୋଲି କହି ନ ପାରିବାରୁ ପିତାମାତା ଓ ପିଲାଙ୍କ ମଧ୍ୟରେ ଦୂରତା ସ୍ୱର୍ଗ ଓ ମର୍ତ୍ତ୍ୟର ଦୂରତା ପରି କେବେ ମିଶିପାରେନା।

ଅବଶେଷରେ ଏତିକି କୁହାଯାଇପାରେ ମନଖୋଲା ହସଟିଏ ହସିବା ନିମିତ୍ତ ଯେମିତି ନିଜର ପରିବାରର ଆବଶ୍ୟକ ଠିକ୍ ସେମିତି ପ୍ରତ୍ୟେକ ପ୍ରକାର ମାନସିକ ଅବସାଦରୁ ମୁକ୍ତି ପାଇବା ପାଇଁ ପରିବାର ହିଁ ଏକମାତ୍ର ଚିକିତ୍ସାଳୟ ଏବଂ ତା' ସହିତ ଭଗବତ୍ ଚିନ୍ତନ, ଅହମିକାରୁ ମୁକ୍ତି, ଉଚ୍ଚ ଆଶାରେ ଲଗାମ, ପାରିବାରିକ ସଂପର୍କର ସୁଦୃଢ଼ତା, ଗୋଟିଏ ସମୟରେ ଅନେକ କାର୍ଯ୍ୟର ଭାର ଗ୍ରହଣ ନ କରିବା, କୌଣସି କାର୍ଯ୍ୟକୁ ନିଜର ନିଶା ନ ବନେଇବା, ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟତା, ପ୍ରତ୍ୟେକଟି ସମସ୍ୟାର ସରଳ ଆଲୋଚନା, ଆଧୁନିକ ଜୀବନଶୈଳୀକୁ ଏକାନ୍ତ ଭାବେ ଗ୍ରହଣ ନ କରିବା, ସମୟ ଅନୁସାରେ ଡାକ୍ତରୀ ପରୀକ୍ଷା ଏବଂ ସବୁ ପରେ କୃତ୍ରିମତାରୁ ନିଜକୁ ଦୂରେଇ ନେଲେ ମାନସିକ ଚାପରୁ ମଣିଷ ମୁକ୍ତି ପାଇବା ହୁଏତ ସମ୍ଭବ ହେବ।

ବୋଲଗଡ଼,
ମୋ: ୮୭୬୩୭୮୮୬୧୪

# ମିଛ ବିଷୟରେ କିଛି କଥା

**ବିଜ୍ଞାନ ବାର୍ତ୍ତା**

ଶ୍ରୀନନ

ସାଧାରଣଭାବେ ଆମେ ମିଛ କହିବାକୁ ଘୃଣାକରୁ। ତେବେ ଏହା ଆମରି ଏକ ସହଜାତ ପ୍ରବୃତ୍ତି। ଅବଶ୍ୟ କାହାଠାରେ ଏହା ଅଧିକ ଏବଂ ଆଉ କାହାଠାରେ କମ୍ ଦେଖାଯାଏ। ଏପ୍ରବୃତ୍ତି ବିବର୍ତ୍ତନ ସହିତ ସଂପୃକ୍ତ। ସେଥିପାଇଁ ସଂପାଜୀ, ଗରିଲା, ବାବୁନ, ନିଏଣ୍ଡର୍ଥାଲ୍ ଆଦି ଅନ୍ୟାନ୍ୟ 'ପ୍ରାଇମେଟ୍' ବୋଲି କୁହାଯାଉଥିବା ପ୍ରାଣୀମାନେ ମଧ୍ୟ ଶଠତା ଆଚରଣ କରିଥା'ନ୍ତି। ଆମ ଶିଶୁମାନଙ୍କଠାରେ ଏହା ଇଚ୍ଛାକୃତ ଭାବେ ପ୍ରକଟିତ ହେବାକୁ ଲାଗେ ମାତ୍ର ୨/୩ବର୍ଷ ବୟସରୁ। ତେଣୁ କେତେକ ମନୋବିଜ୍ଞାନୀ ଏହାକୁ ବୋଧଶକ୍ତି ବିକାଶର ମାଇଲଖମ୍ବ ରୂପେ ବିଚାର କରନ୍ତି।

ମାସାଚୁସେଟସ୍ ବିଶ୍ୱବିଦ୍ୟାଳୟର ରବର୍ଟ ଫେଲଡ୍ମ୍ୟାନ ୨୦୦୨ ମସିହାରେ କରିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ପ୍ରାୟ ୬୦ ଶତାଂଶ ଲୋକ କଥାବାର୍ତ୍ତା ହେଉଥିଲା ବେଳେ ପ୍ରତି ୧୦ ମିନିଟ୍ ଅନ୍ତତଃ ଥରେ ମିଛ କହିଥା'ନ୍ତି। ତେବେ ହାରାହାରି ଏହା ଦୁଇରୁ ତିନି। ସବୁପ୍ରକାର ମିଛ ଏକା ପ୍ରକାର ନୁହେଁ। ତହିଁରୁ କେତେକ ବେଶ୍ ହାଲୁକା ଏବଂ ତାହା କୁହାଯାଏ ମୁଖ୍ୟତଃ ମଜାକରିବା ପାଇଁ କିମ୍ବା କାହାକୁ ଚାଟୁ କରିବା ପାଇଁ। କିନ୍ତୁ କେତେକ ମିଛ କୁଟିଳ ଓ କ୍ରୂର। ଅନେକ ସମୟରେ ତାହା ଭୟାବହ ହୋଇଥାଏ। ଏହାର ଉଦାହରଣଟିଏ ହେଲା କୌଣସି ନିର୍ଦ୍ଦୋଷ ଲୋକକୁ ଯୋଜନାବଦ୍ଧ ଭାବେ ଏକ ଗୁରୁତର ଅପରାଧ ସହ ସଂପୃକ୍ତ କରିବା। ଏଭଳି ଅସାଧୁତା ମିଥ୍ୟାବାଦୀର ମସ୍ତିଷ୍କକୁ ଅଧିକ ଉତ୍ତେଜିତ ଅବସ୍ଥାରେ ରଖେ ଏବଂ ସେ କହୁଥିବା ମିଛର ଗୁରୁତ୍ୱ ଉପରେ ନିର୍ଭର କରି ତା'ଠାରେ ମାନସିକ ଚାପ ମଧ୍ୟ ବୃଦ୍ଧି କରେ। ଅନେକସ୍ଥଳେ, ଏସମୟରେ ତା'ର ଶ୍ୱାସକ୍ରିୟା ପ୍ରଖର ଓ ହୃତ୍‌ସ୍ପନ୍ଦନ ହାର ଦ୍ରୁତ ହୁଏ। ତା'ଠାରୁ ଅଧିକ ଝାଳ ବହେ, ପାଟି ଶୁଖିଯାଏ ଏବଂ କଥା କହିଲାବେଳେ ଖନିବାଜେ। ମିଛଧରା ଯନ୍ତ୍ର ବା ପଲିଗ୍ରାଫ୍ ଏହିସବୁ ମନସ୍ତାତ୍ତ୍ୱିକ ପ୍ରଭାବଗୁଡ଼ିକୁ ଚିହ୍ନଟ କରିପାରେ।

ବିଭିନ୍ନ ଲୋକଙ୍କର ମିଛ କହିବାର ସାମର୍ଥ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଏହାର ମୁଖ୍ୟକାରଣ ହେଲା ସେମାନଙ୍କ ମସ୍ତିଷ୍କମାନଙ୍କ ମଧ୍ୟରେ ଥିବା ବିଭେଦତା। ଉଦାହରଣସ୍ୱରୂପ, ଅଭ୍ୟାସଗତ ଭାବେ ମିଛ କହୁଥିବା ଅସାମାଜିକମାନଙ୍କ ସମ୍ବେଦନଶୀଳତା କମ୍ ଥାଏ। ଏଣୁ ମିଛ କହିଲାବେଳେ ସେମାନେ ଉପରୋକ୍ତ ମନସ୍ତାତ୍ତ୍ୱିକ ଲକ୍ଷଣମାନ ବିଶେଷ ପ୍ରଦର୍ଶନ କରନ୍ତି ନାହିଁ। ମିଥ୍ୟାବାଦୀମାନଙ୍କୁ ଶାନ୍ତ ରହିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେମାନେ ପଲିଗ୍ରାଫ୍ ପରୀକ୍ଷାରେ ଧରାପଡ଼ନ୍ତି ନାହିଁ। କିନ୍ତୁ କିଛି ସାଧାରଣ ନିରୀହ ଲୋକଙ୍କଠାରେ ଏହା କରାଗଲା ବେଳେ ସେମାନଙ୍କଠାରେ ଉକ୍ତ ଲକ୍ଷଣମାନ ପ୍ରକଟିତ ହୁଏ। ଏହି କାରଣରୁ ନ୍ୟାୟାଳୟମାନଙ୍କରେ ପଲିଗ୍ରାଫ୍ ଫଳାଫଳକୁ ଗ୍ରହଣ କରାଯାଉନାହିଁ।

ଅନ୍ୟପକ୍ଷରେ ମସ୍ତିଷ୍କର ଆଭ୍ୟନ୍ତରୀଣ ଚିତ୍ର (ବ୍ରେନ୍ ଇମେଜିଂ) ଅଧ୍ୟୟନ ମିଛ ପ୍ରତି ଶରୀରର ପ୍ରତିକ୍ରିୟା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ସୂଚନା ମିଳିଥାଏ। ଏଥିରୁ ଉଦ୍‌ବେଗର ଲକ୍ଷଣମାନ ଜାଣିହୁଏ। କାରଣ ମିଛ କହିବା ମସ୍ତିଷ୍କର 'ଲିମ୍ବିକ୍' ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରେ। ଏବର ଅଂଶଟି ମାନସିକ ସମୟରେ 'ଲଢ଼ ବା ପଳାୟନ କର' ପ୍ରତିକ୍ରିୟା ପାଇଁ ଦାୟୀ। ମିଛ କହୁ ନ ଥିବା ଲୋକଠାରେ ଏହା କମ୍ କ୍ରିୟାଶୀଳତା ପ୍ରଦର୍ଶନ କରେ। କିନ୍ତୁ ମିଛ କହିବାକୁ ଲାଗିଲେ ଏହା ହଠାତ୍ ବିସ୍ଫୋରିତ ହୋଇଉଠେ। ଏଣୁ ଜଣେ ସଚ୍ଚୋଟ ଲୋକର ମସ୍ତିଷ୍କ ତୁଳନାତ୍ମକ ଭାବେ ଶାନ୍ତ ରହିଲା ବେଳେ ମିଥ୍ୟାବାଦୀ ଅସାଧୁ ଲୋକର ତାହା ଉତ୍ତେଜିତ ଥଏଏ।

କଲମ୍ବିଆ ବିଶ୍ୱବିଦ୍ୟାଳୟର କାର ଗ୍ରସ୍ମାର୍ଭାରିସ୍ ଓ ଭର୍ଜିନିଆ ମେଡିକାଲ ସ୍କୁଲର ଡାଭିସ୍ ଏ. ଜନସନ୍ ଏବେ ମିଛ ପ୍ରତି ଏପ୍ରକାର ପ୍ରତିକ୍ରିୟାକୁ ଅନ୍ତନଳୀ ମସ୍ତିଷ୍କ ସହ ସଂପର୍କ ଥିବାର କହିଛନ୍ତି। ଏହା ହେଲା ଆମ ଶରୀରର ଦୁଇପ୍ରାନ୍ତରେ ଥିବା ଏବର ଅଂଗ ଦୁଇଟି ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ। ଏ ପ୍ରତିକ୍ରିୟା ବାନ୍ତି ଲାଗିବାଠାରୁ ଦୁଶ୍ଚିନ୍ତା ବୃଦ୍ଧି ପର୍ଯ୍ୟନ୍ତ ନାନାରୂପେ ପ୍ରକଟିତ ହୁଏ। ଦୀର୍ଘକାଳ ଧରି ମିଛ କହିବାର ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲା ଉଚ୍ଚ ରକ୍ତଚାପ, ହୃତ୍ସ୍ପନ୍ଦନ ହାର ବୃଦ୍ଧି, ରକ୍ତନାଳୀ ସଂକୋଚନ, ରକ୍ତରେ ଚାପହରମୋନ କୋର୍ଟିସଲ୍‌ର ମାତ୍ରା ବୃଦ୍ଧି। କିନ୍ତୁ ଅନ୍ୟପକ୍ଷରେ ଦୀର୍ଘଦିନ ଧରି ମିଛ କହିବାର ଅଭ୍ୟସ୍ତ ହୋଇଗଲେ ଏସବୁ ଲକ୍ଷଣ କ୍ରମେ ହ୍ରାସପାଏ। କାରଣ ସେମାନଙ୍କଠାରେ ଏହା ସହ୍ୟ କରିବାରେ ଶକ୍ତି ବିକଶିତ ହୁଏ। ପଲିଗ୍ରାଫ୍‌ରେ ମଧ୍ୟ ସେମାନେ ଧରାପଡ଼ନ୍ତି ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଅଶାନ୍ତ ଗଞ୍ଜାମ**

# ସାମାନ୍ୟ ବଚସାରୁ ଗଡ଼ିଲା ମୁଣ୍ଡ

## ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର, ୬।୧୦ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ବୁଦୁଲି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା (୬୫)ଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକଙ୍କ ସହ ଅନ୍ୟ ଅନ୍ୟ ଏକ ଗ୍ରାମର ଜଣେ ଯୁବକଙ୍କ ବଚସା ହୋଇଥିଲା। ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ଏହି ଝଗଡ଼ା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ମଧ୍ୟ କିଛି କହିବାରୁ ସେମାନଙ୍କ ସହ ଝଗଡ଼ା ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଆସିଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିବାରୁ ପରିବାରଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ପ୍ରାୟ ୧୨ଟାରେ ମୃତ୍ୟୁ ହୋଇଥିଲା। ଅପରପକ୍ଷେ, ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

**ୱାଶିଂଟନ୍ ଜଗନ୍ନାଥ ମନ୍ଦିରରେ ଗୁରୁଜୀ ଚନ୍ଦ୍ରଭାନୁ**

# 'ବସୁଧୈବ କୁଟୁମ୍ବକମ୍'ରେ ପ୍ରାଣୀ ସମାଜ ବି ଅନ୍ତର୍ଭୁକ୍ତ




ଭୁବନେଶ୍ୱର, ୬।୧୦(ସମିସ): ବସୁଧୈବ କୁଟୁମ୍ବକମ୍‌ର ଅର୍ଥ ସମଗ୍ର ବିଶ୍ୱ କେବଳ ଏକ ପରିବାର ନୁହେଁ, ସମଗ୍ର ପ୍ରାଣୀ ସମାଜ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଆମେରିକାର ସିଆଟେଲଠାରେ ଆୟୋଜିତ 'ଶ୍ରୀଗୁରୁ ଭାଗବତ: ଭାରତର ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହାନ୍ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଏହା କହିଛନ୍ତି। ସିଆଟେଲସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର କନସୁଲେଟ୍ ଜେନେରାଲ ପ୍ରକାଶ ଗୁପ୍ତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀଗୁରୁ ଭାଗବତର ପ୍ରାର୍ଥନା ଉପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସାହିତ୍ୟ, ସଂଗୀତ ଏବଂ ଆଧ୍ୟାତ୍ମିକତା ମାଧ୍ୟମରେ ମାନବ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗୁରୁଜୀ ଡ. ଶତପଥୀଙ୍କୁ କନସୁଲ ଜେନେରାଲ ଶ୍ରୀ ଗୁପ୍ତା ସମ୍ମାନିତ କରିଥିଲେ। ଗୁରୁଜୀଙ୍କ ତିନୋଟି ପୁସ୍ତକ ଶିରିଡ଼ି ସାଇବାବା ଏନ୍ ଇନସ୍ପାଇରିଙ୍ଗ ଲାଇଫ, ଶିରିଡ଼ି ସାଇବାବା ଏକ ପ୍ରେରଣାଦାୟୀ ଜୀବନ(ହିନ୍ଦୀ) ଏବଂ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ରଚିତ ପିତାମାତା ସ୍ତବକ ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ, ୱାଶିଂଟନ୍ ବ୍ରଥେଲସ୍ଥିତ ହିନ୍ଦୁମନ୍ଦିର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶେଷ ପୂଜା ନିମନ୍ତେ ଗୁରୁଜୀଙ୍କୁ ଆମନ୍ତ୍ରଣ କରାଯାଇଥିଲା।

**ଥମୁନି ସୁନା, ରୁପା ଦର ବୃଦ୍ଧି**

# ସୁନା ୧.୨୦ ଲକ୍ଷ, ରୁପା କିଲୋ ୧.୬୫ ଲକ୍ଷ

ଭୁବନେଶ୍ୱର,୬।୧୦(ଏଜେନ୍ସି): ଘରୋଇ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୨୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକାରେ ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୧.୬୫ ଲକ୍ଷ ଟଙ୍କା ଟପିଛି।

ଚଳିତ ବର୍ଷ ସୁନା ଦର ଏଭଳି ବୃଦ୍ଧି ପାଇଛି ଯେ, ଇତି ମଧ୍ୟରେ ୪୦ ଥର ଏହା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱର ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିରନ୍ତର ସୁନା କ୍ରୟ କରିବା। ଗତ ୨୮ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୨୭ଥର ସୁନା କିଣିଛନ୍ତି। ଅଗଷ୍ଟରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୫ ଟନ୍ ସୁନା କିଣିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି , କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଗତ ଅଗଷ୍ଟ ମାସରେ ବିଶ୍ୱ ରିଜର୍ଭର ଅଧା ସୁନା କିଣିନେଇଛି, ଯାହାର ପରିମାଣ ୮ ଟନ୍ ହେବ। ଫଳରେ କାଜାଖସ୍ତାନର ସୁନା ଭଣ୍ଡାର ୩୦୮ ଟନ୍ ରେ ପହଞ୍ଚିଛି। ବୁଲଗେରିଆ, ତୁର୍କୀ ଏବଂ ଚୀନର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରତ୍ୟେକ ୨ ଟନ୍ ସୁନା କିଣିଛନ୍ତି। ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତାର ୧୦ମ ମାସ ପାଇଁ ସୁନା କିଣିଛି। ଏହିପରି ଭାବେ ଚୀନର କେନ୍ଦ୍ରୀୟ ବ୍ୟାଙ୍କର ସୁନା ଭଣ୍ଡାର ପ୍ରଥମ ଥର ପାଇଁ ୨୩୦୦ ଟନ୍ ଅତିକ୍ରମ କରିଛି। ତଥାପି, ସୁନା ସଂରକ୍ଷଣରେ ଆମେରିକା ଆଗରେ ରହିଛି। ବିଶ୍ୱର ସର୍ବବୃହତ ଅର୍ଥନୀତିର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮୧୩୩ ଟନ୍ ସୁନା ରହିଛି। ଆଶ୍ଚର୍ଯ୍ୟଜନକ ଭାବରେ ଗତ ୨୫ ବର୍ଷ ମଧ୍ୟରେ ଆମେରିକାର ସୁନା ସଂରକ୍ଷଣ ଅପରିବର୍ତ୍ତିତ ରହିଛି। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୦,୭୭୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୨୦,୬୪୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୬୫,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି।



■ ଭାଙ୍ଗିଲା ସବୁ ରେକର୍ଡ
■ ଅଧା ସୁନା କିଣି ନେଲା କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ

# ଶିଶୁକନ୍ୟାକୁ ଦୁଷ୍କର୍ମ, ଯୁବକ ଅଟକ

ଜଳେଶ୍ୱର ବ୍ଲକ, ୬।୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ପୁଣି ଲଜ୍ଜା। ୬ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ନିତ୍ୟଗୋପାଳ ସାହୁ (୩୫) ନାମକ ଯୁବକକୁ ଅଟକ ରଖି ପଚରାଉଚରା ଚଳାଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଶିଶୁକନ୍ୟାକୁ ଅଭିଯୁକ୍ତ ଯୁବକ ଉଠାଇନେଇ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଧରି ଥାନାରେ ଅଟକ ରଖିଥିବାବେଳେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି।

# ଲାଞ୍ଚ ନେଇ ଧରାପଡ଼ିଲେ ଜେଇ, ଜିଆର୍‌ଏସ୍

କୁନ୍ଦୁରା, ୬।୧୦(ସମିସ): କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ଉ କରିଛି। କୁନ୍ଦୁରା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ (ଜେଇ) ଲମ୍ବୋଦର ନାୟକ ଓ ଜିଆରଏସ୍ ଲକ୍ଷ୍ମୀକାନ୍ତ ବିଶୋଇ ମନେରେଗା କାମର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ସେମାନେ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କଠାରୁ ଏହି ଲାଞ୍ଚ ଟଙ୍କା ନେଉଥିଲେ। ତେବେ ଭିଜିଲାନ୍ସକୁ ଚକମା ଦେଇ ଜିଆରଏସ୍ ଶ୍ରୀ ବିଶୋଇ ଖସିଯାଇଥିବା ସୂଚନା ମିଳିଛି। ଅଭିଯୋଗକାରୀ ୬ଲକ୍ଷ ଟଙ୍କାର ମନେରେଗା କାମ ପାଇଥିଲେ। ବକେୟା ବିଲ୍ ୩ ଲକ୍ଷ ୧୭ ୬ ହଜାର ଟଙ୍କା କରାଇ ଦେବାକୁ ଏମାନେ ୭୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ୨୦ ହଜାର ଟଙ୍କା ଅଭିଯୋଗକାରୀ ଦେଇଥିବାବେଳେ ଆଜି ଆଉ ୨୦ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଏମାନଙ୍କୁ ମାଡ଼ି ବସିଥିଲେ ଜୟପୁର ଭିଜିଲାନର କର୍ମଚାରୀ।


PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଢୋଲ ଭିତରେ...

ତାର ଆକାଉଣ୍ଟକୁ ଟଙ୍କା ପଠାଇଥିବା ବ୍ୟକ୍ତିମାନେ କିଏ ତାହାର ଅନୁସନ୍ଧାନ କରାଯାଉଛି।

ତେବେ ନିଯୁକ୍ତି ବେପାରରେ ୩ଟି ପ୍ରଶ୍ନ ସମ୍ପର୍କରେ ଓପିଆର୍‌ବିର ନିରବତା ଅନେକ ସନ୍ଦେହ ସୃଷ୍ଟି କରିଛି। ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଓପିଆର୍‌ବି ସହ ଚୁକ୍ତିବଦ୍ଧ ହୋଇଥିବାବେଳେ କେଉଁ ପରିସ୍ଥିତିରେ ସିଲିକନ୍ ଟେକ୍‌ଲାବ୍‌କୁ ସବ୍‌ଲେଟ୍ କରାଗଲା ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ। ସେହିପରି ସବ୍‌ଲେଟ୍ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଅନ୍ୟ ଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ସବ୍‌ଲେଟ୍ ବେଳେ କିଏ ଏଥିପାଇଁ ଅନୁମତି ଦେଇଥିଲା ସେ ସମ୍ପର୍କରେ ଓପିଆର୍‌ବି ମୁହଁ ଖୋଲୁ ନାହିଁ। ଏ ସମ୍ପର୍କରେ ଓପିଆର୍‌ବି ଏକତରଫା ନିଷ୍ପତ୍ତି ନେଇଥିଲା ନା ସରକାରରୁ ଏଥିପାଇଁ ଅନୁମତି ନିଆଯାଇଥିଲା ତାହା ବି ସ୍ପଷ୍ଟ ନୁହେଁ। ଏହି ପରିପ୍ରେକ୍ଷୀରେ ଆଇଟିଆଇ କାହିଁକି ନିରବତା ଅବଲମ୍ବନ କରୁଛି ଓ ଓପିଆର୍‌ବି ନିଜ ଭୂମିକା କାହିଁକି ସ୍ପଷ୍ଟ କରୁନାହିଁ ତାହା ବି ଜଣାପଡୁ ନାହିଁ।

### ବାଲେଶ୍ୱରରୁ ଆଉ...

ଆଶାୟୀଙ୍କ ସହ ଯୋଗାଯୋଗ କରୁଥିଲେ। ଶଙ୍କର ପୃଷ୍ଟି ସହ ସେମାନଙ୍କ ଭେଟ କରାଉଥିଲେ ଓ ଆଶାୟୀଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରୁଥିଲେ। ପ୍ରତି ବଦଳରେ ଆଦାୟ ଅର୍ଥର ୧୦% କମିଶନ ତାଙ୍କୁ ପ୍ରଦାନ କରାଯାଉଥିଲା।

### ଦୁଇ ପର୍ଯ୍ୟାୟରେ...

ରହିବ। ଶେଷ ପର୍ଯ୍ୟାୟ ମତଗଣନା ପୂର୍ବରୁ ପୋଷ୍ଟାଲ ଭୋଟ୍ ଗଣତି ସଂପନ୍ନ ହେବ। ସେ କହିଲେ ଯେ ୨୨ ବର୍ଷ ପରେ ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ସଫଳତା ସହିତ ସଂପନ୍ନ ହୋଇଛି। ଏବେ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୪୩ ଲକ୍ଷ ଥିବା ବେଳେ ୧୪ ଲକ୍ଷ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ।

ଏହାସହିତ ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ହେବ। ଏହାର ଫଳାଫଳ ମଧ୍ୟ ୧୪ ତାରିଖରେ ଘୋଷଣା କରାଯିବ।

ସୂଚନାଯୋଗ୍ୟ ଯେ ବିହାରରେ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଭିନ୍ନ ବିରୋଧୀ ଦଳ ଏହାର ବିରୋଧ କରି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟରେ ଏହାର ବିଚାର ଚାଲିଛି। ସଂଶୋଧନ ପ୍ରକ୍ରିୟା ।।ରେ ୬୮ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ୫୩ ହଜାର ଭୋଟରଙ୍କ ନାମ ଯୋଡ଼ା ହୋଇଛି। ୨୦୨୪ରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୭ କୋଟି ୮ ୯ ଲକ୍ଷ ଥିବା ବେଳେ ଏବେ ଏହା ୭ କୋଟି ୪୩ ଲକ୍ଷକୁ ହ୍ରାସ ପାଇଛି।

### ନଭେମ୍ବର ୧୧ରେ...

ପରେ ଆଜିଠାରୁ ଆଚରଣ ବିଧି ଲାଗୁ ହୋଇଛି। ଏହା ସହ ନିର୍ବାଚନକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବୁଥରେ ୱେବ କାଷ୍ଟିଂ କରାଯିବ ବୋଲି ସିଇଓ ସୂଚନା ଦେଇଛନ୍ତି।

ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ କହିଛନ୍ତି ଯେ ନୂଆପଡା ବିଧାନସଭା ଉପନିର୍ବାଚନରେ ମୋଟ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ମହିଳା ଅଛନ୍ତି। ସେହିପରି ମୋଟ ଭୋଟରଙ୍କ ମଧ୍ୟରେ ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ଜଣ ୮୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ୩୫୮ ମତଦାନ କେନ୍ଦ୍ରରେ ମତଦାନ ହେବ। ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍ ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ସଂଖ୍ୟକ ଇ.ଭି. ଏମ ଅର୍ଥାତ୍ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦ ପ୍ରତିଶତ ଯଥା ୭୨୦ ବାଲଟ୍ ୟୁନିଟ୍, ୭୨୦ କଣ୍ଟ୍ରୋଲ ୟୁନିଟ୍ ଏବଂ ୭୨୦ ଭି.ଭି.ପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି। ୮୫ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟର (ଇ-ରୋଲରେ ଚିହ୍ନିତ) ଭୋଟର ମାନଙ୍କୁ ୧୨-ଡି ଫର୍ମ (ଅର୍ଥାତ୍ ଆବେଦନ ଫର୍ମ) ବଣ୍ଟନ କରାଯିବ। ଯାହା ସେମାନଙ୍କୁ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବହାର କରିବାରେ ସାହାଯ୍ୟ କରିବ। ସେହିପରି ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗର୍ଜିଲା ବିଜୁ ଯୁବ...

ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୁଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଏହି ନିଯୁକ୍ତି ଜାଲିଆତିରେ ପ୍ରାୟ ୨୦୦ କୋଟି ଟଙ୍କା କାରବାର ହୋଇଥିବା କୁହାଯାଉଛି। ତେବେ ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀମାନେ ଯଦି ଗିରଫ ହେଲେ; ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି। ବିଶେଷକରି କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୁଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ଅଛନ୍ତି। ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ୨୪ ଘଣ୍ଟା...

୧୨ଘଣ୍ଟା ବାକି ରହିଥିଲା। ଆଜି ପୁଣି ଥରେ ପ୍ରଶାସନ ପକ୍ଷରୁ ଆଉ ୨୪ଘଣ୍ଟା କର୍ଫ୍ୟୁର ଅବଧିକୁ ବଢ଼ାଇ ଦିଆଯାଇଛି। ସେହିପରି ଇଣ୍ଟରନେଟ୍ ସେବାକୁ ଅଧିକ ୨୪ଘଣ୍ଟା ପାଇଁ ଅଚଳ କରିଦିଆଯାଇଛି। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ପ୍ଲାଟୁନ୍ ପୁଲିସ ଫୋର୍ସ ସହରକୁ ଜଗି ରହିଛନ୍ତି। ବିଶେଷଃ କରି ଦରଘାବଜାର ଥାନା, ମଙ୍ଗଳାବାଗ ଥାନା, ଲାଲବାଗ ଥାନା, ପୁରୀଘାଟ ଥାନା, ବିଡ଼ାନାସୀ ଥାନା,ମର୍କତନଗର ଥାନା, ସିଡିଏ ଫେଜ୍-୨ଥାନା, କ୍ୟାଣ୍ଟନ୍‌ମେଣ୍ଟ ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନା, ୪୨ମୌଜା ଥାନା ଏବଂ ସଦର ଥାନା ଅଞ୍ଚଳକୁ କମିଶନରେଟ୍ ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖିଛି। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ମୋଟ୍ ୩ଟି ମାମଲା ରୁଜୁ କରିବା ସହ ୮ଜଣଙ୍କୁ ଗିରଫ କରିଛି। ମୋଟ୍ ୧୩ଟି ଥାନା ଅଞ୍ଚଳରୁ ୩୦୦ରୁ ଅଧିକ କର୍ଫ୍ୟୁ ଆଇନ ଉଲ୍ଲଙ୍ଘନକାରୀଙ୍କୁ ପୁଲିସ ଅଟକ ରଖିଛି। ତେବେ କର୍ଫ୍ୟୁର ବାକି ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଉପଦ୍ରବକାରୀ ଆଇନକୁ ହାତକୁ ନନେବାକୁ ପୁଲିସ କମିଶନର ଶ୍ରୀ ସିଂ କଡ଼ା ଚେତାବନୀ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଲାଗୁ ହୋଇଥିବା ସାନ୍ଧ୍ୟା ଆଇନକୁ ଉଲ୍ଲଙ୍ଘନ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଶ୍ରୀ ସିଂ କହିଛନ୍ତି।

ସୂଚନା ଅନୁସାରେ, ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ଦିଆଯାଇଥିଲା। ସଂଘବଦ୍ଧ ଭାବେ ସହର ମଧ୍ୟକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳିନଥିଲା। କେବଳ ଜରୁରୀ କାଳୀନ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା। ଆଜି ପୁଣି ଥରେ କମିଶନରେଟ୍ ପୁଲିସ ଓ ଅର୍ଦ୍ଧ ସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଝୋଲାସାହି, କାଠଗଡ଼ା ସାହି ପରିକ୍ରମା କରି ଦରଘା ବଜାର ଥାନା ନକଟରେ ଶେଷ ହୋଇଥିଲା। ଥାନାୱାରୀ ଆଇଆଇସିମାନେ ୨ଟି ସ୍କ୍ୱାର୍ଡ ସହିତ ନିଜ ନିଜ ଅଞ୍ଚଳରେ ସ୍ୱତନ୍ତ୍ର ପାଟ୍ରୋଲିଂ କରିଥିଲେ। ପ୍ରମୁଖ ଛକ, ଗଳି ଏବଂ ମୁଖ୍ୟ ରାସ୍ତା ଗୁଡ଼ିକରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା। ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଞ୍ଚଳରେ ପୂର୍ବାହ୍ଣରେ କେତେକ ଉପଦ୍ରବକାରୀ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନେକ ଅମାନିଆକୁ ମାଡ଼ ମାରି ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଜନଜୀବନ କଲବଲ...

ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋଚାର ବନ୍ଦ ରହିଥିଲା। ସେହିପରି ବ୍ୟାଙ୍କ୍‌ଗୁଡ଼ିକରେ ଅନଲାଇନ୍ ସେବା ବନ୍ଦ ହୋଇଯିବାରୁ ଚେକ୍ ଦେଣନେଣ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ବନ୍ଦ ହୋଇଯାଇଥିଲା। ବୀମା କାରବାରରେ ମଧ୍ୟ ସମସ୍ୟା ପରିଲକ୍ଷିତ ହୋଇଥିଲା।

ସହରରେ ପରିବହନ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସିଏନ୍‌ବିଟିରେ ଶହଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରି ରହିଥିଲେ। ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇପଡ଼ିଥିବା ବେଳେ ଖୁବ୍ କମ୍ ବସ୍ ଚଳାଚଳ କରିଥିଲା। କେତେକ ବସ୍ ମାଲିକ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍‌ଗୁଡ଼ିକ ଯାତାୟାତ ପାଇଁ ବନ୍ଦ କରିଥିଲେ। ଫଳରେ ଯାତ୍ରୀମାନେ ହଟହଟା ହୋଇଥିଲେ। ସେହିପରି ସହରରେ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ରେଳଷ୍ଟେସନ୍ ଓ ସିଏନ୍‌ବିଟି ବାହାରେ ଭିଡ଼ ଜମାଇଥିଲେ। ପୁଲିସ ଅଟୋ ଚାଳକଙ୍କୁ ଘଉଡ଼ାଇବାରୁ ମେଡିକାଲ ଭଳି ଜରୁରୀକାଳୀନ ସେବା ପାଇବାରୁ ରୋଗୀ ଓ ସମ୍ପର୍କୀୟ ବଞ୍ଚିତ ହୋଇଥିଲେ। ସେହିପରି, କର୍ଫ୍ୟୁ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ହ୍ରାସ ପାଇଥିଲା। ସହରରେ ବିଭିନ୍ନ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୂଚନାଯୋଗ୍ୟ,ପୂର୍ବରୁ ସହରରେ ଇଣ୍ଟରନେଟ୍ ସେବାକୁ ୨୪ଘଣ୍ଟା ପାଇଁ ବନ୍ଦ ରଖାଯାଇଥିବା ବେଳେ ଆଜି ପୁଣି ଏହି ଅବଧିକୁ ୨୪ଘଣ୍ଟା ବଢ଼ାଇ ଦିଆଯାଇଛି।

### ସିଜେଆଇଙ୍କୁ ଜୋତା...

ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ଓକିଲଙ୍କୁ ତୁରନ୍ତ କାବୁ କରି ନେଇ ତାଙ୍କୁ ବାହରକୁ ନେଇଯାଇଥିଲେ। ସନାତନ ଧର୍ମର ଅପମାନ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ଲୋଗାନ ଦେଉଥିବା ଶୁଣିବାକୁ ମିଳିଥିଲା। ତେବେ ପ୍ରଧାନ ବିଚାରପତି ଉପସ୍ଥିତ ଓକିଲଙ୍କୁ ଯୁକ୍ତି ଉପସ୍ଥାପନ ଜାରି ରଖିବାକୁ କହିଥିଲେ। ଏଭଳି ଘଟଣାରେ ବିଚଳିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ।। ମୁଁ ମଧ୍ୟ ଏଥିରେ ଆଦୌ ବିଚଳିତ ନୁହଁ ବୋଲି ସେ କହିଥିଲେ।

ଏହାପରେ ଉକ୍ତ ଓକିଲଙ୍କୁ ପୁଲିସ ଥାନା ନେଇ ତିନି ଘଣ୍ଟା ଧରି ପଚରାଉଚରା କରିଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଉଡ଼ି ଦିଆଯାଇଛି। ଅନ୍ୟପକ୍ଷରେ ବାର କାଉନସିଲ ତାଙ୍କର ଲାଇସେନ୍ସକୁ ରଦ୍ଦ କରିଛି। ଏଭଳି ଆକ୍ରମଣ ଘଟଣାର ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ଜଷ୍ଟିସ ଗଭାଇଙ୍କୁ ଫୋନ୍ କରି ଉଦ୍‌ବେଗ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଏହି ଘଟଣା ପ୍ରତ୍ୟେକଟି ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଏହାର ନିନ୍ଦା କରି ଏହାକୁ ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି କହିଛନ୍ତି। ସମସ୍ତେ ଏକାଠି ହୋଇ ଏହାର ନିନ୍ଦା କରିବା ଉଚିତ।

ଉଲ୍ଲେଖଥାଉ କି, ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ୭ ଫୁଟ ଉଚ୍ଚର ମୂର୍ତ୍ତିର ପୁନଃସ୍ଥାପନ ନେଇ ଦେଇଥିବା ମନ୍ତବ୍ୟରେ ଓକିଲ ଜଣକ ଅସନ୍ତୁଷ୍ଟ ଥିଲେ। ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତିର ପୁନଃସ୍ଥାପନ ନେଇ ହୋଇଥିବା ଆବେଦନକୁ ସେ ଖାରଜ କରି ଆବେଦନକାରୀଙ୍କୁ କହିଥିଲେ ଯେ, ଯାଅ ଭଗବାନଙ୍କୁ କୁହ ସେ ନିଜ ମୂର୍ତ୍ତି ନିଜେ ଠିକ୍ କରନ୍ତୁ। କେବଳ ପ୍ରଚାର ପାଇଁ ଏଭଳି ଆବେଦନ କରନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରୋଲିଂ ହେବାରୁ ଜଷ୍ଟିସ ଗଭାଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ କଦର୍ଥ କରାଯାଇଛି। ମୁଁ ସବୁ ଧର୍ମକୁ ସମ୍ମାନ କରେ ବୋଲି ସେ କହିଥିଲେ। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ଅତିରଞ୍ଜିତ କରାଯାଇଥିଲା ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କହିଥିଲେ।

## AFFIDAVIT

I, Dinesh Kumar S/o Ramhet Prasad Tripathi, Resident of At-Qtr No B2, Jindal Nagar, Chhendipada Road, Nisha, Angul, PIN-759111, Odisha declare by this affidavit No.1832 dtd 06.10.2025 that now onwards I shall be known as **DINESH KUMAR TRIPATHI** for all future purposes.

## AFFIDAVIT

By Virtue of an affidavit before Executive Magistrate, Angul. **I, Manas Ranjan Pahadasingh,** S/o.: Late Manamohan Pahadasingh, Permanent & Current Address At/PO: Nuahata, P.S.: Banarpal, Dist: Angul (Odisha)-759128, have changed my minor Daughter's name from Saipriyanshi Pahadsingh to **Sushree Saipriyanshi Pahadsingh.** Henceforth she will be known as **Sushree Saipriyanshi Pahadsingh** for all purposes.

## NOTICE

By virtue of an affidavit sworn before The Notary Public, Sunabeda dated 03/10/2025 I, Smt. Amarabati Hantal, D/o- Balaram Hantal, Vill.- Kularsing, PO.- Kularsing, PS.- Padwa, District-Koraput declare that I have changed my name from **Amara Hantal** to **Amarabati Hantal**. Henceforth, I shall be known as **Amarabati Hantal** for all purposes.
Sd/- **Amarabati Hantal**

## NOTICE
(Above 18 years of age)

By Virtue of an Affidavit sworn before the Notary Public, Udala, Mayurbhnaj, dated 02.09.2025, I, Golapi Singh, Address At- Mahalibasa, Po-Chandrapur, Ps- Khunta, Dist-Mayurbhanj, Pin- 757075 declare that I have changed my name Solapi Simgh to Golapi Singh. Henceforth I shall be known as Golapi Singh for all purposes.
**Golapi Singh**

## AFFIDAVIT

By virtue of an affidavit (Sl No. 2413, date- 06/10/2025) before the Notary Public, Kantabanji. I, **Kousar Bano,** W/o Abdul Hamid, resident of Shivaji Nagar, Kantabanji, PO/PS- Kantabanji, Dist-Balangir, PIN- 767039, Odisha declare that, the name **Kousar Bano, W/o- Abdul Hamid** and **Kaushar Bano, W/o- Abdul Hamid Khan** is one and same lady who is related to me only.

## AFFIDAVIT

By virtue of an affidavit CF No.11, dtd. 16.09.2025 before the Executive Magistrate Bhubaneswar, I, Mita Nayak, W/o- Laxmidhar Nayak, At-Bayababa Basti, PO- Bhoi Nagar, PS - Sahid Nagar, Bhubaneswar - 751022, Dist.- Khordha have changed my minor daughter's name from Sroswati Nayak to Nandini Nayak. Henceforth, she will be known as **Nandini Nayak** for all purposes.
**Sd/- Mita Nayak**

## AFFIDAVIT

By virtue of an affidavit before the Executive Magistrate, I, KM PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS-Saheednagar, Bhubaneswar, Dist – Khordha, Odisha, Pin – 751002, declare by this affidavit No. 15AA 274132 dated 22nd Sep 2025 that now onwards I shall be known as **PRABHAWATI SHARMA** for all future purposes.

## NOTICE

By virtue of an affidavit sworn before The Notary Public, Sunabeda dated 03/10/2025 I, Sri Paramananda Sisa, S/o- Bandhu Sisa, Vill.- Tansing, PO.- Kularsing, PS.- Padwa, District-Koraput declare that I have changed my sons name from **Kabuna Sisa** to **Babuni Sisa**. Henceforth, my son shall be known as **Babuni Sisa** for all purposes.
Sd/- **Paramananda Sisa**

## AFFIDAVIT

By virtue of an affidavit sworn before Notary Public, Bhubaneswar, on dated 06.10.2025 I, SK MOBARAK ALLI, S/o- Sk Ataulla, aged about 63 years, permanent resident of Merza Patti, PO: Gujidarada, PS: Bhadrak, Dist: Bhadrak - 756128, Odisha (Aadhaar No:8571 5012 7376), do hereby declare that I have changed my name from HAPIZ M.D MOBARAK ALLI to SK MOBARAK ALLI. Henceforth,I shall be known as **SK MOBARAK ALLI** for all purposes.
**Sd/- SK MOBARAK ALLI**

## AFFIDAVIT

I, **Mamata Rani Paikaray,** D/o: Jagabandhu Biswal, W/o- Bhaskar Chandra Paikaray resident of Vill: Baghamunda, P.O.: Nuagaon Badabhuin, P.S.: Brahmagiri, Dist.: Puri, Pin-752011, Odisha declare by this affidavit No. 6381, dated: 04.10.2025, that now onwards I shall be known as **Mamata Paikaray** for all future purposes.

# ପାଣି ଘେରରେ ସାହାବାଜିପୁର ଓ ଉଦୟପୁର ଗାଁ

ଭୋଗରାଇ, ୬।୧୦ (ସମିସ)



ଲଘୁଚାପଜନିତ ଲଗାଣ ବର୍ଷାରେ ଭୋଗରାଇ ବ୍ଲକ ଅନ୍ତର୍ଗତ ସାହାବାଜିପୁର ପଞ୍ଚାୟତର ଉଦୟପୁର ଓ ସାହାବାଜିପୁର ଗାଁ ପାଣି ଘେରରେ ରହିଛି। ଗ୍ରାମରେ ବର୍ଷାଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ବହୁଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ସୀମାନ୍ତ ଉଦୟପୁର ଓ ସାହାବାଜିପୁର ଗାଁର ଦୁଇଟି ୱାର୍ଡ ସମ୍ପୂର୍ଣ୍ଣ ଜଳରେ ବୁଡ଼ି ରହିଛି। ଗତ ୫ଦିନ ଧରି ଲଗାଣ ବର୍ଷାରେ ଉକ୍ତ ଦୁଇ ଗାଁ ଜଳବନ୍ଦୀରେ ରହିଥିଲା ବେଳେ ଲୋକେ ପାଣି ଘେରରେ ରହି ତହଲ ବିକଳ ହେଉଛନ୍ତି। ଖବର ପାଇ ସାହାବାଜିପୁର ସମିତି ସଭ୍ୟ ତରଣୀକାନ୍ତ ସେନାପତି ଗାଁରେ ପହଞ୍ଚି ଲୋକଙ୍କ ଦୁର୍ଦ୍ଦଶା ଦେଖି କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବରୁ ଉଦୟପୁର ଗାଁକୁ ପଞ୍ଚାୟତ ପକ୍ଷରୁ ମୋଟ ୬ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇ ୬ ନମ୍ବର ୱାର୍ଡରେ ପ୍ରାୟ ୧୦୦ ମିଟରର ଡ୍ରେନ ନିର୍ମାଣ ହୋଇଥିଲା। ମାତ୍ର ଉକ୍ତ ଡ୍ରେନ ଅତ୍ୟନ୍ତ ନିମ୍ନମାନର ହୋଇ ଥିବାରୁ କୌଣସି କାମରେ ଆସୁନାହିଁ ଏବଂ ଗାଁରେ ଆବଶ୍ୟକ ସ୍ଥାନରେ ଡ୍ରେନ ନିର୍ମାଣ ହୋଇନଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ମାତ୍ର ସାହାବାଜିପୁର ଗାଁର ୧,୨ ଓ ୩ନମ୍ବର ୱାର୍ଡ ପାଇଁ ପ୍ରାୟ ୧୦ଲକ୍ଷରୁ ଊ୦ଲକ୍ଷ ଟଙ୍କା ଡ୍ରେନେଜ ଜରିଆରେ ପାଣି ନିଷ୍କାସନ ପାଇଁ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା ବେଳେ ପ୍ରଶାସନର ଉଦାସୀନତା ଯୋଗୁଁ ତାହା ଦୀର୍ଘ ବର୍ଷ ଧରି ନିର୍ମାଣ ହୋଇ ପାରୁନି। ଗତ ସେପ୍ଟେମ୍ବର ମାସର ଦୁଇଥର ଓ ଚଳିତ ମାସ ୫ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷାରେ ଉକ୍ତ ଦୁଇଟି ଗାଁର ବହୁଲୋକ ପାଣିରେ କେତେକ ସାପ, ସରୀସୃପ ଓ ଜଳ ଜନ୍ତୁ ଦେଖି ଭୟରେ ଘର ଛାଡ଼ି ବାହାରେ ରହୁଛନ୍ତି। ଉଭୟ ସାହାବାଜିପୁର ଓ ଉଦୟପୁର ଗାଁରେ ୫୦୦ ପରିବାରର ଘର ପାଣି ଘେରରେ ରହିଥିଲା ବେଳେ ପ୍ରାୟ ୧୫୦୦ଶହରୁ ଅଧିକ ଲୋକ ଜଳ ବନ୍ଦୀରେ ରହିଥିବା ଖବର ମିଳିଛି। ପାଣି ଜମିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ମୁଖ୍ୟ ରାସ୍ତାରେ ପାଣି ରହିଥିବାରୁ

- ଡ୍ରେନ୍ ନ ଥିବାରୁ ନିଷ୍କାସନ ହୋଇ ପାରୁନି ପାଣି
- ୫୦୦ ପରିବାର ଜଳବନ୍ଦୀ

ନିକଟରେ ଥିବା ସାହାବାଜିପୁର ମଇ ବିଦ୍ୟାଳୟର ପିଲାମାନଙ୍କ ପାଠ ପଢ଼ାରେ ଡୋରି ଲାଗିଛି। ପାଠ ପଢ଼ିବାକୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ପାରୁ ନାହାନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଣି ଜମା ହୋଇ ଏଭଳି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି, ପାଣି ଜମି ରହିଥିବାରୁ ନଳକୂପ ଜଳ ଦୂଷିତ ହୋଇ ଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ପାଣି ନିଷ୍କାସନ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏବଂ ଡ୍ରେନ ନିର୍ମାଣ ହୋଇ ନଥିବାରୁ ବାରମ୍ବାର ଏଭଳି ସମସ୍ୟାରେ ଲୋକମାନେ ପଡୁଥିବା ନେଇ ଉଦୟପୁର ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ପ୍ରମୋଦ ବେହେରା, ପ୍ରଦୀପ ବେହେରା, ଅମୂଲ୍ୟ ବେହେରା, ସାହାବାଜିପୁର ଗାଁର ମୁଖିଆ ନାରାୟଣ ଚନ୍ଦ୍ର ସାହୁ, ସୁବଳ ସାମଲ, ହରେକୃଷ୍ଣ ପ୍ରଧାନ, କାର୍ତ୍ତିକ ସାମଲ, ରାଧାଶ୍ୟାମ ଦଳପତି, ବେନୁ ପ୍ରଧାନ, ବାବୁଲା ଦାସ, ସମାଜସେବୀ ସଂଘର ସଭାପତି ବ୍ରଜକିଶୋର ସାମଲ, ଗୌରହରି ପଟ୍ଟାୟତ ପ୍ରମୁଖ ଗ୍ରାମବାସୀ ପ୍ରକାଶ ସହିତ ପ୍ରଶାସନ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ସମିତି ସଭ୍ୟ ତରଣୀକାନ୍ତ ସେନାପତି ଗ୍ରାମବାସୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନରେ ଆସି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇ ଯାଇଛନ୍ତି।

## ଜଳେଶ୍ୱରରେ କୁମାର ପୂର୍ଣ୍ଣିମା ପାଳିତ

ଜଳେଶ୍ୱର, ୬। ୧୦ (ସମିସ): ଆଶ୍ୱିନ ମାସର ଦେବୀ ପକ୍ଷରେ ଦଶହରା ପର୍ବ ପାଳନ ପରେ ଆସୁଥିବା ପୂର୍ଣ୍ଣିମା କୁମାର କୁମାରୀଙ୍କ ପୂର୍ଣ୍ଣିମା ବୋଲି ପାଳନ କରାଯାଇଥାଏ। କୁମାରୀ କନ୍ୟାମାନେ ମାସ ସାରା ଜହ୍ନି ଓଷା ବ୍ରତ ପାଳନ କରିଥାନ୍ତି। ଏହି ପୂର୍ଣ୍ଣିମା ଦିନ ପର୍ବର ଶେଷ ଦିନ ହୋଇଥାଏ। କୁମାର କୁମାରୀ ମାନେ ନବ ବସ୍ତ୍ର ପରିଧାନ କରି ପୂର୍ଣ୍ଣିମା ଜହ୍ନକୁ ପୂଜାର୍ଚ୍ଚନା କରିବା ସହିତ ଖଇ ଭୋଗ ଅର୍ପଣ କରି କୁମାର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ ଗୀତର ତାଳେ ତାଳେ ନାଚିବା ସହିତ ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ବର ପ୍ରାପ୍ତୀର ମନସ୍କାମନା କରିଥାନ୍ତି। ତେଣୁ ଆଜି ଘରେ ଘରେ ଏହି କୁମାରୀଙ୍କ ପୂର୍ଣ୍ଣିମା ଉତ୍ସବ ପାଳନ କରୁଥିବାର ଦେଖିବାକୁ ମିଳିଛି।



## ବେଆଇନ ବାଣ ଦୋକାନରେ ଚଢ଼ଉ

ଚନ୍ଦନେଶ୍ୱର, ୬।୧୦ (ସମିସ): ଏବେ ପାର୍ବଣ ଋତୁ ସହିତ ଆଗକୁ କାଳୀ ପୂଜା ଥିବାରୁ ଏବେଠାରୁ ଚନ୍ଦନେଶ୍ୱର ବଜାରରେ ଥିବା ବାଣ ଦୋକାନରେ ବାଣ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଗତକାଲି ରବିବାର ରାତିରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ପୁଲିସ ବେଆଇନ ବାଣ ଦୋକାନ ଉପରେ ଚଢ଼ାଉ କରି ଜଣେ ବାଣ ବ୍ୟବସାୟୀ ଭୋଗରାଇ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗ୍ରାମର ସଞ୍ଜୟ ବେହେରା (୧୯)ଙ୍କୁ ଗିରଫ କରିବା ସହିତ ୪୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ବାଣ ଜବତ କରି ୯୨/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

## ମୋତିଆବିନ୍ଦୁ ଅପରେସନ ନାଁରେ ଠକେଇ

ସୋର, ୬।୧୦(ସମିସ): ସୋର ପୌର ପାଳିକା ଥାନା ଛକରେ ଥିବା ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ ଲୋକମାନଙ୍କୁ ମାଗଣା ମୋତିଆବିନ୍ଦୁ ଅପରେସନ କରିବାର ପ୍ରତିଶୃତି ଦେଇ ଆଣି ଅପରେସନ ସରିଲେ ହଜାର ହଜାର ଟଙ୍କା ଠକୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ ସୋର ବ୍ଲକ ନଟାପଡା ଗ୍ରାମର ବାସନ୍ତି ବେହେରା(୭୦)ଙ୍କର ଆଖିରେ ମୋତିଆବିନ୍ଦୁ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଗତ ୪ ତାରିଖରେ ଥାନା ଛକ ନିକଟରେ ଥିବା ଭୂମିକା ଚକ୍ଷୁ ଚିକିତ୍ସାଳୟରେ ମୋତିଆବିନ୍ଦୁ ଅପରେସନ ହୋଇଥିଲେ। କିନ୍ତୁ ଚିକିତ୍ସାଳୟ ପକ୍ଷରୁ ବାସନ୍ତୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଅପରେସନ ପରେ ତାଙ୍କ ଆୟୁଷ୍ମାନ କାର୍ଡରୁ ପ୍ରଥମେ ୮ ହଜାର ୩ ଶହ ଟଙ୍କା ଚିକିତ୍ସା ପାଇଁ କଟିଥିଲା ପରେ ପୁନଶ୍ଚ ୨୭ ହଜାର ୪ ଶହ ଟଙ୍କା କଟିଥିବାର ମେସେଜ ପାଇ କେଉଁ କାରଣରୁ ଟଙ୍କା କଟିଲା ସେ ବାବଦରେ ଜାଣିବାକୁ ବାସନ୍ତିଙ୍କ ନାତି ରଜତ ବେହେରା ଚକ୍ଷୁ ଚିକିତ୍ସାଳୟକୁ ପଚାରିବା ସହିତ ବିଲ ମାଗିବାରୁ ସେମାନେ ବିଲ ଦେବାକୁ ମନା କରିଥିଲେ। ଏଥି ସହିତ କାର୍ଡ ଦାୟିତ୍ୱରେ ଥିବା ଜିଲ୍ଲା ସଂଯୋଜକ ଏବଂ ସିଡିଏମଓଙ୍କୁ ଏବାବଦରେ ପଚାରିବାକୁ କହିଥିଲେ। ଫଳରେ ସେ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଭୂମିକା ଚକ୍ଷୁ ଚିକିତ୍ସାଳୟର ପରିଚାଳକ ଦିପ୍ତିରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ଚିକିତ୍ସା ପାଇଁ ୮ ହଜାର ୩ ଶହ ଟଙ୍କା କଟିଛି ବାକି ଟଙ୍କା ଭୁଲ ବଶତଃ କଟିଛି ଯାହା ତାଙ୍କୁ ରିଫଣ୍ଡ ହୋଇଯିବ ବୋଲି କହିଥିଲେ। ଜଣେ ସଚେତନ ନାଗରିକ ହିସାବରେ ରଜତ ପ୍ରଶ୍ନ କରିବାରୁ ଏମିତି ଘଟଣା ସାମ୍ନାକୁ ଆସିଥିଲା। କିନ୍ତୁ ଏହି ଚିକିତ୍ସାଳୟ ଗ୍ରାମାଞ୍ଚଳର ଲୋକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାର ପ୍ରତିଶୃତି ଦେଇ ଚିକିତ୍ସାଳୟକୁ ଆଣୁଛନ୍ତି। ପରେ ଚିକିତ୍ସା ସମୟରେ ସେମାନଙ୍କ ନିକଟରୁ ଆଧାର କାର୍ଡ, ଆୟୁଷ୍ମାନ କାର୍ଡ ନେଇ ଟଙ୍କା ଲୁଟୁଥିବା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ। ତେବେ ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

## ବାଲି ଉତ୍ତୋଳନକୁ ନେଇ ଗ୍ରାମମୁଖ୍ୟଙ୍କୁ ହତ୍ୟା ଧମକ

ଜଳେଶ୍ୱର, ୬ । ୧୦ (ସମିସ): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣକୁ ନେଇ ନଦୀକୂଳ ଗ୍ରାମ ଗୁଡିକରେ ବିଭିନ୍ନ ଅଶାନ୍ତି ଲାଗି ରହିଥିବା ବେଳେ ଗତ କାଲି ଚାଳନ୍ତି ଗ୍ରାମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ତା ପରେ ମଧ୍ୟ ଆଜି ଉକ୍ତ ଚାଳନ୍ତି ଗ୍ରାମରେ ଦୁର୍ଗାପୂଜାକୁ ନେଇ ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗ୍ରାମର ନାରାୟଣ ଗିରି ନାମକ ଯୁବକ ଏକ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରାଇବା ସହିତ ଗ୍ରାମର ମୁଖ୍ୟ ସୁଧୀର ଦେଙ୍କୁ ହତ୍ୟା ଧମକ ଦେଇଥିଲେ। ତାଙ୍କ ସହିତ ତାଙ୍କର ନାରାୟଣଙ୍କ ସ୍ତ୍ରୀ ଓ ତାଙ୍କର ମାଆ ମଧ୍ୟ ମାରଣାସ୍ତ୍ର ଧରି ଆସିଥିଲେ। ଫଳରେ ପ୍ରସାଦ ସେବନ ପାଇଁ ବସିଥିବା ଲୋକମାନେ ଭୟଭୀତ ହୋଇ ପଳାଇଥିଲେ। ଉପସ୍ଥିତ ଗ୍ରାମବାସୀ ନାରାୟଣଙ୍କୁ କାବୁ କରି ମାରଣାସ୍ତ୍ର ଛଡାଇବା ସହିତ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଂଚି ନାରାୟଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏଥିନେଇ ଜଳେଶ୍ୱର ଥାନାରେ ହତ୍ୟା ଧମକକୁ ନେଇ ଅଭିଯୋଗ ହୋଇଛି।

## ମାରଣାସ୍ତ୍ର ଦେଖାଇ ବାଇକ ଲୁଟ୍

ରାଜଘାଟ, ୬।୧୦ (ସମିସ): ବସ୍ତା ଥାନା ବରୁଣଗଡ଼ିଆ ଗ୍ରାମର ଜୈନିକ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତ ବାଇକ ଲୁଟ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବରୁଣଗଡ଼ିଆ ଗ୍ରାମର ହେମନ୍ତ ମୁର୍ମୁ(୪୦) ଓ ତାଙ୍କ ଶଳା ଅଜୟ କୁମାର ମାର୍ଣ୍ଡି ଗତକାଲି ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୁଷାମାରୀ ଗ୍ରାମକୁ ଯାତ୍ରା ଦେଖିବା ଲାଗି ବାଇକ ଯୋଗେ ଯାଇଥିଲେ। ମଧ୍ୟରାତ୍ରୀ ସମୟରେ ଦୁହେଁ ଘରକୁ ଫେରୁଥିବା ସମୟରେ ପଛରୁ ପାଖା ପାଖି ୬ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ରାସଗୋବିନ୍ଦପୁର-ଅମର୍ଦ୍ଦାରୋ? ମୁଖ୍ୟ ରାସ୍ତାର ଆମ୍ବଡ଼ିହା ଛକ ନିକଟରେ ତାଙ୍କୁ ଅଟକାଇ ଦୁର୍ବୃତ୍ତ ମାନେ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଆଦି ଦେଖାଇ ହେମନ୍ତଙ୍କ ବାଇକକୁ ନେଇ ଫେରାର୍ ମାରିଥିଲେ। ଘଟଣା ସମ୍ପର୍କରେ ହେମନ୍ତ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଘଟଣାର ତଦନ୍ତ ଚଳାଇଛନ୍ତି।

## ଭୋଗରାଇ କଂଗ୍ରେସ ପକ୍ଷରୁ ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଭୋଗରାଇ, ୬।୧୦ (ସମିସ) : ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସର ନୂତନ ସଭାପତି ଭାବେ ସତ୍ୟଶିବ ଦାସଙ୍କୁ ଆଜି ଭୋଗରାଇ ନିର୍ବାଚନ ମଣ୍ଡଳୀ ବଡ଼ମନ୍ଦାରୁଣି ଠାରୁ ଶହ ଶହ ସଂଖ୍ୟାକ କଂଗ୍ରେସ ପ୍ରେମୀମାନେ ବାଇକ୍ ଯୋଗେ ପାଛୋଟି ନେଇଥିଲେ। ପ୍ରଥମେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଥିବା ପୂର୍ବତନ ସାଂସଦ କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ନୂତନ ଜିଲ୍ଲା ସଭାପତି ଶ୍ରୀ ଦାସ ମାଲ୍ୟାର୍ପଣ କରିଥିଲେ। ପରେ ଦେହୁର୍ଦ୍ଦା ପଞ୍ଚାୟତର ଥାନାଛକ ମାଛ ମାର୍କେଟ ଠାରେ ଥିବା କମ୍ୟୁନିଟି ସେଣ୍ଟର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୩ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସଭାରେ ଶହ ଶହ ସଂଖ୍ୟକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା; ଚୌକି ବଜାର ଓ ଦେଉଳାହାଟ ଉତ୍ସବମୁଖର



ଭୋଗରାଇ, ୬।୧୦ (ସମିସ): ଭୋଗରାଇ ବ୍ଲକ କୁମ୍ଭାରମୂଳି ପଞ୍ଚାୟତ ଚୌକି ବଜାରରେ ଗଜଲକ୍ଷ୍ମୀ ପୂଜା ୪୯ ବର୍ଷରେ ପଦାର୍ପଣ କରିଛି। ଚୌକି ବଜାରରେ ଥିବା ସମସ୍ତ ବ୍ୟବସାୟୀ ତଥା ପାର୍ଶ୍ୱବର୍ତ୍ତୀ ବିଭିନ୍ନ ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ମାଳାରେ ଝଲସୁଛି ପୂଜା ମଣ୍ଡପ। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ରଞ୍ଜନ କୁମାର ଜେନା, ସମ୍ପାଦକ ରମାନାଥ ପଣ୍ଡା, ସନ୍ତୋଷ ମହାନ୍ତି, ଅଶୋକ ପଣ୍ଡା, ସୁଶାନ୍ତ ଜେନା, ରଘୁନାଥ ବାରିକ, ପ୍ରାଣକୃଷ୍ଣ ମହାନ୍ତି, ଚୈତନ୍ୟ ଆଧେକ, ଗୁଣାଧର ଆଧେକ, ଦୁଲା ମହାନ୍ତି, ରଘୁ ପଣ୍ଡା, ରାମକୃଷ୍ଣ ପରିଡ଼ା, ଝଡ଼ି ମହାନ୍ତି, ଅଜିତ ପଣ୍ଡା, ରାମକୃଷ୍ଣ ପଣ୍ଡା, ଲବକାନ୍ତ ପ୍ରଧାନ, ଶଙ୍କର ଆଧେକ, କାର୍ତ୍ତିକ ତ୍ରିପାଠୀ, ସଞ୍ଜୀବ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜୀବନ କୃଷ୍ଣ ମହାନ୍ତି, ଜଗୁ ପଣ୍ଡା, ବିଜୟ ଜେନା ପ୍ରମୁଖ ପରିଚାଳନାରେ କରିଥିଲେ। ସେହିପରି ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ଥିବା ଦେଉଳାହାଟରେ ଗଜଲକ୍ଷ୍ମୀ ପୂଜା ନେଇ ଉତ୍ସବମୁଖର ହୋଇଉଠିଛି ସମଗ୍ର ଅଞ୍ଚଳ। ଏହି ପୂଜାକୁ ୪୫ ବର୍ଷ ପୂରିଥିଲା ବେଳେ ଚଳିତ ବର୍ଷ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଦସ୍ୟ ଶ୍ରୀକାନ୍ତ ପାତ୍ର, ବଂଶୀଧର ସାହୁ, ସନ୍ଦୀପ ଦାସ, ମଧୁସୂଦନ ମହାନ୍ତି, ରାଜେନ୍ଦ୍ର ସାହୁ, ଚନ୍ଦ୍ରଶେଖର ମାହାନା, ଈଶ୍ୱର ଜେନା, ସୀତାରାମ ସାହୁ, ଅଜୟ ପାଳ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଖଇରାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କୁ ଆରାଧନା



ଖଇରା, ୬ ।୧୦ (ସମିସ): ଖଇରା ବ୍ଲକର ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଧୁମଧାମରେ ଆରମ୍ଭ ହୋଇଛି। ଖଇରା ପଞ୍ଚାୟତ ଅଧିନ ମା ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୁଲ୍ୟରେ ଆୟୋଜିତ ପୂଜା ଜାକଜମକରେ ଆରମ୍ଭ ହୋଇଛି। ପ୍ରଶାନ୍ତ କୁମାର ଜେନା, ମାନସ ପ୍ରଧାନ ଓ ରବିନାରାୟଣ ଦାସଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନଦାତ୍ରୀଙ୍କୁ ଆବାହାନ କରାଯିବା ପରେ ହୋମାଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ସଦସ୍ୟ ବିରଞ୍ଚି ନାରାୟଣ ଦାସ, କମଳେଶ ପ୍ରଧାନ, ଗୋପିନାଥ ମହାନ୍ତି, ବସନ୍ତ କୁମାର ପ୍ରଧାନ, ରଘୁନାଥ ମୁଖି, ଉମାକାନ୍ତ ମହାନ୍ତି, କୈଳାସ ଜେନା, ନରହରି ଗିରି, ଅଜୟ ଜେନା, ଉପେନ୍ଦ୍ର ପ୍ରଧାନ, ଉଦୟ ପଣ୍ଡା, ଅନ୍ତର୍ଯ୍ୟାମୀ ଜେନା, ଅନାମ ସାହୁ ପ୍ରମୁଖଙ୍କ ତତ୍ୱାବଧନାରେ ପୂଜା ଆରମ୍ଭ ହୋଇଛି। ପୂଜା ୩ଦିନ ଧରି ଚାଲିବା ସହ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମୁଖ୍ୟ ପରିଚାଳକ ଉମେଶ କୁମାର ଜେନା କହିଛନ୍ତି। ସେହିଭଳି ଖଇରା ବଜାର ଆଳଦା ଛକ, ଫଗୁଣା, ମାହାରା ସାହି, ସାରକୋଣା, ସାରୁଗାଁ, ପତିରାଜପୁର, କାକୁଡିଆ, ସମ୍ପେଇ, କିଶୋର ନଗର, ଭୁଗୁପୁର, ତୋଟାପଡା ଇତ୍ୟାଦି ଗ୍ରାମରେ ମା ପଦ୍ମାଳୟାଙ୍କ ପୂଜା ଆରମ୍ଭ ହୋଇଛି।

## ନାଗରିକ ମଞ୍ଚ ସମୀକ୍ଷା ବୈଠକ
## ମ୍ୟୁନିସିପାଲିଟିରେ ସ୍ଥାୟୀ ଜଳ ନିଷ୍କାସନ ଦାବି



ସୋର, ୬।୧୦(ସମିସ): ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ମଞ୍ଚର ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟ କାରିତା ଉପରେ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ସୂଚନା ଦେଇ ପ୍ରକାଶ କରିଥିଲେ ଯେ ସୋର ରେଳ ଷ୍ଟେସନର ବହୁବିଧ ସମସ୍ୟା ସହ ଦୂରଗାମୀ ଟ୍ରେନ ରହଣି, ଦ୍ୱିତୀୟ ପାଦଚଲା ବ୍ରିଜ, କୋଚ ଇଣ୍ଡିକେଟର ପ୍ରଭୃତି ଦାବି ପୂରଣ ଉପରେ ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ସହକାରୀ ପ୍ରବନ୍ଧକ ବାଣିଜ୍ୟ ଏବଂ ଇନସ୍ପେକଟର ବାଣିଜ୍ୟଙ୍କ ସହିତ ନାଗରିକ ମଞ୍ଚର ପ୍ରତିନିଧି ମାନଙ୍କ ସହିତ ଗତ ୧୭ ତାରିଖରେ ଫଳପ୍ରଦ ଆଲୋଚନା ଓ ଲିଖିତ ପ୍ରତଶୃତି ପରେ ଗତ ୨୩ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିଲା। ସୋରରେ ନୂତନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଫିସ ନିର୍ମାଣ ଓ ପୁରୁଣା ଅଫିସକୁ ସ୍ଥାନାନ୍ତରିତ ଦାବିକୁ ଅଧିକ୍ଷଣ ଯନ୍ତ୍ରି ଅନୁଧ୍ୟାନ କରିବାକୁ ଲିଖିତ ପ୍ରତିଶୃତି ଦେଇଛନ୍ତି ବୋଲି ସୂଚନା ଦେଇଥିଲେ। ଉପଦେଷ୍ଟା ଦାମୋଦର ଦାଶମହାପାତ୍ର ପ୍ରକାଶ କରିଥିଲେ, ଫକୀର ମୋହନ ୟୁନିଭରସିଟିରେ ରାଧାନାଥ ରାୟଙ୍କ ନାମରେ ଚେୟାର ପ୍ରତିଷ୍ଠା ଦାବିକୁ ବିଶ୍ୱବିଦ୍ୟାଳୟର କୁଳପତି ସୁପାରିଶ ନକରିବା ଯୋଗୁଁ ରାଜ୍ୟ ସରକାର ଗୁରୁତ୍ୱ ନଦେବା ପରିତାପର ବିଷୟ। ଏଦିଗରେ ମଞ୍ଚ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ସୋର ପୌର ପାଳିକାର ଅସାବଧାନତା ପାଇଁ ବର୍ଷାଦିନରେ ବିଭିନ୍ନ ୱା?ରୁ ଜଳ ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମିରହୁଛି। ଏଦିଗରେ ସ୍ଥାୟୀ ପ୍ରତିକାର କରାଯିବାକୁ ଏହି ବୈଠକରେ ଦାବୀ ହୋଇଛି। ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ମନୋଜ କୁମାର ରାୟ, ପଞ୍ଚାନନ ଶିଅଳ, ଜିତେନ୍ଦ୍ର କୁମାର ବେହେର, ବାସୁକୃଷ୍ଣ ମହାପାତ୍ର, ନିତ୍ୟାନନ୍ଦ କର, ଶଶୀକାନ୍ତ ପଣ୍ଡା, ପ୍ରଦୀପ କୁମାର ଦାଶ, ପଙ୍କଜ ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କରୁଣାକର ପାଢ଼ୀ, ଅନନ୍ତ ଚରଣ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚରେ ନୂତନ ଭାବେ ଅବସର ପ୍ରାପ୍ତ ପ୍ରାଧାପକ ହରିହର ଦାସଙ୍କ ସଦସ୍ୟତାକୁ ଗ୍ରହଣ କରାଯାଇଥିଲା। କୋଷାଧକ୍ଷ ଅଦୈତ୍ୟକୁମାର କର ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଫୁଲ୍ଲ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଜେପି ନେତାଙ୍କ ମାତୃ ବିୟୋଗ

ଜଳେଶ୍ୱର, ୬।୧୦(ସମିସ) : ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ନାଥ ପଞ୍ଚାୟତ ବିରେଶ ପୁର ଗାଁର ଶେଫାଳୀ ପଟ୍ଟନାୟକ(୮୨)ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ବିଜେପି ନେତା ଶାନ୍ତନୁ ପଟ୍ଟନାୟକ, ଚିନ୍ମୟ ଦୁଲାଲ ପଟ୍ଟନାୟକ, କନ୍ୟା ତାମସା ପଟ୍ଟନାୟକ, ଜ୍ୟୋତିର୍ମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଜେପି ଜିଲ୍ଲା ସଭାପତି ଡ଼ା ପ୍ରଦୀପ ପଣ୍ଡା, ପ୍ରାକ୍ତନ ସଭାପତି ଉମାକାନ୍ତ ମହାପାତ୍ର, ବିଜେପି ନେତା ବ୍ରଜମୋହନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନଗରପାଳ ପ୍ରଦୀପ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

## ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ରାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର, ୬।୧୦(ସମିସ)




୩ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶାରୁ ୧୫୦ ରୁ ଅଧିକ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସ ଡବଲ୍ସ ବର୍ଗର ଇଭେଣ୍ଟ ଖେଳାଯାଇଥିଲା। ମହିଳା ସିଙ୍ଗଲ୍ସରେ ଖୋର୍ଦ୍ଧାର ହର୍ଷିତା ରାଉତ ୨୧/୧୪ ଏବଂ ୨୧/୧୨ ପଏଣ୍ଟ ସହିତ ସମ୍ବଲପୁରର ଟୁମି ବାଗଚୀଙ୍କୁ ପରାସ୍ତ କରିଛନ୍ତି। ମହିଳା ହର୍ଷିତା ରାଉତ୍ (ଖୋର୍ଦ୍ଧା) ଏବଂ ପୁରବା ପ୍ରତୀଶା (ସମ୍ବଲପୁର) ଯୋଡି ୨୧/୮ ଏବଂ ୨୧/୧୩ ପଏଣ୍ଟ ସହ ଖୋର୍ଦ୍ଧାର ଇପ୍ସିତା ମହାନ୍ତି ଏବଂ ନିଶିତା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ଆୟୁଷ ଦାସ (ଆଙ୍ଗୁଲ) ଏବଂ ପୁରବା (ସମ୍ବଲପୁର) ଯୋଡି ତନମୟ କୁମାର ସାହୁ (ଆଙ୍ଗୁଲ) ଏବଂ ହର୍ଷିତା ରାଉତ (ଖୋର୍ଦ୍ଧା) ଯୋଡିକୁ ୨୧/୧୨ ଏବଂ ୨୧/୧୩ ପଏଣ୍ଟ ସହିତ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଅଭିଜିତ୍ ମୋହରାନା (ଖୋର୍ଦ୍ଧା) ଏବଂ ତନମୟ କୁମାର ସାହୁ (ଅଙ୍ଗୁଲ) ଯୋଡି ୨୧/୧୬ ଏବଂ ୨୧/୧୫ ପଏଣ୍ଟ ସହ ବଲାଙ୍ଗୀରର ମନଭଜନ ନାୟକ ଏବଂ ପ୍ରତୀକ ସିଙ୍ଗଡୋଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ଆମର ବାଲେଶ୍ୱର ଖେଳାଳି ଆର୍ଯ୍ୟ ମାଝୀ ୨୧/୧୧ ଏବଂ ୨୧/୧୫ ପଏଣ୍ଟ ସହିତ ସୁନ୍ଦରଗଡ଼ର ଶ୍ରେୟାଂଶ ପରିଡାଙ୍କ ବିପକ୍ଷରେ ଫାଇନାଲରେ ବିଜୟୀ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସବ୍ ଡିଭିଜନାଲ ପୁଲିସ୍ ଅଧିକାରୀ ସୁବ୍ରଶସୁ ନାୟକ ସମ୍ମାନିତ ଅତିଥି ଭାବରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମୀର କାନ୍ତ ଦାସ, ଜିଲ୍ଲା ବ୍ୟାଡମିଣ୍ଟନ ସଭାପତି ଚିନ୍ମୟ ବିଶାଳ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ମନୋରଞ୍ଜନ ପଣ୍ଡା, ମ୍ୟାଚ୍ ମୁଖ୍ୟ ରେଫରି ମନୋଜ ସାଓ୍ତ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ, ଅଲ୍ ଓଡ଼ିଶା ହୋଟେଲ୍ ଏବଂ ରେଷ୍ଟୁରାଣ୍ଟର ସଭାପତି ସରୋଜ କୁମାର ବନ୍ଦନୱାଲ, ଲାୟନ୍ସ କ୍ଲବ୍ ଅଫ୍ ସ୍ୟାଣ୍ଡ ସିଟିର ସଚିବ ଅୟାନ ସେନ୍, ଲାୟନ୍ସ କ୍ଲବ୍ ଅଫ୍ ସ୍ୟାଣ୍ଡ ସିଟିର ସଭାପତି ଦୀପକ ଖଣ୍ଡେଲୱାଲ ସୁଶାନ୍ତ ପଣ୍ଡା ନିର୍ଦ୍ଦେଶକ ଏଚ୍ ଆର୍ ସି ପରିବହନ, ସାଇରୁଲ ହକ୍ ସମାଜସେବୀ, ଦୀପକ ରୋନା ଏଲ୍ ଏନ୍ ଜୁଏଲାରୀର ମାଲିକ, ଶଶି ଭୂଷଣ ମିଶ୍ର ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ସଚିବ ଉପସ୍ଥିତ ଥିଲେ। ଫାଇନାଲିଷ୍ଟ ପ୍ରଥମ ଜିଲ୍ଲା ସଂଘକୁ ପୁରସ୍କାର ବଣ୍ଟନ କରିବା ପୂର୍ବରୁ ଏହି ମହାନ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରାୟୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା ହରି ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍, ଓଏସିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍, ଆଲାସୋର ଚାରିଟେବଲ୍ ଟ୍ରଷ୍ଟ, ହିମଗିରି ପାଇପ୍ସ, ଓରି ପ୍ଲାଷ୍ଟ, ମୋହାକୁଡ୍ ବ୍ରଦର୍ସ ଏବଂ ଆଗ୍ରୋ, ମନୋହରଲାଲ୍ ପାଲା ଜୁଏଲାରୀ, ନିଓ ପାଇପ୍ସ, ଇଣ୍ଡିଆନ୍ ତେଲ, ସ୍ନୋ ୱାର୍ଲ୍ଡ ମାରିନ୍, ବାଲେଶ୍ୱର ମେରାଇନ୍, ସଞ୍ଜୟ ହାଇଟ୍ସ, ୟୁକୋ ବ୍ୟାଙ୍କ। ପ୍ରାୟୋଜକମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ ମୁଖ୍ୟ ଅତିଥି ସମସ୍ତ ଇଭେଣ୍ଟର ସେମିଫାଇନାଲିଷ୍ଟ ଏବଂ ଫାଇନାଲିଷ୍ଟଙ୍କୁ ଟ୍ରଫି, ପୁରସ୍କାର ରାଶି ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମର ଅଧକ୍ଷ ସୁଜୟ ନାୟକଙ୍କ ଅଧୀନରେ ଏହି ପୁରା ବ୍ୟାଡମିଣ୍ଟନ୍ ର୍ୟାଙ୍କିଙ୍ଗ୍ ସମାପ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତୀରଜନ ମହାନ୍ତି, ରାଜୀବ ସାହୁ, ଭବାନୀ ବେହେରା, ଚିନ୍ମୟ ପଣ୍ଡା, ସରୋଜ, ବିଷ୍ଣୁ, ଆୟୁଷ୍ମାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଲକ୍ଷ୍ମୀପୂଜା ଓ କୁମାର ପୂର୍ଣ୍ଣିମା ପାଇଁ କେନ୍ଦୁଝର ଜିଲ୍ଲା ଉତ୍ସବମୁଖର

କେନ୍ଦୁଝର,୬।୧୦(ସମିସ)

ଧନଦାତ୍ରୀ ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏବଂ କୁମାରୀମାନଙ୍କର କୁମାରପୂର୍ଣ୍ଣିମା ପାଇଁ କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇଉଠିଛି। କେତେକ ସ୍ଥାନରେ ଏହି ଅବସରରେ ମେଳା, ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଖବର ମିଳିଛି। କେନ୍ଦୁଝର ସଦର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହେଉଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ

## ବିଭିନ୍ନ ସ୍ଥାନରେ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଭିନ୍ନ ପୂଜାମଣ୍ଡପ ଓ ମେଳା ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଗହଳି ପରିଲକ୍ଷିତ ହୋଇଛି। ପୂଜାକୁ ସରସସୁନ୍ଦର କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ସୋ', ମୀନାବଜାର, ନୃତ୍ୟ ପ୍ରତିଯୋଗିତା ଓ ଭଜନସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ପୂଜା ମାହୋଲକୁ ଅଧିକ ସରଗରମ କରୁଛି। କେତେକ ସ୍ଥାନରେ ସପ୍ତାହ ପର୍ଯ୍ୟନ୍ତ ଲକ୍ଷ୍ମୀପୂଜା ଓ ମେଳା ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟା ଆଳତି ସମୟରେ ମଣ୍ଡପ ଗୁଡିକରେ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଛି। ସୋମବାର ପୂଜାର ପ୍ରଥମ ଦିନ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ କମିନାହିଁ। ବିଭିନ୍ନ ପୂଜା କମିଟି ତରଫରୁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଛି। କେନ୍ଦୁଝର ସହରର କାଶୀପୁର, ମାଧପୁର, ମହାଲକ୍ଷ୍ମୀ କଲଚରାଲ ସେଣ୍ଟର, ନୂଆସାହି ମହାଲକ୍ଷ୍ମୀ ସାଂସ୍କୃତିକ ପୂଜା କମିଟି, ପୁରୁଣାବଜାର, ବଣିଆପାଟ ମା' ଲକ୍ଷ୍ମୀପୂଜା କମିଟି, ମହାଲକ୍ଷ୍ମୀ କଲଚରାଲ କ୍ଲବ କଲେଜରୋଡ, ବାଁପାର, ବଡହଳ ଲକ୍ଷ୍ମୀପୂଜା କମିଟି, ଧୋବାହିଡା, ଡେଲିମାର୍କେଟ, ନେତାଜୀ ଯୁବକ ସଂଘ ପବିତ୍ରହିଡା, ଶିବନାରାୟଣପୁର ସାହି, ବୁଲାବାରସାହି, ଲକ୍ଷ୍ମୀନାରାୟଣପୁରସାହି, ଆଟୋପୁର,ରଙ୍ଗପାସାହି, ବାରବରପୁର, ବୈଦ୍ୟନାଥସାହି, ରାଇସୁଆଁ, ପଦ୍ମପୁର, ପଳାଶପଙ୍ଗା ନିକଟସ୍ଥ ମୁରୁସୁଆଁ, ତୁରୁମୁଙ୍ଗା,ପାଟଣା, ଚମ୍ପୁଆ, ଯୋଡା ଆଦି ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ତରଫରୁ କଳସ ଶୋଭାଯାତ୍ରା କାର୍ଯ୍ୟ କରାଯାଇଥିବା ବେଳେ ରାଇସୁଆଁଠାରେ କଳସ ଶୋଭାଯାତ୍ରା ପୂଜା ମାହୋଲକୁ ସରଗରମ କରିଛି। ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା କାର୍ଯ୍ୟ ଶାସ୍ତ୍ରମତେ ଅନୁଷ୍ଠିତ ହେଉଥିବା ବେଳେ ସ୍ୱତନ୍ତ୍ର ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ସାଧାରଣ ଲୋକଙ୍କୁ ଆକର୍ଷିତ କରୁଛି। ପୁଲିସ ପ୍ରଶାସନ ତରଫରୁ ବିଭିନ୍ନ ମଣ୍ଡପ ଓ ମେଳାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅପରପକ୍ଷରେ ବିଭିନ୍ନ ସ୍ଥାନରେ ପବିତ୍ର କୁମାରପୂର୍ଣ୍ଣିମା କୁମାରୀମାନଙ୍କ ଦ୍ୱାରା ଶ୍ରଦ୍ଧାର ସହିତ ପାଳିତ ହୋଇଛି। କୁମାରୀମାନେ ଏହି ଅବସରରେ ତୁଳସୀ ଚଉରାକୁ ସୁନ୍ଦରଭାବେ ସଜାଇସଜି କରି କ୍ଷୀର, ଛେନା, ଦହି, ଖଇ ପ୍ରଭୃତି ପୂଜା ସାମଗ୍ରୀରେ ଚାନ୍ଦ ତିଆରି କରି ନିଜ ପାଇଁ ଭଲ ଜୀବନସାଥୀ ପାଇବାକୁ ଚନ୍ଦ୍ରଦେବଙ୍କୁ ବନ୍ଦାପନା କରିଛନ୍ତି। ତା'ପରେ ଚାନ୍ଦକୁ ନେଇ ପୋଖରୀରେ ବିସର୍ଜନ କରି ପୋଖରୀରୁ ବାଲି ଏବଂ ଗେଣ୍ଡା ଆଣି ତାକୁ ଘର ଉପରେ ଫିଙ୍ଗି କୁମାରୀମାନେ ସେମାନଙ୍କର ଭାଇମାନଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଛନ୍ତି। କୁମାରପୂର୍ଣ୍ଣିମା ଏବଂ ଗଜଲକ୍ଷ୍ମୀ ପୂଜାକୁ ନେଇ ସାରା କେନ୍ଦୁଝର ଉତ୍ସବମୁଖର ହୋଇପଡିଛି।





ଚମ୍ପୁଆ: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍‌ଏସି ଅଧୀନ ଶିବ ଜାଗର ପଡିଆ, ଧଳାଡିହି ଗୋଧୁଳି, ରାମଲା ଗାଁରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ଗୋଧୁଳି ମା' ଗଜଲକ୍ଷ୍ମୀ ପୂଜା ୫୭ ବର୍ଷରେ ପଦାର୍ପଣ କରିଥିବା ବେଳେ ଧଳାଡିହି ପୂଜା ୫୦ବର୍ଷ ଏବଂ ଶିବ ଜାଗର କମିଟିର ପୂଜା ୪୪ବର୍ଷରେ ପହଞ୍ଚିଛି। ସମସ୍ତ ପୂଜାମଣ୍ଡପ ପକ୍ଷରୁ ପ୍ରଥମେ ସ୍ଥାନୀୟ ବୈତରଣୀ ନଦୀରେ ପୂର୍ଣ୍ଣାର୍ଜନା ପରେ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇ ପୂଜାକର୍ମ ସମ୍ପନ୍ନ କରାଯାଇଥିଲା। ପୂଜାମଣ୍ଡପ ଗୁଡିକରେ ସୁନ୍ଦର ସାଜସଜ୍ଜା, ଆକର୍ଷଣୀୟ ତୋରଣ ସହ ରଙ୍ଗୀନ ଆଲୋକମାଳା ଲୋକଙ୍କ ମନକୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ଧଳାଡିହି ପୂଜା କମିଟି ତରଫରୁ ୩ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କମିଟି ତରଫରୁ ସୂଚନା ମିଳିଛି। ଧଳାଡିହି ଲକ୍ଷ୍ମୀ ପୂଜାରେ ପୂଜକ ଅଶୋକ କୁମାର ପଣ୍ଡା ପୂଜା କରୁଥିବା ବେଳେ ଲଳିତ କୁମାର ପଶଚନ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି ଗୋଧୁଳି ପୂଜା କମିଟି ତରଫରୁ ମଙ୍ଗଳବାର ଗ୍ରାମାଞ୍ଚଳର କୁନିକୁନି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ନାଚ ପ୍ରତିଯୋଗିତା ଓ ବୁଧବାର ଭଜନ ସନ୍ଧ୍ୟାର ଆୟୋଜନ କରାଯାଉଥିବା ସମ୍ପାଦକ ନରେନ୍ଦ୍ର ନାୟକ ସୂଚନା ଦେଇଛନ୍ତି।













**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ କୁମାରପୂର୍ଣ୍ଣିମା ଧୁମଧାମରେ ପାଳିତ ହୋଇଛି। ତୁଳସୀ ଚଉରାକୁ ଫୁଲ ଓ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦ୍ରକୁ ବନ୍ଦାପନା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଆନନ୍ଦପୁରଶ୍ରୀ ଦଧିବାମନ ଜୀଉ ମନ୍ଦିର ଗାଡି ଗୋସେଇଁ ପୀଠ ଓ ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ହାତୀବନ୍ଧା ଗ୍ରାମରେ କୁମାରପୂର୍ଣ୍ଣିମାରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟା ଅନିତା ରାଣୀ ଜେନା, ସ୍ୱାଗତିକା ଜେନା, ସାଇ ଶୁଭଶ୍ରୀ ଜେନା, ସାଇନା ଜେନା, ଶାଶ୍ୱତୀ ଜେନା, ନିରୁପମା ଜେନା, ଆୟୁସି ଜେନା, ରଞ୍ଜୁଲତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାମଚନ୍ଦ୍ରପୁର:** ଓଡ଼ିଶାର ପୁରପଲ୍ଲୀରେ ଅନ୍ୟତମ ଗଣପର୍ବ ଭାବେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଜଗଜ୍ଜନନୀ ମା' ଦୁର୍ଗାଙ୍କ ମେଲାଣୀ ପରେ ଆଜି ଧରାପୃଷ୍ଠକୁ ଅବତରଣ କରିଛନ୍ତି ଧନଦାତ୍ରୀ ମା' ଲକ୍ଷ୍ମୀ। ଏନେଇ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ସବୁଠି ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ହୋଇଛି। ମା'ଲକ୍ଷ୍ମୀଙ୍କୁ ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ ମଧ୍ୟ କୁହାଯାଏ। ଓଡିଶାର ବିଭିନ୍ନ ସ୍ଥାନରେ ଏହି ପୂଜା ବେଶ ଧୂମଧାମରେ କରାଯାଏ। ସାଧାରଣତଃ ଗଜଲକ୍ଷ୍ମୀଙ୍କୁ ଦିନଟିଏ ପାଇଁ ହିଁ ପୂଜା କରାଯାଉଥିବା ବେଳେ କେତେକ ସ୍ଥାନରେ ଏହି ପୂଜା ୫ରୁ ୭ ଦିନ ଧରି ପାଳନ କରାଯାଇଆସୁଛି। ଘସିପୁରା ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଅଳତି, ବେଲସୁନ୍ଦରୀ, ଅଙ୍ଗାରୁଆ, ପଦନା ବଜାର, ଜରଦା, ସାନପଦନା, ଲୁଣହାର, ଜନାର୍ଦ୍ଦନପୁରପାଟଣା, ସାଇଁପାଳ, ନରଦା, ପୁରୁଣବାନ୍ଧଗୋଡା ପ୍ରଭୃତି ଗ୍ରାମରେ ଆନନ୍ଦ ଉଲ୍ଲାସରେ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଚଳିତ ବର୍ଷ ବେଲସୁନ୍ଦରୀ ବଜାର ପୂଜା କମିଟି ତରଫରୁ ଆଡମ୍ବର ସହକାରେ ପୂଜା ପାଳନ କରାଯାଉଛି। ପୂଜକ ଗୋବିନ୍ଦଚନ୍ଦ୍ର ପଣ୍ଡା ବୈଦିକ ରିତୀନୀତିରେ ଦିଅଁଙ୍କ ନିତିକାନ୍ତୀ ସମ୍ପନ୍ନ କରୁଛନ୍ତି। ମୁଖ୍ୟକର୍ତ୍ତା ଭାବେ ଶ୍ରଦ୍ଧାଳୁ ଅନନ୍ତନାରାୟଣ ସାହୁ ଏବଂ ପତ୍ନୀ ସୁମତୀ ସାହୁ ଉପବାସ ବ୍ରତରଖି ମା'ଙ୍କ ପୂଜା ସମ୍ପାଦନ କରିଛନ୍ତି। କମିଟି ସଦସ୍ୟ ନିରଞ୍ଜନ ମଲ୍ଲିକ, ମହେଶ ବାରିକ, ଲକ୍ଷ୍ମୀଧର ବାରିକ, ବିରଞ୍ଚିନାରାୟଣ ସାହୁ, ସୁବ୍ରତ ସାହୁ, ସନ୍ତୋଷ ସାହୁ, ଗୋଲଖବିହାରୀ ସାହୁ, ନରେନ୍ଦ୍ର ନାଏକ, କୁଳମଣୀ ବାରିକ, ରବିନ୍ଦ୍ର ଓଝା, କଳାକାହ୍ନୁ ସାହୁ, ଅଭିମନ୍ୟୁ ସାହୁଙ୍କ ସମେତ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ମଣ୍ଡପ ନିକଟରେ ଆଚାର୍ଯ୍ୟ ବ୍ରାହ୍ମଣ କାଳନ୍ଦି କର ପ୍ରତ୍ୟହ ଲକ୍ଷ୍ମୀପୁରାଣ ଆବୃତି କରୁଛନ୍ତି। ସନ୍ଧ୍ୟାରେ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକ୍ ଅଧୀନ ଜଳକଳଙ୍ଗଠାରେ ମହାମାୟୀ ମହାଲକ୍ଷ୍ମୀଙ୍କ ପୂଜାପାଠ ଆରମ୍ଭ ହୋଇଛି। ନାମ ସଙ୍କୀର୍ତ୍ତନ, ଘଣ୍ଟ-ହୁଳହୁଳି ବଜାଇ ପୂଜା କମିଟି ସଦସ୍ୟ, ଗ୍ରାମବାସୀ ଓ ବଜାର ଦୋକାନୀ ସଦସ୍ୟମାନେ ମିଶି ଅଣାସ୍ଥିତ ମଠ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ମା'ଙ୍କ ଆସ୍ଥାନରେ ସ୍ଥାପନ କରିଥିଲେ। ଗ୍ରାମର ଭଗବାନ ନାୟକ କର୍ତ୍ତା ଭାବେ ସଂକଳ୍ପରେ ବସିଥିଲେ। ମୁଖ୍ୟ ପୂଜକ ବାବାଜୀ ତିଆଡ଼ି, ମାୟାଧର ଦାଶ, ବିଜୟ କୁମାର ଦେବତା ପ୍ରମୁଖ ଯଥା ରୀତିନୀତି ଅନୁସାରେ ମା'ଙ୍କ ପୂଜାପାଠ ଆରମ୍ଭ କରିଛନ୍ତି। ଆସନ୍ତା ୭ଦିନ ଧରି ପୂଜାପାଠ ଚାଲୁ ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଏଥିରେ ଗୋପାଳ ନାୟକ, ନରେନ୍ଦ୍ର ସା, ସଦାଶିବ ଚକ୍ର, ଶଙ୍କର୍ଷଣ ନାୟକ, ମନୋଜ ପାତ୍ର, ରୁଦ୍ରନାରାୟଣ ନାୟକ, କାମପାଳ ନାୟକ, ପଙ୍କଜ କୁମାର ଜେନା, ଗୋପବନ୍ଧୁ ମଲ୍ଲିକ, ବନମାଳୀ ନାୟକ, ସନ୍ତୋଷ ନାୟକ, ସୁଦାମ ଚରଣ ରଣା, ସୁନୀଲ କୁମାର ନାୟକ, ଗୁରୁପ୍ରସାଦ ଜେନା, ନାରାୟଣ ସେଠୀ(କ), ମଦନ ଦାଶ, ଅନନ୍ତ ନାୟକ, ସନାତନ ଜେନା, ବଟକୃଷ୍ଣ ଜେନା, ନାରାୟଣ ମହାନ୍ତି, ଜଳଧର ବାରିକ, ଜଗବନ୍ଧୁ ନାୟକ, ବିଜୟ କୁମାର ଜେନା, କହ୍ନେଇ ଓଝା, ଅଶୋକ ନାୟକ, ନାରାୟଣ ସେଠୀ(ଖ), ଉପେନ୍ଦ୍ର ସେଠୀ, ମହେନ୍ଦ୍ର ନାୟକ, ନାରାୟଣ ମିଶ୍ର, ଅଜୟ କୁମାର ଜେନା, ଦୁଃଶାସନ ପହି, ବାଇଧର ଦାଶ, ବାବାଜୀ ଦାସ, କଳାକାର ନାୟକ, କେଶବ ଜେନା, ବାବାଜୀ ଚରଣ ଜେନା, କେଶବ ଚନ୍ଦ୍ର ଜେନା, କାଳନ୍ଦୀ ନାୟକ ପ୍ରମୁଖ କଳସ ଯାତ୍ରା ସହ ପୂଜା ପରିଚାଳନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଛନ୍ତି।

**ରାମଚନ୍ଦ୍ରପୁର:** ଘଷିପୁରା ବ୍ଲକ୍ ବଡ଼ପଦନା ବଜିର କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ବଡ ଧୁମଧାମରେ ଆୟୋଜିତ ହେଉଛି। ରଙ୍ଗୀନ ଆଲୋକମାଳ ଓ ତୋରଣରେ ମଣ୍ଡପକୁ ସଜାଇ ଦିଆଯାଇଛି। ଲକ୍ଷ୍ମୀ ପୂଜା ଅବସରରେ ପୂଜାମଣ୍ଡପ ଠାରେ ଭଜନ କୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ୨୮ ବର୍ଷରେ ଲକ୍ଷ୍ମୀପୂଜା ପହଞ୍ଚି ଥିବା ବେଳେ ଚଳିତ ବର୍ଷ ବେଶ୍ ମଧ୍ୟ ଆଡମ୍ବର ସହକାରେ ପାଳନ ହେଉଥିବା ଦେଖିବାକୁ ମିଳିଛି। ମୁଖ୍ୟ ପୂଜକ ବିଚିତ୍ର ନନ୍ଦ କର, କର୍ତ୍ତା ଭାବେ ରବୀନ୍ଦ୍ର ସ୍ୱାଇଁ ପୂଜା କାର୍ଯ୍ୟ କରିଥିବା ଜଣାପଡ଼ିଛି। ଲକ୍ଷ୍ମୀପୂଜା କମିଟି ସଦସ୍ୟ ଗୋପବନ୍ଧୁ ସାହୁ, ରାଜକିଶୋର ସାହୁ, ମଳୟ ନାଥ, ସତ୍ୟବ୍ରତ ରାଉତ, ଲକ୍ଷ୍ମଣ ପଲେଇ, ରମେଶ ସାହୁ, ପ୍ରମୋଦ ସାହୁ, ନରେନ୍ଦ୍ର ପୃଷ୍ଟି, କଳ୍ପତରୁ ସାହୁ, ସଞ୍ଜୟ ଦଲେଇ, ହରିହର ସାହୁ, ଶିଶିର ସାହୁ, ପ୍ରବୀର ସାହୁ, ଶ୍ରୀକାନ୍ତ ସାହୁ, ବାପୁନୁ ପୃଷ୍ଟି, ବୁଟୁଲ ପଲେଇ, ଶୁଭମ ସାହୁ, ସତ୍ୟବ୍ରତ ରାଉତ ରାଉତ ପୂଜା କାର୍ଯ୍ୟ ତଦାରଖ କରୁଛନ୍ତି। ପୂଜାର ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ମଳୟ ସାହୁ, ପ୍ରାଣବଲ୍ଲଭ ସାହୁ, ନରୋତ୍ତମ ସାହୁଙ୍କ ସମେତ ବଣିକ ସଙ୍ଘର ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।

**ତୁରୁମୁଙ୍ଗା:** କେନ୍ଦୁଝର ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବମନ୍ଦିର ସମ୍ମୁଖରେ କୁମାର ଉତ୍ସବ କମିଟି ତରଫରୁ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି। ପୂଜକ ଭାବେ ରାମଚନ୍ଦ୍ର ଦାଶ ଓ ଜ୍ଞାନ ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ ଲିପକ କୁମାର ସାହୁ ଓ ସ୍ତ୍ରୀ ଲିପିକା ସାହୁ




ନୀତିକାନ୍ତିରେ ଦେବନୀତି ସମ୍ପନ୍ନ କରିଛନ୍ତି। କୁମାର ଉତ୍ସବ କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦକ୍ଷ ପ୍ରସାଦ ସାହୁ, ଲିପକ କୁମାର ସାହୁ, ଦେବୀଦତ୍ତ ମିଶ୍ର, ତାପସ ମିଶ୍ର, ସୌମ୍ୟ ରଞ୍ଜନ ଦାଶ, ବିକାଶ ଦାସ, ଅଭିଷେକ ଦାଶ, ସତ୍ୟବ୍ରତ ଦାଶ, ଅଜୟକୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଓ ପ୍ରସାଦସେବନ ବ୍ୟବସ୍ଥା ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ପାଟଣା ମୁଖ୍ୟାଳୟ ସଁରାପଶିରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବରେ ଆୟଶ କାନ୍ତ ନାୟକ ନୀତିକାନ୍ତିରେ ଦେବୀନୀତି ସମ୍ପନ୍ନ କରିଥିଲେ। ପୂଜକ ଭାବେ ସୁଶାନ୍ତ ଶେଖର ଦାଶ ପୂଜା କରିଥିଲେ। ସେହିପରି ଚେମେଣାରେ କର୍ତ୍ତା ଭାବରେ ରବିନ୍ଦ୍ର ମହାନ୍ତ ଦେବନୀତି ସମ୍ପାଦନ କରିଥିବା ବେଳେ ପୂଜକ ମହେଶ ଚାଟାର୍ଜୀ ପୂଜାର୍ଚ୍ଚନା କରିଛନ୍ତି। ତୁରୁମୁଙ୍ଗା ଗଜ ଲକ୍ଷ୍ମୀ କମିଟି ତରଫରୁ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ପୂଜକ ଭାବେ ସୁଶାନ୍ତ କର ଓ ଅରୁଣ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ ଅଧିକାରୀ ସାହୁ ଦେବନୀତି ସମ୍ପାଦନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଅଛି।

## କାଣ୍ଠପଡ଼ି ନାବାଳିକା ମୃତ

ରାମଚନ୍ଦ୍ରପୁର,୬।୧୦(ସମିସ): କାଣ୍ଠପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘସିପୁରା ବ୍ଲକ୍ ମଦନପୁର ଗାଁର ସୀମାରାଣୀ ଚକ୍ର(୧୬)। କୁମାରପୂର୍ଣ୍ଣିମା ପାଇଁ ସାଙ୍ଗମାନଙ୍କ ପାଖକୁ ମେହେନ୍ଦି ଲଗେଇବାକୁ ଯାଇଥିଲେ। ହେଲେ ସାଙ୍ଗମାନେ ଘର କାମରେ ବ୍ୟସ୍ତଥିବାରୁ କିଛି ସମୟ ଛାଡିକି ଆସିବାକୁ କହିଥିଲେ। ସୀମା ନିଜ ଘରକୁ ଫେରି ଆସୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ିଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ଦୁର୍ବଳ ହୋଇ ଖସି ପଡ଼ିଥିଲା। ପରିବାର ଲୋକେ ସୀମାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ ପରିବାର ତଥା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

କେନ୍ଦୁଝର,୬।୧୦(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ହୁଣ୍ଡୁଳା ନିକଟରେ (ଓଡି-୦୯-ପି-୪୮୭୧)ବିଶିଷ୍ଟ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଦୁଇ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଓ ଆହତ ଦ୍ୱୟଙ୍କ ପରିଚୟ ମିଳିନାହିଁ। ପଳାସପଙ୍ଗା ଫାଣ୍ଡି ଅଧିକାରୀ ମାନସରଞ୍ଜନ ପଣ୍ଡା ତିନିଜଣଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେମାନେ ଝୁମ୍ପୁରା ଅଭିମୁଖେ ଯାଉଥିବା ବେଳେ ସନ୍ଧ୍ୟା ୫ଟା ୨ରେ ଏହି ଦୁର୍ଘଟଣା ଘଟିଛି। ତିନିଜଣ ବାଇକ୍‌ରୁ ଛିଟିକି ପଡି ରାସ୍ତାର ଗାର୍ଡୱାଲ ଖାଲରେ ପଡି କାଦୁଅ ହୋଇଯାଇଥିଲେ।

## ୫ଟି ଚୋରା ଟ୍ରକ୍ ଜବତ; ଜଣେ ଅଟକ

ଯୋଡ଼ା,୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଥମିବାର ନା ଧରୁନି ଆଇରନ, ମଙ୍ଗାନିଜ ଚୋରି। ଜିଲ୍ଲାର ରୁଗୁଡ଼ି ଥାନା ଅଧୀନରେ ଥିବା ଗୁଆଲି ପଞ୍ଚାୟତର ପାରମସାହି ଅଞ୍ଚଳରୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ରୁଗୁଡି ପୁଲିସ ବିଳମ୍ବିତ ରାତିରେ ଚଢଉ କରି ୫ଟି ଟ୍ରକ ଜବତ କରିଛି। ବିଶ୍ୱସ୍ତ ସୂତ୍ରାନୁଯାୟୀ, ପୁଲିସ ସୂଚନା ପାଇଥିଲା ଯେ କିଛି ଟ୍ରକ ବେଆଇନ ଭାବରେ ଲୁହାପଥର ପରିବହନ କରୁଛି। ସୂଚନା ପାଇ, ରୁଗୁଡି ପୁଲିସର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସେଠାରେ ୫ଟି ଟ୍ରକକୁ ଜବତ କରିବାରେ ସଫଳ ହୋଇଥିଲେ।




କିନ୍ତୁ ଲୋଡିଂରେ ବ୍ୟବହାର ମେସିନ ସେଠାରୁ ଚମ୍ପଟ ମାରିଥିଲା। ଏହି ଟ୍ରକଗୁଡ଼ିକ ମଧ୍ୟରୁ ଦୁଇଟି ଫାଇନ୍ସ (ଲୁହାପଥର) ଲୋଡ୍ ହୋଇଥିଲା ଆଉ ତିନୋଟି ଖାଲି ଥିଲା। ପୁଲିସ ପହଞ୍ଚିବା ଦେଖି ସେଠାରୁ ଡ୍ରାଇଭର ମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ, କିନ୍ତୁ ଜଣେ ଡ୍ରାଇଭରଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ସମସ୍ତ ଟ୍ରକକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି। କେଜେଏସ ଆହଲୁୱାଲିଆ କମ୍ପାନୀର ବୋଲି ବିଶ୍ୱାସ କରାଯାଉଥିବା ଏହି ସାମଗ୍ରୀ, ଓଏମସିର ତତ୍ତ୍ୱାବଧାନରେ ଜେଏସଡବ୍ଲୁର ଲିଜ ଅଞ୍ଚଳରେ ଗଚ୍ଛିତ ରଖାଯାଇଥିଲା। ଥାନା ଅଧିକାରୀ କହିଛନ୍ତି ଯେ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବ।

## ସିଆର୍‌ପିଏଫ୍ ଏସ୍‌ଆଇଙ୍କ ପରଲୋକ

ବାଲିବନ୍ଧ,୬।୧୦(ସମିସ): ଜାମ୍ମୁ ଓ କାଶ୍ମୀରର କିସ୍ତ୍ୱାରରେ କାର୍ଯ୍ୟରତ ୫୨ ବାଟାଲିୟନର ସିଆରପିଏଫ୍ ସବ୍ ଇନ୍ସପେକ୍ଟର ବଳରାମ ବେହେରା(୫୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯବାନଙ୍କ ଘର ଝୁମ୍ପୁରା ଥାନା, ଖୁଣ୍ଟାପଡା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମରେ ବୋଲି ସୂଚନା ମିଳିଛି। ଡ୍ୟୁଟିରେ ଥିବା ସମୟରେ ସପ୍ତାହକ ତଳେ ହଠାତ୍ ବଳରାମଙ୍କ ଶରୀର ଅସୁସ୍ଥ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସଦସ୍ୟଙ୍କ ଠାରୁ ସୂଚନା ମିଳିଛି। ଏନେଇ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଜରିଆରେ ଶୋକ ବାର୍ତ୍ତା ପ୍ରକାଶ କରିଥିବା ବେଳେ ଖୁଣ୍ଟାପଡ଼ା ଗ୍ରାମରେ ଶୋକପ୍ରକାଶ ପାଇଛି। ଆସନ୍ତାକାଲି ତାଙ୍କ ମରଶରୀର ଜନ୍ମମାଟିରେ ପହଞ୍ଚିବା ନେଇ ତାଙ୍କ ଭାଇ ଯଯାତିକେଶରୀ ବେହେରା ସୂଚନା ଦେଇଛନ୍ତି।

## ତିନିତିନି ଥର କଣ୍ଟପୂରିଲା

# ଅଧପନ୍ତରିଆ ଶାଳପଡ଼ା ରାସ୍ତା ନିର୍ମାଣ କାର୍ଯ୍ୟ



### ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ ପାଇଁ ଦାବି

ଆନନ୍ଦପୁର,୬।୧୦(ସମିସ): ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଇଜିଲାସରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରାସ୍ତା ନିର୍ମାଣ ଶେଷ କରିବା ପାଇଁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ସୁଦ୍ଧା ତିନି ତିନି ଥର କଣ୍ଟ ଦେଇଥିଲେ ମଧ୍ୟ ଶାଳପଡା ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିରହିଛି। କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧାପନ୍ତରିଆ କାମ ଏବେ ସାଧାରଣ ଲୋକଙ୍କ ଦୁଃଖ ପାଲଟିଛି। ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିଲେ। ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ସେପ୍ଟେମ୍ବର ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ଗତ ୭ବର୍ଷ ହେଲା ୨୦ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବା ବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ମିଟର ରାସ୍ତା ନିର୍ମାଣ ସରୁନାହିଁ। ଆନନ୍ଦପୁର ପୌରାଞ୍ଚଳ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ। ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୭ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ସମସ୍ତ ଗାଡ଼ି ସର୍ଭିସ ରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରି ଗାଡି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ଠିକା ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବା ଦିଗରେ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ସମାକୁଦ ମୁଣ୍ଡାସାହିକୁ ରାସ୍ତା ନାହିଁ

## ଖଟିଆରେ ବୁହାହେଲେ ରୋଗୀ



ତେଲକୋଇ,୬।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ରାଇସୁଆଁ ପଞ୍ଚାୟତ ସମାକୁଦ ମୁଣ୍ଡା ସାହିକୁ ନିତିଦିନିଆ ରାସ୍ତା ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଆମ୍ବୁଲାନ୍ସ ସେବା ମଧ୍ୟ ଅପହଞ୍ଚ ହୋଇଛି। ଫଳରେ ଆଜି ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି କାଦୁଅ ରାସ୍ତା ଓ ନାଳ ପାରି କରିବା ପରେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଯାହାର ଫଟୋ ଏବେ ସାମାଜିକ ଗଣମାଧମରେ ଭାଇରାଲ ହୋଇଛି। ମୁଣ୍ଡାସାହିକୁ ରାସ୍ତା ନାହିଁ ଏବଂ ରାସ୍ତା ମଧ୍ୟରେ ପଡୁଥିବା ବାଙ୍କୀ ଶାଳ ନାଳ ଉପରେ ପୋଲ ନଥିବାରୁ ଗ୍ରାମର ଗୁରୁତର ଭଜମନ ମୁଣ୍ଡାଙ୍କୁ ଆଜି ସାହି ବାସିନ୍ଦା ଖଟିଆରେ ବୋହି ନାଳ ପାରି କରିବା ପରେ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି ବିକଳ ଚିତ୍ର ସାମ୍ନାକୁ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

● ମୟୂରଭଞ୍ଜରେ ଲଜ୍ଜା

## ମା' ହେଲେ ନାବାଳିକା ଛାତ୍ରୀ

ବୈଶିଙ୍ଗା, ୬।୧୦(ସମିସ): ମୟୂରଭଞ୍ଜରେ ଲଜ୍ଜା। ଜଣେ ନାବାଳିକା ଛାତ୍ରୀ ବେତନଟୀ ଡାକ୍ତରଖାନାରେ ସୋମବାର ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉଭୟଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଛାତ୍ରୀ ଜଣକ ବେତନଟୀର ଏକ ଘରୋଇ ଛାତ୍ରୀ ନିବାସରେ ରହି ଯୁକ୍ତଦୁଇ ପାଠ ପଢୁଥିଲେ। ସୋମବାର ତାଙ୍କ ଶରୀର ଅସୁସ୍ଥ ହେବାରୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଘର ଲୋକଙ୍କୁ ଖବର ଦିଆଯାଇଥିଲା। ପରେ ପୀଡିତା ଜଣକ ବେତନଟୀ ଡାକ୍ତରଖାନା ଶୌଚାଳୟକୁ ପରିଶ୍ରା କରିବାକୁ ଯାଇଥିବା ବେଳେ ସେଠାରେ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ପୀଡିତା ଜଣକ ୬ ମାସର ଗର୍ଭବତୀ ହୋଇଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ନବଜାତ ଶିଶୁକନ୍ୟାକୁ ଏସଏନସିୟୁରେ ରଖାଯାଇଥିବା ବେଳେ ନାବାଳିକା ମା' ମଧ୍ୟ ସେଠାରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ଡ. ବର୍ଷା ପ୍ରିୟଦର୍ଶିନୀ ଜେନା ବେତନଟୀ ଥାନାକୁ ଅବଗତ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

## ବାଣ ବିସ୍ଫୋରଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବୈଶିଙ୍ଗା, ୬।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମରେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ଯୁବକ ଅନିଲ ଦାସଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ସନ୍ତୋଷଙ୍କ ବଡ଼ ପୁଅ ଅନିଲ ବାଣ ପ୍ରସ୍ତୁତି କରୁଥିବାବେଳେ ସାବଧାନତା ବଶତଃ ବାରୁଦରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ସମଗ୍ର ଘରେ ବ୍ୟାପୀଯାଇ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଛାତ ଉଡିଯାଇ ଗଛ ଡାଳରେ ଲାଗିଥିଲା। ଅନ୍ୟପଟେ ବିସ୍ଫୋରଣରେ ଅନିଲ ଗୁରୁତର ଭାବେ ଆହତ ହୋଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇଥିବାବେଳେ ପରେ କଟକରେ ମୃତ୍ୟୁ ଘଟିଛି। ସେହିପରି ଅନିଲଙ୍କ ମାଆ ଶାନ୍ତିଲତା ଦାସ, ସ୍ତ୍ରୀ କ୍ରିଷ୍ଣା ଦାସ, ସାନଭାଇ ସୁନୀଲ ଦାସ ମଧ୍ୟ ଆହତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନିଲଙ୍କ ଶବ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ।

● ବୁଦାମୁଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ପ୍ରେମ ବ୍ୟାପାରକୁ ନେଇ ସ୍ତ୍ରୀ ଓ ପ୍ରେମିକ କରିଥିଲେ ହତ୍ୟା

ତୁରୁମୁଙ୍ଗା, ୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡା କଲେଜ ନିକଟ ରାସ୍ତାକଡ଼ ବୁଦାମୂଳରୁ ଜଣେ ଯୁବକଙ୍କ ମୃତଦେହ ଗତ ସେପ୍ଟେମ୍ବର ୨୮ ତାରିଖରେ ଉଦ୍ଧାର ହୋଇଥିଲା। ମୃତକ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଜଡିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ (୪୦) ବୋଲି ଜଣାପଡିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଥିଲା। ସୋମବାର ଘଟଣାରେ ପୁଲିସ ମୃତକଙ୍କ ସ୍ତ୍ରୀ ବର୍ଷାରାଣୀ ମହାନ୍ତ ଏବଂ ସହଯୋଗୀ କମାରମରା ଗ୍ରାମର ପୁରେନ୍ଦ୍ର ମହାକୁଡ଼ଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିବା ପରେ ପ୍ରେମ ବ୍ୟାପାରକୁ ନେଇ ଉଭୟ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ଉଭୟଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ କରୁଛି ପାଟଣା ପୁଲିସ।

## ଦୁର୍ଘଟଣାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୁରୁତର

ରାମଚନ୍ଦ୍ରପୁର, ୬।୧୦(ସମିସ): ଭାରସାମ୍ୟ ହରାଇ ପୋଲତଳକୁ ଗାଡ଼ି ଓଲଟି ପଡ଼ିବାରୁ ଘସିପୁରା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର ଦୁର୍ଘଟଣାରେ ଗୁରୁତର ଆହାତ ହୋଇ ପ୍ରଥମେ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ସେ ନିଜ ଗାଁ ଗଡ଼ବାନ୍ଧଗୋଡାରୁ ନିଜ ଗାଡି ଯୋଗେ ପୂର୍ବାହ୍ନରେ ରାମଚନ୍ଦ୍ରପୁର ଆସୁଥିବା ସମୟରେ ନହଙ୍ଗି ଛକ ରାସ୍ତାକଡରେ ଥିବା ଏକ ପୋଲବାଡାରେ ଗାଡିଟି ଧକ୍କାହୋଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିରୁ ଦେବାଶିଷଙ୍କୁ ଗୁରୁତର ଆହାତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଖବର ପାଇ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଆନନ୍ଦପୁର ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥାବସ୍ଥା ପଚାରି ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ହାଟଡିହୀ, ୬।୧୦(ସମିସ): ହାଟଡ଼ିହୀ ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ଅଧିକାରୀ ସ୍ୱାତୀ ସିଂଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ବିଡିଓ ରଞ୍ଜନ କୁମାର ପରିଡ଼ା ଓ ଏବିଡିଓ ରଶ୍ମିରେଖା ନାଏକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ମୋଟ୍ ୧୮୮ ଜଣ ଭିନ୍ନକ୍ଷମ ପଞ୍ଜିକୃତ କରିଥିଲା ବେଳେ ୧୪୫ ଜଣଙ୍କୁ ପ୍ରମାଣପତ୍ର ପାଇଁ ଚିହ୍ନଟ କରାଗଲା। କାର୍ଯ୍ୟକ୍ରମରେ ୮୮ ଜଣ ଅକ୍ଷମ, ୧ଜଣ ଅର୍ଦ୍ଧ ମାନସିକ ଅନଗ୍ରସର, ୨୮ଜଣ ଆଂଶିକ ଦୃଷ୍ଟିହୀନ, ୨୭ଜଣ ପୂର୍ଣ୍ଣ ମାନସିକ ଅନଗ୍ରସର, ୪୦ଜଣ ଶ୍ରବଣ ବାଧିତା, ୧ଜଣ ମିଶ୍ରିତ ଅନଗ୍ରସର, ୩ଜଣ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଭିନ୍ନକ୍ଷମ ସାମିଲ ହୋଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ସହାୟକ ଏସ୍ ପ୍ରତୀକ ଆନନ୍ଦ ପରିଚାଳନା କରିଥିଲା ବେଳେ ତଥ୍ୟ ପ୍ରବେଶ ପରିଚାଳକ ରାଜେଶ କୁମାର ସାହୁ, କନିଷ୍ଠ ସହାୟକ ସଙ୍ଗୀତା ଜେନା ସହଯୋଗ କରିଥିଲେ। କର୍ମଚାରୀ ସୁଦର୍ଶନ ଘଡ଼େଇ, ଭଗବାନ ସେଠୀ ଭିନ୍ନକ୍ଷମଙ୍କୁ ସେବା ଯୋଗାଇବା ସହ ଡାକ୍ତର ପରାମର୍ଶରେ ସହଯୋଗ କରିଥିଲେ।

ସମବାୟ ସମିତିରେ ମିଳୁନି ସାର

# ଆନନ୍ଦପୁର ଉପଖଣ୍ଡରେ ଚାଷୀ ହନ୍ତସନ୍ତ

ଆନନ୍ଦପୁର, ୬।୧୦(ସମିସ)



ଠିକଣା ସମୟରେ ଆନନ୍ଦପୁର ଉପଖଣ୍ଡରେ ସାର ମିଳୁନଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଜଣାଯାଇଛି। ଅନ୍ୟପକ୍ଷରେ ସମବାୟ ସମିତିରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବା ଅଭିଯୋଗ ହେଉଛି। ୭୦ପ୍ରତିଶତ ଧାନଗଛ ଉଜୁଡ଼ିଯିବା ଆଶଙ୍କାରେ ରହିଛନ୍ତି ଚାଷୀ। ବାରମ୍ବାର ଦାବି ସତ୍ତ୍ୱେ ସାର ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷୀ ଖୁସି ଅଛନ୍ତି। ଚାଷ ପାଇଁ କିଏ ତଳି ସଂଗ୍ରହ କରୁଥିବା ବେଳେ ସାର ମିଳୁନଥିବାରୁ ମୁଣ୍ଡରେ ଚଡ଼କ ପଡିଛି ବୋଲି ଚାଷୀମାନେ କହିଛନ୍ତି। ପ୍ରତିବର୍ଷ ଚାଷ କାମ ସରିବା ପରେ ଏହି ସମବାୟ ସମିତିକୁ ସାର ଆସିଥାଏ। ଠିକ୍ ସମୟରେ ସାର ଆସୁନଥିବାରୁ ଚାଷୀ ସେମାନଙ୍କ ଆବଶ୍ୟକ ମେଣ୍ଟାଇବା ପାଇଁ ଚଢ଼ା ଦରରେ କିଣିବାକୁ ବାଧ ହେଉଛନ୍ତି। ସେହିପରି ଆଦିବାସୀ ଇଲାକା ପଣସଡିହା ସମବାୟ ସମିତିକୁ ସାର ଯୋଗାଣ ନାହିଁ। ଅଭିଯୋଗ କଲେ ଉଚ୍ଚ କର୍ତ୍ତୃପକ୍ଷ ଶୁଣୁନାହାନ୍ତି। ପାଖାପାଖି ୧୫ ବର୍ଷ ପୂର୍ବରୁ ସମିତି ଗଠନ ହୋଇଥିବା ବେଳେ ଏହି ଅଧିକାରୀ କାର୍ଯ୍ୟାଳୟକୁ ଚଳାଉଛନ୍ତି। ସମିତି ଅଧୀନରେ ୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ରହିଛନ୍ତି। ବାହାର ଦୋକାନରେ ସାର ମିଳୁଥିବା ବଳେ ସରକାରୀ କେନ୍ଦ୍ରକୁ କାହିଁକି ଆସୁନି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି।

ପୂର୍ବତନ ବିଧାୟକଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣା

## ଦୁଇ ଗିରଫ; ଗାଡ଼ି ଜବତ

ଯୋଡ଼ା, ୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ମହିଳା ବିଦ୍ୟାଳୟ ନିକଟରେ ଥିବା ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକଙ୍କ ଘରେ ସଶସ୍ତ୍ର ଡକାୟତି ଉଦ୍ୟମ କରାଯାଇଥିଲା। ଗତ ରବିବାର ରାତି ପ୍ରାୟ ୨ଟାରେ ହତା ଭିତରେ ପଶି ଡକାୟତି ଉଦ୍ୟମ କରିଥିଲେ ହେଁ କୌଣସି ପ୍ରକାର ଲୁଟ କରି ନ ପାରି ଡକାୟତି ଘଟଣାରେ ବ୍ୟବହାର ପାଇଁ ଆଣିଥିବା ଖଣ୍ଡା, କଟର, ରଡ୍ ଓ ବ୍ୟାଗ୍ ଓ ଗ୍ଲୋଭସ୍ ଆଦି ଛାଡ଼ି ପଳାଇଥିଲେ। ଛାଡି ଯାଇଥିବା ବ୍ୟାଗରୁ କିଛି ଆଡଭାଟାଇଜ୍ ଲିଫ୍ଲେଟ ଓ ଅନ୍ୟାନ୍ୟ କାଗଜ ମିଳିଥିଲା। ଏହାକୁ ଭିତ୍ତିକରି ପ୍ରାରମ୍ଭିକ ତଦନ୍ତରୁ ଏହା ବଡ଼ବିଲ ଅଞ୍ଚଳର ବୋଲି ପୁଲିସ ଜାଣି ପାରିଥିଲା। ତେବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ କରାଯାଉଥିଲା। ଯୋଡ଼ା ପୁଲିସ ଓ ସ୍ୱତନ୍ତ୍ର ଟିମ ଦ୍ୱାରା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଡକାୟତିରେ ବ୍ୟବହୃତ ଗାଡିକୁ ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତି ହେଲେ ବଡ଼ବିଲ ଅଞ୍ଚଳର ରିଆଜ ଖାନ (୨୫) ଓ ସେରେଣ୍ଡା ଅଞ୍ଚଳର ଏମଡି ଏତସାମ(୨୭)। ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଥିବା ନେଇ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

## ପାଟଣାରେ ଇଭି ସ୍କୁଟି ଶୋ'ରୁମ ଉଦ୍‌ଘାଟିତ




ତୁରୁମୁଙ୍ଗା, ୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ମୁଖ୍ୟାଳୟ ଲକ୍ଷ୍ମୀ ବସଷ୍ଟାଣ୍ଡ ନିକଟରେ ଦୁଇଚକିଆ ଇଭି ସ୍କୁଟି ନୂତନ ଶୋରୁମ ଉଦ୍‌ଘାଟିତ ହୋଇଯାଇଛି। ପାଟଣାଠାରେ ବିଶିଷ୍ଟ ବ୍ୟବସାୟୀ ଦୀପକ କୁମାର ମଣ୍ଡଳଙ୍କ ପ୍ରଚେଷ୍ଟାରେ ଲକ୍ଷ୍ମୀବସ ଷ୍ଟାଣ୍ଡ ନିକଟରେ ''ଶିଭାନ୍ସ ମୋଟର୍ସ' ନାମରେ ଇ-ସ୍କୁଟି ଶୋ'ରୁମ ଉଦ୍‌ଘାଟିତ ହୋଇଥିଲା। ଶିଭାନ୍ସ ମୋଟର୍ସର ମୁଖ୍ୟ ଦୀପକ କୁମାର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମାତା ଶୁଶାନ୍ତି ମଣ୍ଡଳ ଫିତାକାଟି ଏହି ନୂତନ ଶୋ'ରୁମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକଙ୍କ ପତିନିଧି କମଳା କାନ୍ତ ଦାଶ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱାନାଥ ନାଏକ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟରତ୍ନ ପତି, ଯୁଗଳ କିଶୋର ଦାଶ, ଦୀପକଙ୍କ ପତ୍ନୀ ମନୀଷା ମଣ୍ଡଳ, ମାୟାଧର ମଣ୍ଡଳ, ତନିଶା ମଣ୍ଡଳ, ଶିଭାନ୍ସସ ମଣ୍ଡଳ, ଶ୍ରୀୟାନ୍ସ ମଣ୍ଡଳ, ଅନୁଷ୍କା ମଣ୍ଡଳ ଓ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଇଞ୍ଜୋଳ ବିକାଶ ମଞ୍ଚର ବାର୍ଷିକୋତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ



ହାଟଡିହୀ, ୬।୧୦(ସମିସ): ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଅଷ୍ଟମ ବାର୍ଷିକୋତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୃତ୍ତିକା, ବୃକ୍ଷ, ଗୋପୂଜନ ସହ ଗୀତା ଆବୃତ୍ତି ସହ ସଂସ୍କୃତି ଓ ପ୍ରକୃତି ସମ୍ପର୍କିତ ଶପଥପାଠ ଓ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ଯେନା ଅତିଥିଭାବେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହିଅବସରେ ମାନବ ଶୃଙ୍ଖଳା ସହ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଧରି ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସବୁଜ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଶେଷରେ କେନାଲ ବନ୍ଧରେ ଚାରାରୋପଣ କରାଯାଇଥିଲା। ସଞ୍ଜିବ ପଣ୍ଡା, ମାନସ ଯେନା, ସାଇବ ପଣ୍ଡା, ଯୁବରାଜ ଜେନା, ଶ୍ରୀକାନ୍ତ ଜେନା, ମନୋଜ ଜେନା, ବିଶ୍ୱଜିତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୂଲ୍ୟଯୁକ୍ତ ଛତୁ ଉତ୍ପାଦ ତାଲିମ ଶିବିର



ବାରିପଦା, ୬।୧୦(ସମିସ): ଦେବେନ୍ଦ୍ରପୁରଠାରେ ଦୁଇଦିନିଆ ଛତୁର ମୂଲ୍ୟ ଯୁକ୍ତ ଉତ୍ପାଦ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମଶ୍ରୁମ୍‌ର ନିର୍ଦ୍ଦେଶକ ତଥା ରାଜ୍ୟସ୍ତରୀୟ ଛତୁଚାଷ ପ୍ରଶିକ୍ଷକ ଶିଶିର କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉ ଶିବିରରେ ବିଭିନ୍ନ ବ୍ଲକରୁ ଅଭିଜ୍ଞ ସମ୍ପନ୍ନ ଛତୁଚାଷୀ ଯୋଗଦେଇ ଅଧିକ ଜ୍ଞାନଅର୍ଜନ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା କଳ୍ପନା ବିନ୍ଧାଣୀ ଓ ଶ୍ୟାମାଖୁଣ୍ଟା କୃଷୀ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନଲତା ଭୂୟାଁ ଉପସ୍ଥିତ ରହି ଶିକ୍ଷାର୍ଥୀଙ୍କୁ ଶୀତ ଦିନିଆ ଛତୁ ଚାଷ ଓ ଏହାର ମୂଲ୍ୟଯୁକ୍ତ ଉତ୍ପାଦ ତିଆରି ପ୍ରଣାଳୀ ବିଷୟରେ ଉଭୟ ଥିଓରୀ ଓ ପ୍ରାକ୍ଟିକଲ ତାଲିମ ଦେଇଥିଲେ। ପୂର୍ବରୁ ଛତୁଚାଷୀମାନେ ନଅ ମାସ ପାଳ ଛତୁ ଚାଷ କରୁଥିବାବେଳେ ଅବଶିଷ୍ଟ ଶୀତ ତିନି ମାସ ଚାଷୀମାନେ ଏକ ପ୍ରକାର କୌଣସି ଧନ୍ଦା ନପାଇ ବେକାର ରହୁଥିଲେ। ଶୀତଦିନେ ହେଉଥିବା ଧିଙ୍ଗିରି ଛତୁର ବଜାର ଚାହିଦା ଏ ପର୍ଯ୍ୟନ୍ତ ଉପଲବ୍ଧ ନ ଥିବାରୁ ତିନିମାସ ରୋଜଗାର ହରାଉଥିଲେ। ଏହାର ଗୁଣାତ୍ମକ ଉତ୍ପାଦ ଆଚାର, ପାମ୍ପଡ଼, ବଡି ଓ ଶୁପ୍ ପାଉଡର ଇତ୍ୟାଦିର ଭଲ ଚାହିଦା ସହିତ ଏହା ବେଶି ଦିନ ରହି ପାରୁଥିବାରୁ ଛତୁଚାଷୀଙ୍କ ପାଇଁ ଏହି ପ୍ରଶିକ୍ଷଣ ଲାଭଦାୟକ ହେବ।

## ବିଭିନ୍ନ ସ୍ଥାନରେ ରାବଣପୋଡି ଉତ୍ସବ



ମୋରଡ଼ା, ୬।୧୦(ସମିସ): ବିଜୟା ଦଶମୀରେ ବ୍ଲକର ବିଭିନ୍ନ ସ୍ଥାନରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡା ରାଜାବନ୍ଧ ଓ ଖୁରୁଣ୍ଟିଆ କେନାଲ ନିକଟ ପଡିଆ, ରାସଗୋବିନ୍ଦପୁର ଏବଂ ନଳଗଜାରେ ଚଳିତବର୍ଷ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ତିନିଦିନ ଧରି ଲଗାଣ ବର୍ଷା ହେବା ଫଳରେ ରାବଣ ପୋଡି ଉତ୍ସବକୁ ସ୍ଥଗିତ ରଖାଯାଇଥିଲା। ହଳଦୀପାଳ ରାବଣପୋଡି ଉତ୍ସବରେ ଇଂ ପ୍ରଦୀପ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ହୃଷିକେଶ ବେହେରା, ପରେଶ ମହାନ୍ତ, କାନ୍ଦ୍ରା ସରେନ ଏବଂ ଶିକ୍ଷକ ସନ୍ତୋଷ କୁମାର ମହାନ୍ତ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା ପ୍ରଶାସନିକ ସେବା ଆୟୋଗ ପରୀକ୍ଷାରେ ପ୍ରଥମ ପ୍ରୟାସରେ ୩୧୪ ର୍‌ୟାଙ୍କ ରଖିଥିବା ଲଳିତେନ୍ଦୁ କୁମାର ବେହେରାଙ୍କ ପିତା ଗହନ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନାଟ୍ୟ କଳାକାର, ଛଉ ନୃତ୍ୟଶିଳ୍ପୀ, ଚିତ୍ରଡା ଯାତ୍ରା ମଞ୍ଚର ବିଶିଷ୍ଟ କଳାକାର ନକୁଳ ଚନ୍ଦ୍ର ସାହୁଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହଳଦୀପାଳ ରାବଣପୋଡି ପଡିଆରେ ପ୍ରାୟ ୩୦ ଫୁଟର ରାବଣ ପୁତ୍ତଳିକା ତିଆରି କରାଯାଇଥିଲା। ଯାହାକୁ ଦେଖିବା ପାଇଁ ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।

## ମୃତକ ପରିବାରକୁ ଭେଟିଲେ ମନ୍ତ୍ରୀ

ମୋରଡା, ୬।୧୦(ସମିସ): ଲଘୁଚାପଜନିତ ଲଗାଣବର୍ଷା ଯୋଗୁଁ ଶୁକ୍ରବାର ବିଳମ୍ବିତ ରାତିରେ ସୁରେଇଡିହି ପଞ୍ଚାୟତ ଜାମଶୋଳ ଗ୍ରାମର ଗୁରୁଚରଣ ମହାନ୍ତଙ୍କ ପତ୍ନୀ ବାସନ୍ତୀ ମହାନ୍ତ (୫୪) ଶୋଇଥିବା ବେଳେ ତାଙ୍କ ଉପରେ ମାଟିକାନ୍ଥ ଭୁଶୁଡି ପଡ଼ିଥିଲା। ଫଳରେ ବାସନ୍ତୀ ଚାପିହୋଇ ରହିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଛନ୍ତି। ଏହି ଖବର ପାଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୃତକ ପରିବାରକୁ ଭେଟି ନୂତନ ଘର ଯୋଗାଇଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ



ହାଟଡିହୀ, ୬।୧୦(ସମିସ): ହାଟଡିହୀ ବ୍ଲକ ବଡ଼ରମ୍ପାସ ଗ୍ରାମ ଦକ୍ଷିଣସାହି ମହାବୀର ଯୁବକ ସଂଘ ପକ୍ଷରୁ ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା, ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଜଗମୋହନ ସାହୁ କର୍ତ୍ତା ଭାବେ ସଂକଳ୍ପରେ ବସିଥିଲେ। ନାମ ସଙ୍କୀର୍ତ୍ତନ, ଘଣ୍ଟ ଓ ହୁଳହୁଳି ଦିଆଯାଇ ମାଟି ସଂଗ୍ରହ କରାଯାଇଛି। ଚଳିତବର୍ଷ ବହୁ ଧୁମ୍‌ଧାମରେ ରାଧାକୃଷ୍ଣଙ୍କ ପୂଜା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ସଦସ୍ୟ ଶ୍ରୀଧର ସାହୁ, ପାର୍ଥସୌରଭ ସା, ଜନ୍ମେଜୟ ବେହେରା, ସୌମ୍ୟରଞ୍ଜନ ସାହୁ, ଆଲୋକ ମଣ୍ଡଳ, ଚୈତନ୍ୟ ଜେନା, ସତ୍ୟଜିତ ବେହେରା, ବିଚିତ୍ର ସାହୁ, ଶ୍ରୀକାନ୍ତ ସାହୁ, ନଗେନ୍ଦ୍ର ପାତ୍ର, ରାଜୀବ ଲୋଚନ ସାହୁ, ଅନୀଲ ସା, ରଙ୍ଗାଧର ଦାସ, ଟୁକୁ ସାହୁ, ମନୋରଞ୍ଜନ ଓଝା, ନିରଞ୍ଜନ ସାହୁ, ଓମ୍ ପ୍ରକାଶ ନାୟକ, ସୁବାଷ ସାହୁ, ବାପୁନୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ସ୍ୱେଚ୍ଛାସେବୀ ସଂଗଠନର ଭିନ୍ନକ୍ଷମ ଥେରାପି କେନ୍ଦ୍ର ପରିଦର୍ଶନ



ରାଇରଙ୍ଗପୁର, ୬।୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ରେଡି ଭୋଲଣ୍ଟିଅର୍ସ ରାଇରଙ୍ଗପୁର ଇରିଗେସନ କଲୋନୀରେ କାର୍ଯ୍ୟରତ ବୌଧିକ ଭିନ୍ନକ୍ଷମ ଥେରାପି କେନ୍ଦ୍ର ଭ୍ରମଣ କରିଥିଲେ। ସଂଗଠନର ଡାଇରେକ୍ଟର ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ପ୍ରୀତିରାଜ, ସୁଭଦ୍ରା ବାରିକ, ତୋପାଇ ବେହେରା, ଶମିତା ବେହେରା ପ୍ରମୁଖ ଭିନ୍ନକ୍ଷମଙ୍କୁ ଭେଟି ସେମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ମ୍ୟାନେଜର ଦୀପକ କୁମାର ମହାନ୍ତ ସମସ୍ତ ଭିନ୍ନକ୍ଷମଙ୍କ ପରିଚୟ କରାଇ ସେମାନଙ୍କ ବିଶେଷ ଗୁଣ ଉପରେ ଆଲୋକପାତ କରିଥିଲେ।

# ଜୁଲୁକ ଗ୍ରାମରେ ଜାତୀୟ ଭୂମିଜ ଭାଷା ଦିବସ ପାଳିତ

ଶୁଳିଆପଦା, ୬।୧୦(ସମିସ)



ଶୁଳିଆପଦା ବ୍ଲକ ଅନ୍ତର୍ଗତ ଜୁଲୁକ ଗ୍ରାମରେ ଜାତୀୟ ଭୂମିଜ ଭାଷା ଦିବସ ସମାରୋହରେ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥିରୂପେ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ମାତୃଭାଷା ସ୍ୱର୍ଗଠାରୁ ବଡ଼, ମାତୃଭାଷା ପ୍ରାଥମିକ ଶିକ୍ଷା ପାଇଁ କେତେ ଗୁରୁତ୍ୱ ସେ ନେଇ ବର୍ଣ୍ଣନା କରିଥିଲେ। ଆଗାମୀ ଦିନରେ ଭୂମିଜ ଭାଷାର ଉନ୍ନତି ନିମନ୍ତେ ଏହି ଭାଷାକୁ ପ୍ରାଥମିକ ଶିକ୍ଷାରେ ସାମିଲ କରିବାକୁ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତାଭାବେ ଦଳିତ ଆଦିବାସୀ ମହାସଂଘ ଓଡ଼ିଶାର ସଭାପତି ରାକେଶ ସିଂ ଭୂମିଜଙ୍କ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ ସର୍ବଦା ରହିଛନ୍ତି ଓ ରହିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାନତାନ୍ ପାଇକ ସିଂଙ୍କ ଦ୍ୱରରା ଲିଖିତ ଭୂମିଜ ବ୍ୟାକରଣ ପୁସ୍ତକ ''ଭୂମିଜ ବାଇରୁଆଳୀ', ଗୀତାମଣୀ ସିଂ ଓ ସୁଜାତା ସିଂଙ୍କ ଦ୍‌?ାରା ଲିଖିତ ଶିଶୁ କବିତା ସଙ୍କଳନ ''ପହା ଦାରୁ'ର ଉନ୍ମୋଚନ କରିଥିଲେ ସାଂସଦ। ଏହି ଅବସରରେ ଖେଳକୁଦ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ମାଟ୍ରିକ, +୨, +୩ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ଲେଖକ ଶ୍ରୀ ସପନ କୁ. ସର୍ଦାର ସଦସ୍ୟ, ଭାରତୀୟ ଆଦିବାସୀ ଭୂମିଜ ସମାଜ, ଝାଡ଼ଖଣ୍ଡର ମଙ୍ଗ ସିଂ ସାଣ୍ଡି ସମ୍ପାଦକ, ଭାରତୀୟ ଆଦିବାସୀ ଭୂମିଜ ସମାଜ କେନ୍ଦ୍ରୀୟ କମିଟି, ହେମେନ୍ଦ୍ର ସିଂ ଦଣ୍ଡା ସମ୍ପାଦକ ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା, ସୁଜାତା ସିଂ ସାଣ୍ଡି ସାଂସ୍କୃତିକ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

## ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ପ୍ରସ୍ତୁତି ବୈଠକ



କେନ୍ଦୁଝର, ୬।୧୦(ସମିସ): ଦୀର୍ଘ ୫୬ବର୍ଷ ଧରି କେନ୍ଦୁଝର ସହରର ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ ଆୟୋଜିତ ହେଉଥିବା କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ର ଜେନଙ୍କ ସଭାପତିତ୍ୱରେ ବୈଠକକୁ କମିଟିର ସଂଗଠକ ସମ୍ପାଦକ ଜୟକୃଷ୍ଣ ପଣ୍ଡା ପରିଚାଳନା କରି ଆଗାମୀ ମା'ଙ୍କର ପୂଜା କିଭଳି ସରସ ସୁନ୍ଦର ଓ ଶୃଙ୍ଖଳିତ ହୋଇପାରିବ ତାଉପରେ ବିଶେଷ ଗୁରୁତ୍ୱ ଦେବାକୁ କମିଟିର ସମସ୍ତ ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ପୂଜାମଣ୍ଡପକୁ ଆସିବେ ବୋଲି ସୂଚନା ଦେବା ସହ କମିଟିର ବରିଷ୍ଟ ସଭ୍ୟ ବିଲି ପଣ୍ଡା ଓ ମନୋଜ ବାରିକ ଙ୍କୁ ଏହା ଉପରେ ଦାୟିତ୍ୱ ଦେଇ ଥିବାବେଳେ ଏହି ପ୍ରସ୍ତାବକୁ ସଭ୍ୟ ମାନେ ସ୍ୱାଗତ କରିଥିଲେ। ଭିନ୍ନ ଆକର୍ଷଣୀୟ କରିବା ପାଇଁ କମିଟିର ବହୁ ବରିଷ୍ଠ ସଦସ୍ୟ, ନିମନ୍ତ୍ରିତ ବ୍ୟକ୍ତିବିଶେଷ ନିଜର ମତ ରଖିଥିଲେ। ପ୍ରାରମ୍ଭରେ କମିଟିର ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରାଯାଇଥିଲା। ପୂଜାର ପ୍ରାଣ ପ୍ରତିଷ୍ଠାତା ନେତ୍ରାନନ୍ଦ ନାଏକ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ବରିଷ୍ଠ ସଦସ୍ୟ ଶିବଶଙ୍କର ସାହୁ ବରିଷ୍ଠ ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସୁରେଶ ରାଉତ, ସତ୍ୟନାରାୟଣ ସାହୁ, ଦିଲ୍ଲୀପ ପଣ୍ଡା, ମନୋଜ ବାରିକ, ପ୍ରତାପ ପାତ୍ର, ନାରାୟଣ ନାଏକ, ତପନ ଘୋଷ, ଶଙ୍କର୍ଷଣ ବେହେରା, ଦେବାଶିଷ ମିଶ୍ର, ଲିଟୁ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହିତ ଯୁବ ସଦସ୍ୟମାନଙ୍କ ଦ୍ୱାରା ଅନେକ ଅଭିନବ ପ୍ରସ୍ତାବ ଗୃହୀତ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ।ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଦିନରେ

- ୧୮୪୦- ୱିଲିୟମ୍ ଦ୍ୱିତୀୟ ନେଦରଲ୍ୟାଣ୍ଡର ରାଜା ହେଲେ।
- ୧୯୧୯- ଗାନ୍ଧିଜୀଙ୍କ 'ନବଜୀବନ' ପତ୍ରିକା ପ୍ରକାଶିତ।
- ୧୯୫୦-ମଦର ଟେରେସା କଲିକତାରେ 'ମିସ୍‌ନାରିଜ୍ ଅଫ୍ ଚ୍ୟାରିଟି'ର ସ୍ଥାପନା କଲେ।
- ୧୯୫୨- ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା।
- ୧୯୯୨- ର୍‍ୟାପିଡ୍ ଆକ୍ସନ୍ ଫୋର୍ସର ସ୍ଥାପନା।
- ୨୦୦୦- ଜାପାନ ମାନବ କ୍ଲୋନିଂକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କଲା।
- ୨୦୦୪- ଜର୍ମାନୀ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଦାବିଦାରିକୁ ସମର୍ଥନ କଲା।

## ଗେମ୍ ଡିଟକ୍ସ ସେଣ୍ଟର



ଆଜିର ଡିଜିଟାଲ ଯୁଗରେ ଅନଲାଇନ୍ ଗେମ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତଙ୍କର କେବଳ ଏହା ମନୋରଞ୍ଜନର ସାଧନ ହୋଇ ରହି ନାହିଁ, ବରଂ ନିଶା ପାଲଟିଛି। ଏହା କେବଳ ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରୁନି ବରଂ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ଜୀବନର ବିଭିନ୍ନ ଦିଗ ଉପରେ ଏହା ନକରାତ୍ମକ ପ୍ରଭାବ ପକାଉଛି। ସେହିପରି ଏହି ସମସ୍ୟା କେବଳ ଭାରତର ନୁହେଁ, ବରଂ ଅନ୍ୟ ଦେଶର ପିଲାଙ୍କୁ ବି ଏହା ପ୍ରଭାବିତ କରୁଛି। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଚୀନ୍ ଏକ ବିଶେଷ ସେଣ୍ଟର ଆରମ୍ଭ କରିଛି। ଏଠାରେ ପିଲାଙ୍କୁ ଅନଲାଇନ୍ ଗେମ୍‌ରୁ ମୁକ୍ତି ଦେବା ପାଇଁ ସ୍ୱତନ୍ତ୍ର କୋର୍ସର ଆରମ୍ଭ କରାଯାଇଛି। ଏଠାରେ ଅନଲାଇନ୍ ଗେମ୍‌ରେ ଚିନ୍ତିତ ପିଲା ଓ ଯୁବପିଢ଼ିଙ୍କ ଲାଗି ଇ-ସ୍ପୋର୍ଟସ୍ କ୍ଲବ୍ ଏକ ନିଆରା କୋର୍ସ ଆରମ୍ଭ କରିଛି। ଏହି କ୍ଲବ୍‌ଟି ହେବେଇ ଅଞ୍ଚଳରେ ଅବସ୍ଥିତ। ଏହାର ମାଲିକ ଲୁ ଚେନହାଓ ୨୦୧୮ ମସିହାରେ ପ୍ରଫେସନାଲ ଗେମରଙ୍କୁ ତାଲିମ ଦେବା ଲାଗି ଏହି କ୍ଲବ୍ ଖୋଲି ଥିଲେ। ଯଦିଓ ଅଧିକାଂଶ ପିଲା ପ୍ରଫେସନାଲ ଗେମର୍ ହେବାର ସ୍ୱପ୍ନ ଦେଖୁଛନ୍ତି, ହେଲେ ସେମାନେ ପାଠପଢ଼ା ଓ ଜୀବନର ସମସ୍ୟାରୁ ଦୂରେଇ ରହିବା ଲାଗି ଗେମିଂ ନିଶାରେ ପଡ଼ିଯାଉଥିବାର ସେ ଦେଖିଥିଲେ। ଏହି କାରଣ ଯୋଗୁଁ ଲୁ ୨୦୨୩ ମସିହାରେ ଏଥିରୁ ନିବୃତ୍ତ ରହିବାର କୋର୍ସ ଆରମ୍ଭ କଲେ। ତେବେ ଏ କୋର୍ସର ଫି' ପିଲାଙ୍କ ନିଶାର ସ୍ତର ଉପରେ ନିର୍ଭର କରେ। ୨୨ ଦିନର ଏହି କୋର୍ସ କରିବା ପାଇଁ ଜଣକୁ ୧.୧୬ ଲକ୍ଷ ଟଙ୍କା ଦେବାକୁ ହେବ। ଏହି କୋର୍ସରେ ପିଲାଙ୍କୁ ସକାଳ ୯ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଲଗାତାର ଗେମ୍ ଖେଳିବା ପାଇଁ କୁହାଯାଏ। କେବଳ ଖାଇବା ଏବଂ ଜଗିଂ ସମୟରେ ସେମାନଙ୍କୁ ବ୍ରେକ୍ ମିଳେ। ଏପରି ଲଗାତାର ଗେମ୍ ଖେଳିବା ଦ୍ୱାରା ପିଲାମାନେ ଏହାକୁ ପାଠପଢ଼ାଠାରୁ ମଧ୍ୟ କଷ୍ଟକର ବୋଲି ଭାବି ନିଅନ୍ତି। ଏହା ସହ ଧୀରେ ଧୀରେ ପିଲା ଗେମ୍ ଖେଳିବାରୁ ନିବୃତ୍ତ ରୁହନ୍ତି। ଏବେ ସୁଦ୍ଧା ଏହି କ୍ଲବ୍ ୪ ହଜାର ପିଲାଙ୍କୁ ଟ୍ରେନିଂ ଦେଇଛି, ଏଥିରୁ ୮୫ ପ୍ରତିଶତ ଗେମିଂ ନିଶାରେ କବଳିତ ଥିଲେ। ଅନ୍ୟପଟେ ଭାରତରେ ଅନଲାଇନ୍ ଗେମ୍ ନିଶା ଯେଭଳି ଭାବେ ବଢ଼ୁଛି, ଏହି ପ୍ରକାର ଗେମ୍ ସେଣ୍ଟରର ଆବଶ୍ୟକତା ଥିବା କୁହାଯାଉଛି।



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବେ ମେଘନା ଗୁଲଜାରଙ୍କ ଫିଲ୍ମ 'ଦାୟରା'ର ସୁଟିଂ ଆରମ୍ଭ କରିଛନ୍ତି। କରିନାଙ୍କ ୨୫ ବର୍ଷର କ୍ୟାରିୟରର ଏହା ୬୮ତମ ଫିଲ୍ମ। ଏଥିରେ କରିନାଙ୍କ ସହ ସାଉଥ୍‌ର ଲୋକପ୍ରିୟ ଅଭିନେତା ପୃଥ୍ୱୀରାଜ ସୁକୁମାରନ ଦେଖାଯିବେ। ଏହା ଏକ କ୍ରାଇମ୍ ଡ୍ରାମା ଥ୍ରିଲର୍ ହେବ। ଏହା ଅପରାଧ, ଦଣ୍ଡ ଓ ନ୍ୟାୟ ମଧ୍ୟର ସଂଘର୍ଷକୁ ଉଜାଗର କରିବ। ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। କରିନା ସୁଟିଂ ସେଟ୍‌ର କିଛି ଫଟୋ ସେୟାର୍ କରିଛନ୍ତି। ଏହି ଫଟୋରେ କରିନା ବଲିଉଡ୍‌ର ପ୍ରସିଦ୍ଧ ଗୀତିକାର ଗୁଲଜାରଙ୍କ ସହ ଦେଖାଯାଇଛନ୍ତି। ତେବେ ସେ ଗୁଲଜାରଙ୍କୁ ଭେଟି ଖୁସିଥିବା ଫଟୋରୁ ଜଣାପଡୁଛି। ଏହାସହ କରିନା ସୁଟିଂ ସେଟ୍‌ର କିଛି ଭିଡିଓ ମଧ୍ୟ ସେୟାର୍ କରିଛନ୍ତି। ଭିଡିଓରେ ପୃଥ୍ୱୀରାଜ ଖାକି ବର୍ଦ୍ଦି ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରୁ ଫିଲ୍ମରେ ସେ ପୁଲିସ୍ ଅଫିସର ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। ତେବେ ସୁଟିଂ ସେଟ୍‌ର ଫଟୋ ଓ ଭିଡିଓ ଆସିବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି।

## ବିଶ୍ୱର ସବୁଠୁ ଛୋଟ ସାପ



ନିକଟରେ ବାରବାଡୋସ୍‌ର ବୈଜ୍ଞାନିକମାନେ ପାଖାପାଖି ୨୦ ବର୍ଷ ପରେ ପୁଣି ଥରେ ବିଶ୍ୱର ସବୁଠୁ ଛୋଟ ସାପର ସନ୍ଧାନ କରିଛନ୍ତି। ଏହି ସାପର ନାଁ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'। ଏହାର ଲମ୍ବ ୭.୫ରୁ ୧୦ ସେଣ୍ଟିମିଟର। ସେହିପରି ଏହି ସାପ ଏତେ ପତଳା ଯେ, ଛୁଞ୍ଚିର ଛେଦରେ ବି ପଶି ବାହାରି ପାରିବ। ତେବେ ଏହି ବର୍ଷ ମାର୍ଚ୍ଚ ମାସରେ ଏଠାକାର ଏକ ଛୋଟ ଜଙ୍ଗଲରେ ପରିବେଶ ବିଜ୍ଞାନୀ କର୍ଣ୍ଣର ବ୍ଲେଡସ୍ ଏକ ଗବେଷଣା କରୁଥିଲେ। ସେ ଏକ ପଥର ଉଠାଇବାରୁ ଏହାର ତଳେ ଅତ୍ୟନ୍ତ ପତଳା ବା ସୂତା ଭଳି ଜିନିଷ ଗୁଡ଼େଇ ହୋଇ ରହିଥିବା ସେ ଦେଖିବାକୁ ପାଇଲେ। ଏହାକୁ ସେ ନିରିଖେଇ ଦେଖିବାରୁ ଜାଣିବାକୁ ପାଇଲେ ଯେ, ଏହା କୌଣସି କୀଟ କି ପୋକ ନୁହେଁ, ବରଂ ସାପ। ୨୦ ବର୍ଷ ପୂର୍ବରୁ ଏହି ସାପକୁ ଦେଖାଯାଇଥିଲା। ଅନେକ ବିଶେଷଜ୍ଞ ଏହାକୁ ବିଲୁପ୍ତ ଘୋଷଣା କରିଛନ୍ତି। ହେଲେ କର୍ଣ୍ଣରଙ୍କ ଏହି ସନ୍ଧାନ ଏବେ ସମସ୍ତଙ୍କୁ ଚକିତ କରିଛି। ସାପଟିର ବିଶେଷତ୍ୱ ହେଉଛି ଏହା ଦେଖିପାରେ ନାହିଁ। ଏହା ଥରକରେ ଗୋଟିଏ ଅଣ୍ଡା ଦିଏ। ୧୮୮୯ ମସିହାରେ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'କୁ ପ୍ରଥମଥର ଦେଖିବାକୁ ମିଳିଥିଲା। ଏହାପରେ ଏହା ବହୁତ କମ୍ ଦେଖିବାକୁ ମିଳିଥିଲା। ୨୦ ବର୍ଷ ପରେ ଏହି ସାପ ପୁଣି ଥରେ ଦେଖାଯିବା ପରେ ଏହାକୁ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଏହାର ଶରୀରରେ ନାରଙ୍ଗୀ ରଙ୍ଗର ରେଖା ଏବଂ ନାକରେ ତରାଜୁ ଭଳି ଆକାର ଦେଖିବାକୁ ମିଳିଥିଲା। ଯାଞ୍ଚ ପ୍ରକ୍ରିୟା ପୂରା ହେବା ପରେ ଏହା ଥ୍ରେଡ୍ ସ୍ନେକ୍ ବୋଲି ଜଣାପଡ଼ିଥିଲା।



## ସୁବର୍ଣ୍ଣା



## ମକାରେ ଫଲ୍ ଆର୍ମିୱର୍ମ



ବର୍ତ୍ତମାନ ମକା ଚାଷୀଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମକା ଫସଲରେ ଫଲ୍ ଆର୍ମିୱର୍ମର ପ୍ରକୋପ ଅଧିକ ଦେଖିବାକୁ ମିଳିଥାଏ। ଫଲ୍ ଆର୍ମିୱର୍ମ ଏକ ବିନାଶକାରୀ କୀଟ। ଏହି କୀଟ ପୁରା ଫସଲକୁ ନଷ୍ଟ କରି ଦେଇଥାଏ। ଏହାର ଲାର୍ଭା, ମକା ପତ୍ର ଓ ମକାର ପ୍ରଜନନ ଅଙ୍ଗକୁ ଖାଇ ଖାଇ ନଷ୍ଟ କରିଦିଏ। ଉଦ୍ଭିଦ କୋଷକୁ କଣା କରି ଗଛକୁ ଖୋଲପା କରେ। ଫଳରେ ଫସଲ ନଷ୍ଟ ହୋଇଯାଏ। ତେଣୁ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଚାଷୀଭାଇମାନେ ନିୟମିତ ଫସଲର ଦେଖାରଖା କରିବା ଜରୁରି। ଯଦି କୀଟର ପ୍ରକୋପ ୧୦ ପ୍ରତିଶତରୁ କମ୍ ଥାଏ, ତେବେ ରାସାୟନିକ ଔଷଧ ସିଞ୍ଚନର ଆବଶ୍ୟକ ନ ଥାଏ। ଏହି ସ୍ଥାନରେ ନିମ୍ବ ଅର୍କ କିମ୍ବା ଜୈବିକ ଖତ ବ୍ୟବହାର କରିପାରିବେ। ଯଦି ପୋକର ପ୍ରକୋପ ୧୦ ପ୍ରତିଶତରୁ ଅଧିକ ଥାଏ, ତେବେ କ୍ଲୋରାଣ୍ଟ୍ରାନିଲିପ୍ରୋଲ କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ ୪ମିଲି ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ତେବେ ଏହି ଚାଷ ଆରମ୍ଭ ପୂର୍ବରୁ ଗଭୀର ହଳ କରିବା ସହ ମାଟିକୁ କିଛି ସମୟ ଖରାଦେବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଜମିକୁ ସଫା ଓ ସ୍ୱଚ୍ଛ ରଖିବା, ଘାସ ନିୟନ୍ତ୍ରଣ ଏବଂ ବରୁଗୁଡି କିମ୍ବା ନେପିୟର ଘାସ ଲଗାଇପାରିବେ। ଡାଲିଜାତୀୟ ଫସଲ ସହିତ ଅନ୍ତଃଫସଲ ଲଗାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

## ଫସଲରୁ ରୋଗ ଚିହ୍ନିବ ଏଆଇ



ଭାରତ ଏକ କୃଷିପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଭିନ୍ନ କାରଣରୁ ଚାଷୀମାନେ ଫସଲରୁ ସହଜରେ ରୋଗ ଓ ପୋକ ଚିହ୍ନଟ କରିପାରିନଥାନ୍ତି। ଫଳରେ କୀଟନାଶକ ସିଞ୍ଚନ ପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ହେଲେ ଏବେ ଏଆଇ ଏହି ସମସ୍ୟାକୁ ଦୂର କରିବ । ହରିୟାଣା, ରୋହତାକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଏକ ସ୍ମାର୍ଟ କୌଶଳ ବିକଶିତ କରିଛନ୍ତି। ଏହା ଫସଲରେ ଲାଗୁଥିବା ରୋଗପୋକକୁ ଶୀଘ୍ର ଚିହ୍ନଟ କରିବ। ବୈଜ୍ଞାନିକମାନେ କଲରା ପତ୍ରରେ ରୋଗ ଓ ପୋଷକତତ୍ତ୍ୱର ଅଭାବ ବିଷୟରେ ଜାଣିବାକୁ ଡିପ୍ ଲର୍ଣ୍ଣିଂ ସାହାଯ୍ୟରେ ଏଆଇ ମଡେଲ ପ୍ରସ୍ତୁତ କରିଥିଲେ । ଏହା ଏକ ୱେବ୍ ଆପ୍ଲିକେଶନ। ଏହାର ନାଁ ଦିଆଯାଇଛି ଏଗ୍ରିକ୍ୟୁରୋ। ଏହି ଏଆଇ ଟୁଲ୍ କେବଳ କଲରା ନୁହେଁ, କଖାରୁଜାତୀୟ ସମେତ ଅନ୍ୟ ଫସଲରେ ଲାଗୁଥିବା ରୋଗପୋକକୁ ନିରୀକ୍ଷଣ କରିବ। ଫଳରେ ଚାଷୀମାନେ ଫସଲରେ ପ୍ରାରମ୍ଭିକ ଅବସ୍ଥାରୁ କୀଟ ଚିହ୍ନଟ କରି ଏହାକୁ ସହଜରେ ନିୟନ୍ତ୍ରଣ କରିପାରିବେ। ଏନେଇ ଏଆଇ ଟୁଲ୍ ସ୍ମାଟଫୋନ୍‌ରୁ ନେଇଥିବା ଫଟୋ ସାହାଯ୍ୟରେ ଫସଲର ନିମ୍ନମୁଖୀ ପତ୍ରପୋଡ଼ା ରୋଗ ସମେତ ଯବକ୍ଷାରଜାନ, ପଟାସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱର ଅଭାବ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ। ତା ସହିତ ଉପରୋକ୍ତ ସମସ୍ୟାର ସମାଧାନ ସୂତ୍ର ମଧ୍ୟ ଏଆଇ ବତାଇପାରିବ। ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜବୀର ସିଂହ କୁହନ୍ତି, ଏହି କୌଶଳକୁ ଏବେ ଡ୍ରୋନ୍ ଏବଂ ଆଇଓଟି ଉପକରଣ ସହିତ ସଂଯୋଗ କରିବାକୁ ଯୋଜନା କରାଯାଉଛି। ଏଆଇ ଆଧାରିତ କୌଶଳଟି ଚାଷୀଙ୍କ ପାଇଁ ବରଦାନ ସଦୃଶ ହେବ।

## ପାଣିରେ ଅଦା ଚାଷ

**ଭାରତୀୟ ରୋଷେଇ ଘରେ ଅଦା ଏକ ଅତ୍ୟାବଶକୀୟ ସାମଗ୍ରୀ। ଖାଦ୍ୟର ସ୍ୱାଦ ବଢ଼ାଇବାକୁ ଅଦାକୁ ମସଲା ଭାବେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତେବେ ଅଧିକାଂଶ ନିଜ ଘର ବାଡ଼ି ବଗିଚାରେ କୁଣ୍ଡ ଦ୍ୱାରା ଅଦା ଲଗାଇଥାନ୍ତି। ହେଲେ ଏବେ ପାଣିରେ ବି ଅଦା ଚାଷ ହୋଇପାରିବ।**



ପାଣିରେ ଅଦା ଫଳାଇବାକୁ ଉନ୍ନତ କିସମ ଅଦା ତଥା ତଟକା, ମୋଟା ଏବଂ ଗଜା ଥିବା ଅଦା ବାଛି ପାରିବେ। ସଢ଼ା କିମ୍ବା ଫିମ୍ପି ମାରି ଥିବା ଅଦା ବ୍ୟବହାର କରିବା ଅନୁଚିତ। ଅଦା ରାତିସାରା ପାଣିରେ ଭିଜିଲେ ଶୀଘ୍ର ଗଜା ହୋଇଥାଏ। ଏହା ଏକ ଇଞ୍ଚରୁ ଦେଢ଼ ଇଞ୍ଚ ରହିବା ଆବଶ୍ୟକ। ପରେ କାଚ ଜାର୍‌ରେ ପାଣି ନେଇ ଜାର୍‌ଟିକୁ ସୂର୍ଯ୍ୟକିରଣ ପଡୁଥିବା ଓ ବାୟୁଚଳାଚଳ ହେଉଥିବା ସ୍ଥାନରେ ରଖିପାରିବେ। ମନେ ରଖିବେ, ଅଦା ଚେର ପାଣିକୁ ହାଲୁକା ଛୁଇଁବା ଆବଶ୍ୟକ। ପାଣିରେ ଅଦା ବୁଡି ନ ଯାଏ ତାହା ଧ୍ୟାନ ଦେବେ। ଜାର୍‌ର ପାଣିକୁ ପ୍ରତି ୨ରୁ ୩ ଦିନ ଅନ୍ତରରେ ବଦଳାଇବା ଜରୁରି। ଏହାଦ୍ୱାରା କବକ ଏବଂ ଜୀବାଣୁମୁକ୍ତ ହୋଇଥାଏ। ଯଦି ଚାହିଁବେ, ପାଣିରେ ଲେମ୍ବୁରସ ବୁନ୍ଦା ପକାଇ ପାରିବେ। ଏହି ପ୍ରକ୍ରିୟାରେ ୮ରୁ ୧୦ ଦିନରେ ଅଦାରେ ଛୋଟ ଛୋଟ ଗଜା ବାହାରିବାକୁ ଲାଗେ। ଅଦା ୬ରୁ ୮ ଇଞ୍ଚ ବଢ଼ିଗଲେ, ଏହାକୁ ହାଲୁକା ମାଟି କିମ୍ବା ଖତ ଦେଇ ଲଗାଇପାରିବେ।

## କୃଷି ପାଣିପାଗ


### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।
- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜବ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ବର୍ଷା ପରେ ବାଇଗଣ, ଟମାଟୋ ଓ ଲଙ୍କା ଗଛ ମୂଳରେ ପାଣି ଜମି ରହିଲେ କବକ ଜନିତ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ଏଥିପାଇଁ ଗଛ ମୂଳରେ ଅଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ। ଜମିରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ।
- କୁକୁଡ଼ା ଚିଆଁମାନେ ୩ରୁ ୪ସପ୍ତାହର ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ପ୍ରତିଷେଧକ ଟିକାକରଣ କରାନ୍ତୁ।

## କୁକୁଡ଼ାଙ୍କ ଟିକାକରଣ ପରର ସତର୍କତା

**ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ାପାଳନ କରି ଜୀବିକା ନିର୍ବାହ କରନ୍ତି। ତେବେ କୁକୁଡ଼ାମାନଙ୍କ ଶରୀର ବୃଦ୍ଧି ତଥା ବିଭିନ୍ନ ରୋଗ ଯଥା - ମାରେକ୍ସ, ରାଣୀକ୍ଷେତ, ଗୁମ୍ବୋରୋ, ଫାଉଲ୍‌ପକ୍ସ ଆଦି ନିରାକରଣ ପାଇଁ ସେମାନଙ୍କୁ ବୟସ ଅନୁସାରେ ଟିକା ଦେବାର ବ୍ୟବସ୍ଥା ଅଛି। ତେବେ ଟିକାକରଣ ପରେ କୁକୁଡ଼ାମାନଙ୍କର ବିଶେଷ ଯତ୍ନ ନେବା ଆବଶ୍ୟକ।**

- ସର୍ବଦା ସନ୍ଧ୍ୟା ସମୟରେ ପାଳନ କରାଯାଉଥିବା ସମସ୍ତ କୁକୁଡ଼ାମାନଙ୍କୁ ଟିକା ଦେବା ଉଚିତ। ଟିକାକରଣ ପରେ କୁକୁଡ଼ାଙ୍କୁ କିଛି ସମୟ ପାଇଁ ଶାନ୍ତ ବାତାବରଣରେ ଆରାମ ଦେବାର ବନ୍ଦୋବସ୍ତ କରନ୍ତୁ। ଅଯଥା ଗହଳି, ଶବ୍ଦ କରିବା ଅନାବଶ୍ୟକ।
- ସେମାନଙ୍କ ପାଖେ ପର୍ଯ୍ୟାପ୍ତ ମାତ୍ରାର ପିଇବା ପାଣି ରଖନ୍ତୁ। ଯଦି ପାଣି ମାଧ୍ୟମରେ ଟିକା ଦିଆଯାଇଛି ତେବେ ଏକ ଘଣ୍ଟା ପରେ ପାଣି ବଦଳାଇପାରିବେ।
- ସେହିପରି ଟିକା ଦେବା ପରେ କିମ୍ବା ତିନି ଦିନ ପୂର୍ବରୁ ପାଣିରେ ଇଲେକ୍ଟ୍ରୋଲାଇଟସ୍, ସପ୍ଲିମେଣ୍ଟ, ଗ୍ଲୁକୋଜ କିମ୍ବା ଭିଟାମିନ୍ ମିଳାଇ କୁକୁଡ଼ାଙ୍କୁ ପିଇବାକୁ ଦେଇପାରିବେ।
- ଟିକାର ଏକ୍ସପାଏରୀ ତାରିଖ, ସଂରକ୍ଷଣ, କୋଲ୍ଡଚେନ୍ ଠିକ୍ ଭାବେ ହୋଇଛି କି ନାହିଁ ତାହାକୁ ଧ୍ୟାନ ଦିଅନ୍ତୁ। କୁକୁଡ଼ାମାନଙ୍କର ସମସ୍ତ ଟିକା ସିଡ୍ୟୁଲ ଅନୁସାରେ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଲେ, ସେମାନଙ୍କଠାରେ ରୋଗପ୍ରତିରୋଧକ କ୍ଷମତା ବଢ଼ିଥାଏ।
- ଧ୍ୟାନ ଦେବେ ରୋଗାଗ୍ରସ୍ତ କୁକୁଡ଼ା, ଅସୁସ୍ଥତା ଅନୁଭବ କରୁଥିବା କୁକୁଡାଙ୍କୁ ଟିକା ଦେବା ଅନୁଚିତ।



## ଧାବିକା ଧନଲକ୍ଷ୍ମୀ ସାମୟିକ ବାସନ୍ଦ



ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ତାମିଲନାଡୁର ଜଣାଶୁଣା ଧାବିକା ଧନଲକ୍ଷ୍ମୀ ଶେକର ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଗତ ଜୁଲାଇ ୨୭ରେ ପଞ୍ଜାବରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍ଲେଟିକ୍ସ ମିଟ୍ ଅବସରରେ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଯାହାର ରିପୋର୍ଟ ସଦ୍ୟ ପ୍ରକାଶ ପାଇଥିଲା। ଏଥିରେ ୨୭ ବର୍ଷୀୟା ଧନଲକ୍ଷ୍ମୀଙ୍କ ରିପୋର୍ଟ ପଜିଟିଭ ଆସିଛି। ସେ ଷ୍ଟେରଏଡ୍ ଡ୍ରୋଷ୍ଟାନୋଲୋନ ସେବନ କରିଥିବା ଜଣାପଡ଼ିଛି। ଫଳରେ ଧନଲକ୍ଷ୍ମୀଙ୍କୁ ତୁରନ୍ତ ସାମୟିକ ବାସନ୍ଦ କରାଯାଇଛି। ଧନଲକ୍ଷ୍ମୀ ୨୦୨୨ରେ ପ୍ରଥମଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ଏଥିଲାଗି ତାଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ଗତ ଜୁଲାଇ ୧୭ରେ ସେ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରି ପଞ୍ଜାବ ମିଟ୍‌ରେ ଭାଗନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏଥିରେ ସେ ୧୦୦ ମିଟର ରେସକୁ ୧୧.୫୫ ସେକେଣ୍ଡରେ ଫିନିଶ କରି ପୋଡିୟମ ଶୀର୍ଷରେ ରହିଥିଲେ। ଉଲ୍ଲେଖଯୋଗ୍ୟ, ଧନଲକ୍ଷ୍ମୀ ଏବେ ୮ ବର୍ଷ ବାସନ୍ଦ ହୋଇପାରନ୍ତି। ଜଣେ ଆଥ୍ଲେଟ୍ କ୍ୟାରିୟରରେ ଦ୍ୱିତୀୟଥର ଡୋପ୍ ଟେଷ୍ଟରେ ବିଫଳ ହେଲେ ୮ ବର୍ଷ ବାସନ୍ଦ ହେବାର ନିୟମ ରହିଛି। ଯଦି ସେ ଅଜାଣତରେ ନିଷିଦ୍ଧ ଔଷଧ ସେବନ କରିଥାନ୍ତି ତେବେ ତାଙ୍କ ଦଣ୍ଡାଦେଶ କୋହଳ ହୋଇପାରେ। ଧନଲକ୍ଷ୍ମୀ ସେବନ କରିଥିବା ଡ୍ରୋଷ୍ଟାନୋଲୋନ ଏକପ୍ରକାର ଷ୍ଟେରଏଡ୍। ଯାହାକି ଶରୀରକୁ ମାଂସପେଶୀ ଓ ଶକ୍ତି ବୃଦ୍ଧିରେ ସହାୟତା କରିଥାଏ।

## ସାଂଘାଇ ମାଷ୍ଟର୍ସରୁ ଜ୍ୱେରେଭ ବିଦା

ସାଂଘାଇ, ୬।୧୦ (ଏଜେନ୍ସି): ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଲେକ୍ସଜାଣ୍ଡର ଜ୍ୱେରେଭ ଚଳିତ ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୩୨'ର



ଏକ ମ୍ୟାଚରେ ଜର୍ମାନୀର ଜ୍ୱେରେଭ ୬-୪, ୩-୬, ୨-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ଥିବା ଫ୍ରାନ୍ସର ଆର୍ଥର ରିନଡେର୍କନେଚ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପ୍ରଥମ ସେଟ୍‌ରେ ଜ୍ୱେରେଭ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ଆର୍ଥର ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ହାତେଇନେଇଥିଲେ। ୩୦ ବର୍ଷୀୟ ଆର୍ଥର ତାଙ୍କ କ୍ୟାରିୟରରେ ୩ୟଥର ଲାଗି କୌଣସି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ପ୍ରି-କ୍ୱାର୍ଟରରେ ସେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ଭେଟିବେ। ପୂର୍ବରୁ ଅନ୍ୟ ଏକ ମ୍ୟାଚରେ ଆଲେକ୍ସ ଡି ମିନାଉର୍ ୬-୧, ୭-୫ ସିଧାସଳଖ ସେଟରେ କାମିଲ ମାଜଚାଜାକଙ୍କୁ ହରାଇ ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି।

### ଆବିୟା ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦ ଜିତିଲେ ୩ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬।୧୦ (ସମିସ)



ତାରକା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି। ନାଇଜେରିଆର ଆବିୟା ରାଜ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରମୋଦ ୩ଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୭, ୯-୨୧, ୨୧-୯ରେ ସାଥୀ ଭାରତୀୟ ଖେଳାଳି ମଣ୍ଟୁ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଏହାପରେ ପ୍ରମୋଦ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏଥିରେ ସେ ଭାରତର ସୁକାନ୍ତ କଦମଙ୍କୁ ସାଥୀ କରି ୨୧-୧୩, ୨୧-୧୭ରେ ପେରୁର ଗେରସନ ଜାରି ଓ ଡିଆନା ଗୋଲାକ ଯୋଡ଼ିଙ୍କୁ ହରାଇଥିଲେ। ୩୭ ବର୍ଷୀୟ ପ୍ରମୋଦ ନିଜର ୩ୟ ସ୍ୱର୍ଣ୍ଣ ପଦକ ମିକ୍ସଡ ଇଭେଣ୍ଟରୁ ପାଇଥିଲେ।

ମିକ୍ସଡ ଫାଇନାଲରେ ପ୍ରମୋଦ ଓ ଆରତୀ ପାଟିଲଙ୍କୁ ସାଥୀ କରି ବିଜୟୀ ହୋଇଥିଲେ। 'ପ୍ରତ୍ୟେକ ବିଜୟ ମୋତେ ଆଗକୁ ବଢ଼ାଇବାକୁ ପ୍ରେରଣା ଯୋଗାଇଥାଏ। ଏଭଳି ଅନ୍ତର୍ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିବା ସର୍ବଦା ସ୍ୱତନ୍ତ୍ର' ବୋଲି ୩୭ ବର୍ଷୀୟ ପ୍ରମୋଦ ଭଗତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଏହି ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ବର୍ଷରେ ନିଜ ଠିକଣା ପ୍ରଦାନ କରିବାରେ ବିଫଳ ହେବାରୁ ବାସନ୍ଦର ସମ୍ମୁଖୀନ ହୋଇଥିଲେ। ଯେଉଁଥି ପାଇଁ ସେ ପ୍ୟାରିସ ପାରା ଅଲିମ୍ପିକ୍ସରୁ ବଞ୍ଚିତ ହୋଇଥିଲେ।

### ଓଡ଼ିଶା ଖେଳାଳିଙ୍କ ଚମକ

ପ୍ରମୋଦଙ୍କ ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ୩ଜଣ ଖେଳାଳି ନୁରୂଲ ହୋସେନ ଖାନ, କୁଲଦୀପ୍ ମହାକୁଳ ଓ ବିଶ୍ୱରଞ୍ଜନ ପଣ୍ଡା ମଧ୍ୟ ପଦକ ସଫଳତା ପାଇଛନ୍ତି। ନୁରୂଲ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ ଇଭେଣ୍ଟରେ ରୌପ୍ୟ ଏବଂ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି କୁଲଦୀପ୍ ଓ ବିଶ୍ୱରଞ୍ଜନ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। କୁଲଦୀପ୍ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ ଇଭେଣ୍ଟରେ ଏବଂ ବିଶ୍ୱରଞ୍ଜନ ଡବଲ୍ସର ଏସ୍‌ୟୁ-୫ ଇଭେଣ୍ଟରେ ଅଂଶଗ୍ରହଣ କରି ଏହି ସଫଳତା ପାଇଥିଲେ।

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ଚାମ୍ପିଅନସିପ୍

## ବିଜୟରୁ ଭାରତର ଅଭିଯାନ ଆରମ୍ଭ

ଗୌହାଟୀ, ୬।୧୦ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଆୟୋଜକ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଭାରତୀୟ ମିକ୍ସଡ ଟିମ୍ ଦଳ ପ୍ରଥମ ମ୍ୟାଚରେ ୪୫-୧୮, ୪୫-୧୭ ଗେମରେ ନେପାଳକୁ ହରାଇଥିଲା। ଏହି ମ୍ୟାଚରେ ବାଳକ ଡବଲ୍ସରେ ଭାରତର ଭାର୍ଗବ ରାମ ଓ ବିଶ୍ୱ ତେଜ୍ ଯୋଡ଼ି ୯-୩ରେ ବିଜୟୀ ହୋଇଥିଲେ। ସେହିଭଳି ବାଳିକା ଉନ୍ନତି ହୁଡା ଓ ତନଭୀ ଶର୍ମା ମଧ୍ୟ ସହଜରେ ନେପାଳ ପ୍ରତିପକ୍ଷ ଖେଳାଳିଙ୍କୁ ପରାସ୍ତ କରିଥିଲେ। ଏହି ଚାମ୍ପିଅନସିପ୍‌ରେ ମୋଟ୍ ୩୬ଟି ଦଳକୁ ୮ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏଚ୍'ରେ ସ୍ଥାନ ପାଇଥିବା ଆୟୋଜକ ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଶ୍ରୀଲଙ୍କାକୁ ଏବଂ ବୁଧବାର ୟୁଏଇ ସହ ଖେଳିବ। ଉଦ୍‌ଘାଟନୀ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଶ୍ରୀଲଙ୍କା ୩୦-୪୫, ୪୫-୩୪, ୪୫-୪୪ରେ ଶ୍ରୀଲଙ୍କାକୁ, ଚାଇନା ୪୫-୧୪, ୪୫-୧୦ରେ ଘାନାକୁ, କୋରିଆ ୪୫-୨୨, ୪୫-୨୯ରେ ହଙ୍ଗେରୀକୁ ହରାଇଥିଲା।

## ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜ୍ କ୍ରିକେଟର୍ ଜୁଲିଏନ୍‌ଙ୍କ ପରଲୋକ

ତ୍ରିନିଦାଦ୍, ୬।୧୦(ଏଜେନ୍ସି): ୱେଷ୍ଟଇଣ୍ଡିଜ ପୂର୍ବତନ ଅଲରାଉଣ୍ଡର ବର୍ଣ୍ଣାଡ ଜୁଲିଏନଙ୍କ ନର୍ଥ ତ୍ରିନିଦାଦର ଟାଉନ୍ ଅଫ୍ ଭାଲସେନରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ସେ ମୁଖ ଗହ୍ୱର କର୍କଟ ରୋଗରେ ପୀଡିତ ଥିଲେ। ଜୁଲିଏନ ୧୯୭୫ ବିଶ୍ୱକପ୍ ଚାମ୍ପିଅନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ। ତାଙ୍କ ଦେହାନ୍ତରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଏକ୍ସରେ



ପୋଷ୍ଟ କରି ଶୋକ ଜାହିର କରିଛି। ୧୯୭୩ ଜୁଲାଇ ୨୬ରେ ସେ ପ୍ରଥମ ଟେଷ୍ଟ ଖେଳିବା ସହ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଜୁଲିଏନ୍ ତାଙ୍କ କ୍ୟାରିଅରରେ ୨୪ ଟେଷ୍ଟ ଓ ୧୨ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ଅନ୍ତର୍ଜାତୀୟ କ୍ରିକେଟରେ ୬୮ଟି ୱିକେଟ ନେବା ସହ ୯୫୨ ରନ ସଂଗ୍ରହ କରିଥିଲେ। ଟେଷ୍ଟ ଫର୍ମାଟରେ ସେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ଅର୍ଜନ କରିବା ସହ ୫୦ଟି ୱିକେଟ ଅକ୍ତିଆର କରିଥିଲେ। ସେହିପରି ଦିନିକିଆ ଫର୍ମାଟରେ ସେ ୧୮ଟି ୱିକେଟ ଅକ୍ତିଆର କରିଥିଲେ। ୧୯୭୫ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ସେ ୩୭ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ୨୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚକୋଟୀର ବାମହାତୀ ଦ୍ରୁତ ବୋଲର ସହ ହାର୍ଡ ହିଟର ବ୍ୟାଟର ଥିଲେ। ବର୍ଣ୍ଣାଡ ୧୯୭୦ରୁ ୧୯୭୭ ମଧ୍ୟରେ କେଣ୍ଟ ଟିମ୍ ତରଫରୁ ଇଂଲିଶ କାଉଣ୍ଟି ଖେଳିଥିଲେ। ସେ ୧୯୬୮ରୁ ୧୯୮୨ ମଧ୍ୟରେ ତ୍ରିନିଦାଦ ଓ ଟବାଗୋ ଦଳ ତରଫରୁ ଘରୋଇ କ୍ରିକେଟ ଖେଳିଥିଲେ।

## ଟି-୨୦ ସିରିଜ୍‌ରେ ବାଂଲାଦେଶର କ୍ଲିନ୍ ସୁଇପ୍





### ଆଫଗାନିସ୍ତାନ ୬ ୱିକେଟରେ ପରାସ୍ତ

ଶାରଜା, ୬।୧୦(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି-୨୦ ମୁକାବିଲାରେ ବାଂଲାଦେଶ ଦୁଇ ଓଭର ବାକି ଥାଇ ୬ ୱିକେଟରେ ବିଜୟ ହାସଲ କରିଛି। ଏଥିସହ ବାଂଲାଦେଶ ସମସ୍ତ ମ୍ୟାଚ୍ ଜିତି ୩-୦ରେ କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୯ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୮ ଓଭରରେ ୪ ୱିକେଟ ହରାଇ ୧୪୪ ରନକରି ବିଜୟ ହାସଲ କରିଥିଲା। ସୈଫ୍ ହାସନ ୩୮ ବଲ୍‌ର ସମ୍ମୁଖୀନ ହୋଇ ୨ ଚୌକା ଓ ୭ ଛକା ସହ ଅପରାଜିତ ୬୪ ରନ୍‌ର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାନଜିଦ ହାସନ ୩୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ପାଇଁ ମୁଜିବ ଉର ରହମାନ ୨, ଆଜମାତୁଲ୍ଲା ଓମରଜାଇ ଓ ଅବଦୋଲ୍ଲ ଅହମ୍ମଦ ଜାଇ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ତରଫରୁ ଦାରୱିସ ରାସୁଲି ସର୍ବାଧିକ ୩୨, ସେଦିକୁଲ୍ଲା ଅଟଲ ୨୮ ଓ ମୁଜିବ ଉର ରହମାନ ଅପରାଜିତ ୨୩ ରନ ସଂଗ୍ରହ କରିଥିଲେ। ବାଂଲାଦେଶ ତରଫରୁ ମହମ୍ମଦ ସୈଫୁଦ୍ଦିନ ୩, ନାସୁମ ଅହମ୍ମଦ ଓ ତାଞ୍ଜିମ ହାସନ ସାକିବ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ବାଂଲାଦେଶ ପ୍ରଥମ ଟି-୨୦ରେ ୪ ୱିକେଟରେ ଓ ଦ୍ୱିତୀୟ ଟି-୨୦ରେ ୨ ୱିକେଟରେ ବିଜୟ ହାସଲ କରିଥିଲା। ବାଂଲାଦେଶ ସୈଫ୍ ହାସନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ନାସୁମ ଅହମ୍ମଦ ସିରିଜରେ ମୋଟ୍ ୫ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏବେ ଦୁଇ ଦେଶ ଦିନିକିଆ ସିରିଜରେ ପରସ୍ପରକୁ ଭେଟିବେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନିକିଆ ମ୍ୟାଚ୍ ଯଥାକ୍ରମେ ଅକ୍ଟୋବର ୮, ୧୧ ଓ ୧୪ ତାରିଖରେ ଖେଳାଯିବ।

## ପାକିସ୍ତାନ ବ୍ୟାଟର୍ ଅମିନଙ୍କ ୫୦ ପ୍ରତିଶତ ଫି' କଟିଲା





ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଆୟୋଜକ ଭାରତ ୮୮ ରନରେ ପାକିସ୍ତାନ ଦଳକୁ ମାତ୍ ଦେଇଥିଲା। ରବିବାର କଲମ୍ବୋର ଆର୍ ପ୍ରେମଦାସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୪୭ ରନ କରିଥିଲା। ଜବାବରେ ପାକିସ୍ତାନ ୪୩ ଓଭରରେ ୧୫୯ ରନରେ ଅଲ୍‌ଆଉଟ୍ ହୋଇ ଲଜ୍ଜାଜନକ ପରାଜୟବରଣ କରିଥିଲା। ଏହି ମ୍ୟାଚରେ ୮୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର୍ ସିଦ୍ରା ଅମିନଙ୍କ ଉପରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବଡ଼ ଜରିମାନା ଲଗାଇଛି। ଆଇସିସି ତାଙ୍କ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଅର୍ଥରାଶି କାଟିଦେଇଛି। ମ୍ୟାଚରେ ଅମିନ ୪୦ତମ ଓଭରରେ ସ୍ନେହ ରାଣାଙ୍କ ବଲରେ ଅଧିନାୟିକା ହର୍‌ମନପ୍ରୀତ୍ କୌରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ତେବେ ଆଉଟ୍ ହେବାପରେ ରାଗିଯାଇ ସେ ବ୍ୟାଟ୍‌କୁ ଭୂମିରେ ଶକ୍ତ ଆଘାତ କରିଥିଲେ। ଯାହାକି ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଂଘନ କରିଥିଲା। ଆଇସିସିର ଏହି ଧାରା ଅନୁଯାୟୀ, ଯଦି ଖେଳାଳି ମ୍ୟାଚ୍ ସମୟରେ କ୍ରିକେଟ୍ ଉପକରଣ, ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାନ୍ତି ତେବେ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇଥାଏ।

### ଆଇସିସି ମହିଳା ବିଶ୍ୱକପ୍

## ବ୍ରିଟ୍ସଙ୍କ ଶତକ, ମାଲ୍‌ବାଙ୍କୁ ୪ ୱିକେଟ୍

ଇନ୍ଦୋର, ୬।୧୦ (ଏଜେନ୍ସି)




ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୭ମ ଦିବସରେ ସୋମବାର ଦୁଇ ଶକ୍ତିଶାଳୀ ଦଳ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ଅଧିନାୟିକା ସୋଫି ଡିଭାଇନଙ୍କ ଅର୍ଦ୍ଧଶତକ ବଳରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦଳ ୩୮ ଓଭରରେ ୪ଟି ୱିକେଟ୍ ହରାଇ ୨୧୪ ରନ ସଂଗ୍ରହ କରିଛି। ତାଜମିନ ବ୍ରିଟ୍ସ ୧୦୧ ରନର ଶତକୀୟ ପାଳି ଖେଳିଛନ୍ତି। ପୂର୍ବରୁ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମ ମ୍ୟାଚରେ ୮୯ ରନରେ ଅଷ୍ଟ୍ରେଲିଆ ମହିଳା ଦଳଠାରୁ ପରାସ୍ତ ହୋଇଥିଲା। ସେହିଭଳି ଦକ୍ଷିଣ ଆଫ୍ରିକା ୧୦ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ହାରିଥିଲା।

ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଇନିଂସର ପ୍ରଥମ ବଲରେ ଦଳ ନିର୍ଭରଯୋଗ୍ୟ ଓପନର୍ ସୁଜି ବେଟ୍ସଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ନ୍ୟୁଜିଲାଣ୍ଡ ୪୭.୫ ଓଭରରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ସୋଫି ସର୍ବାଧିକ ୮୫ ରନ କରିଥିଲେ। ୯୮ ବଲର ପାଳିରେ ସେ ୯ଟି ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରୁକ୍ ହଲିଡେ ୪୫, ଜର୍ଜିଆ ପ୍ଲିମର ୩୧, ଆମେଲିଆ କେର୍ ୨୯ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବାମହାତୀ ସ୍ପିନର ନନକୁଲୁଲେକୋ ମାଲ୍‌ବା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
**ଇଂଲଣ୍ଡ-ବାଂଲାଦେଶ**
**ଆରମ୍ଭ : ଅପରାହ୍ନ ୩ଟା**
**ସ୍ଥାନ : ଗୌହାଟୀ**

## ମିତାଲିଙ୍କ ନାମରେ ନାମିତ ହେବ ବିଶାଖାପାଟଣା ଷ୍ଟାଡିୟମ ଷ୍ଟାଣ୍ଡ



ବିଶାଖାପାଟନମ, ୬।୧୦(ଏଜେନ୍ସି): ସ୍ଥାନୀୟ ୱାଇଏସ୍‌ଆର ରାଜ ଶେଖର ରେଡ୍ଡୀ ଏସିଏ- ଭିଡିସିଏ ଷ୍ଟାଡିୟମରେ ପୂର୍ବତନ ଭାରତୀୟ ମହିଳା ଅଧିନାୟିକା ମିତାଲି ରାଜ ଓ ରବି କଳ୍ପନାଙ୍କ ସମ୍ମାନରେ ଦୁଇଟି ଷ୍ଟାଣ୍ଡ ନାମିତ ହେବ। ଅକ୍ଟୋବର ୧୨ରେ ଏହି ଦୁଇଟି ଷ୍ଟାଣ୍ଡର ଉଦ୍‌ଘାଟନ କରାଯିବ। ଏହି ଦିନ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ। ଏହି ହାଇପ୍ରୋଫାଇଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଦୁଇଟି ଷ୍ଟାଣ୍ଡ ଦୁଇ କିମ୍ବଦନ୍ତୀ ମହିଳା ଖେଳାଳିଙ୍କ ନାମରେ ନାମିତ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି। ୪୨ ବର୍ଷୀୟା ମିତାଲି ଦୀର୍ଘ ୨୩ ବର୍ଷର କ୍ୟାରିଅରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୨ଟି ଟେଷ୍ଟ ଓ ୨୩୨ଟି ଦିନିକିଆ ଓ ୮୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ମିତାଲି ଟେଷ୍ଟରେ ୪୩.୬୮ ହାରରେ ୬୯୯ ଓ ଦିନିକିଆରେ ୫୦.୬୮ ହାରରେ ୭,୮୦୫ ରନ ସଂଗ୍ରହ କରିଥିଲେ। ସେହିପରି ଟି-୨୦ରେ ସେ ୩୭.୫୨ ହାରରେ ୨,୩୬୪ ରନ ସଂଗ୍ରହ କରିଥିଲେ। ଦିନିକିଆରେ ସେ ୭ଟି ଶତକ ଓ ୬୪ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ।ମିତାଲିଙ୍କୁ ଭାରତ ଓ ତଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ବ୍ୟାଟର ଭାବେ ବିବେଚନା କରାଯାଏକ। ବିଶ୍ୱ କ୍ରିକେଟରେ ତାଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ମିତାଲିଙ୍କୁ କିମ୍ବଦନ୍ତୀ ଆଖ୍ୟା ମିଳିଛି। ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ଜଣେ ୱିକେଟକିପର ବ୍ୟାଟର ଭାବେ ଖେଳିଥିବା ୨୯ ବର୍ଷୀୟ ରବି କଳ୍ପନା ଭାରତ ପାଇଁ ୭ଟି ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS